ବର୍ଷ-୯
ସଂଖ୍ୟା-୧୪୧
ତା.୦୭ ଜୁଲାଇ ୨୦୨୨
ଗୁରୁବାର, ପୃଷ୍ଠା-୮,ମୂଲ୍ୟ-୨ଟଙ୍କା
RNI,Regd.No.ODIODI/2014/54949




କେନ୍ଦ୍ର ମନ୍ତ୍ରୀ ମଣ୍ଡଳରୁ ଇସ୍ତଫା ଦେଲେ ମୁଖତାର ଆବ୍ବାସ ନକଭି


PRAJABARTA

# ପ୍ରଜାବାର୍ତ୍ତା

ଦୈନିକ ଓଡ଼ିଆ ଖବର କାଗଜ // Odia Daily News Paper

Vol-9
Issue-141
Date:07, July 2022
Thursday, Page-8, Rs-2/-
POSTAL Regd.No.10120(K)/17/2018-21




ରେଳମନ୍ତ୍ରୀଙ୍କୁ ସାକ୍ଷାତ କଲେ ପ୍ରତାପ ଷଡ଼ଙ୍ଗୀ, ୭ ଦଫା ଦାବିପତ୍ର ପ୍ରଦାନ


Odisha's first and only one Tribal area's Daily News Paper Published from Undeveloped & Backward K.B.K.Districts soil

ଓଡିଶାର ଅନୁନ୍ନତ ଓ ପଛୁଆ ଜିଲ୍ଲାର ପ୍ରଗତି ତଥା ଉନ୍ନତି ପଥେ କେବିକେ ଜିଲ୍ଲା ମାଟିର ପ୍ରଥମ ଓ ଏକ ମାତ୍ର ଦୈନିକ ଓଡିଆ ଖବର କାଗଜ ଆପଣଙ୍କ ସାଥିରେ...


# ପ୍ରକାଶ ପାଇଲା ମାଟ୍ରିକ ରେଜଲ୍ଟ, ପାସ୍ ହାର ୯୦.୫୫%

ଭୁବନେଶ୍ୱର, ୦୬ ଜୁଲାଇ - ପ୍ରକାଶ ପାଇଲା ଚଳିତ ବର୍ଷର ମାଟ୍ରିକ୍ ରେଜଲ୍ଟ। ଚଳିତ ବର୍ଷ ମାଟ୍ରିକ୍ ପାସ୍ ହାର ୯୦.୫୫% ରହିଛି। ଚଳିତ ବର୍ଷ ମୋଟ ୫ ଲକ୍ଷ ୨୬ ହଜାର ୮୧୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୫,୧୭,୮୪୭ ଜଣ ପାସ୍ କରିଥିବା ବେଳେ ୮,୬୯୯ ଜଣ ଫେଲ୍ ହୋଇଛନ୍ତି। ଛାତ୍ରଙ୍କ ଠାରୁ ଛାତ୍ରୀ ଆଗୁଆ ରହିଛନ୍ତି। ୨, ୫୬, ୮୭୭ ଛାତ୍ର ପାସ୍ କରିଥିବା ବେଳେ ପାସ୍ କରିଥିବା ଛାତ୍ରୀଙ୍କ ସଂଖ୍ୟା ହେଉଛି ୨, ୬୦, ୯୭୦। ଏ୧ ଗ୍ରେଡ୍ ରେ ୮୧୧୯ ଛାତ୍ରଛାତ୍ରୀ ପାସ୍ କରିଥିବା ବେଳେ ୫୪୮୮୯ ଜଣ ଏ-୨ ବର୍ଗରେ, ୧୨୦୩୧୨ ଜଣ ବି-୧ ବର୍ଗରେ ଏବଂ ୧୪୨୫୯୯ ଜଣ ବି-୨ ବର୍ଗରେ ଉନ୍ନିତ ହୋଇଛନ୍ତି। ସେହିପରି ସି ବର୍ଗରେ୧,୧୬,୧୧୧, ଡିରେ୫୯,୨୪୫, ଇରେ ୧୪,୬୪୭ ଏବଂ ଏଫ୍ ରେ ୭୭୯୦ ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ଏମାନଙ୍କ ମଧ୍ୟରେ ୧.୪୨ ପ୍ରତିଶତ ବିଦ୍ୟାର୍ଥୀ ୯୦ ଶତକଡ଼ାରୁ ଊର୍ଦ୍ଧ୍ୱ ମାର୍କ ରଖିଛନ୍ତି। ଚଳିତ ବର୍ଷ ଛାତ୍ରମାନଙ୍କ ପାସ୍ ହାର ୮୮.୭୭ ପ୍ରତିଶତ ଥିବାବେଳେ ଛାତ୍ରୀମାନଙ୍କ ପାସ ହାର ୯୨.୩୭ ପ୍ରତିଶତ ରହିଛି ଏବଂ ମୋଟ ପାସ୍ ହାର ୯୦.୫୫ ପ୍ରତିଶତ ରହିଛି। ବୁଧବାର ଦିନ ୧ଟାରେ କଟକ ବୋର୍ଡ କାର୍ଯ୍ୟାଳୟରେ ଆନୁଷ୍ଠାନିକ ଭାବେ ଦଶମ ପରୀକ୍ଷା ଫଳ ଘୋଷଣା ହୋଇଛି। ସ୍କୁଲ୍ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଆନୁଷ୍ଠାନିକ ଭାବେ ରେଜଲ୍ଟ ଘୋଷଣା କରିଛନ୍ତି। ୧୧୭୦ ସ୍କୁଲରେ ସମସ୍ତ ପିଲା ପାସ୍ କରିଛନ୍ତି। ୩ଟି ସ୍କୁଲରେ କୌଣସି ପିଲା ପାସ୍ କରିନାହାନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ମାଲକାନଗିରିର ୨ଟି ଓ ଅନୁଗୁଳର ଗୋଟିଏ ସ୍କୁଲରେ ଶୂନ ରେଜଲ୍ଟ ହୋଇଛି। ମାଲକାନଗିରିର ୨ଟି ସ୍କୁଲରେ ମୋଟ ୨ଟି ପିଲା ପଢୁଥିଲେ ଏବଂ ଅନୁଗୁଳର ଉଚ୍ଚ ସ୍କୁଲରେ ମାତ୍ର ୨ଟି ପିଲା ପଢୁଥିଲେ। ଅପରପକ୍ଷରେ ରେଜଲ୍ଟରେ ଅସନ୍ତୁଷ୍ଟ ପିଲା ରି-ଚେକିଂ ପାଇଁ ଜୁଲାଇ ୧୧ରୁ ୨୫ ପର୍ଯ୍ୟନ୍ତ ଅନଲାଇନରେ ଆବେଦନ କରିହେବ। ଛାତ୍ରଛାତ୍ରୀମାନେ ଡବ୍ଲୁଡବ୍ଲୁଡବ୍ଲୁ ଡଟ୍ ବିଏସଇ ଡଟ୍ ଓଡିଶା ଡଟ୍ ଏସି ଡଟ୍ ଇନ୍ ୱେବ୍‌ସାଇଟ୍‌ରୁ ରେଜଲ୍ଟ ଜାଣିପାରିବେ। ଏହାଛଡ଼ା ଆପଣ ଓଆର (୧୦) ରୋଲ ନମ୍ବର ଲେଖି ୫୬୭୬୭୫୦ ନମ୍ବରକୁ ଏସଏମଏସ୍ କରି ପରୀକ୍ଷା ଫଳ ଜାଣିହେବ। ସୂଚନାଥାଉ କି, ଏପ୍ରିଲ୍ ୨୮ରୁ ମେ ୭ ଯାଏ ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ସମୁଦାୟ ୫୭୧୯୦୯ ଜଣ ବିଦ୍ୟାର୍ଥୀ ମାଟ୍ରିକ୍ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିବାବେଳେ ୫୨୬୮୧୮ ଜଣ ପରୀକ୍ଷା ଦେଇଥିଲେ। ମେ ୨୧ରୁ ରାଜ୍ୟର ୫୮ଟି କେନ୍ଦ୍ରରେ ମୂଲ୍ୟାୟନ କରାଯାଇଥିଲା। ଚଳିତ ବର୍ଷ ନୂଆ ମୂଲ୍ୟାୟନ ପଦ୍ଧତିରେ ମୂଲ୍ୟାୟନ କରାଯାଇଛି। ଇଂଟରନାଲ୍ ଆସେସ୍‌ମେଂଟ, ସମେଟିଭ ଆସେସ୍‌ମେଂଟ ୱାନ୍ ଓ ସମେଟିଭି ଆସେସ୍‌ମେଂଟ ଟୁ ର ୱେଟେଜ୍ ଆଧାରରେ ପିଲାଙ୍କୁ ମାର୍କ ଦିଆଯାଇଛି। ଏହି ପରୀକ୍ଷା ଫଳ ଘୋଷଣା ସମୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଏବଂ ମାଧ୍ୟମିକ ଶିକ୍ଷା ପରିଷଦ, କଟକର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



- ୫, ୧୭, ୮୪୭ ଜଣ ପାସ୍, ୮,୬୯୯ ଜଣ ଫେଲ୍
- ୨, ୫୬, ୮୭୭ ଛାତ୍ର, ୨, ୬୦, ୯୭୦ ଛାତ୍ରୀ ପାସ୍
- ଜୁଲାଇ ୧୧ରୁ ୨୫ଯାଏଁ ରିଚେକିଂ ଆବେଦନ

## ମାଟ୍ରିକ୍ ପାସ୍ କଲେ ଫୁଲବାଣୀ ବିଧାୟକ



କନ୍ଧମାଳ/ଭୁବନେଶ୍ୱର, ୦୬ ଜୁଲାଇ – ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ମାଟ୍ରିକ୍ ପରୀକ୍ଷାରେ ପାସ୍ କରିଛନ୍ତି। ବିଧାୟକ କହଁର ୭୨ ପ୍ରତିଶତ ମାର୍କ ରଖି ବି-୧ ଗ୍ରେଡ୍ ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି। ବିଧାୟକ ଅଙ୍ଗଦ କହଁର ମୋଟ୍ ୩୬୪ ମାର୍କ ରଖି ସଫଳତା ହାସଲ କରିଛନ୍ତି। ଚଳିତ ୨୦୨୨ ଏସଆଇଓଏସରେ ମାଟ୍ରିକ୍ ପରୀକ୍ଷା ଦେଇଥିଲେ। ମାଟ୍ରିକ୍ ପରୀକ୍ଷାରେ ପାସ୍ ହେବା ପରେ ବିଧାୟକ କହଁର ଅତ୍ୟନ୍ତ ଖୁସି ବ୍ୟକ୍ତ କରିବା ସହ ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ। ଏହାପରେ ସେ ଆଗକୁ ମଧ୍ୟ ପାଠପଢା ଜାରି ରଖିବେ ବୋଲି କହିଛନ୍ତି।

## ସୁଇସାଇଡ୍ କଲା ଗର୍ଲଫ୍ରେଣ୍ଡ ବନ୍ଧା ହେଲା ବୟଫ୍ରେଣ୍ଡ



ଭୁବନେଶ୍ୱର, ୦୬ ଜୁଲାଇ – ଭୁବନେଶ୍ୱର ଆଚାର୍ଯ୍ୟ ବିହାରରେ ରହୁଥିବା ଏମସିଏ ଛାତ୍ରୀ ଆଶ୍ରିତା ସେନାପତି ଆତ୍ମହତ୍ୟା ଘଟଣାରେ ପୁରୁଷ ବନ୍ଧୁ ସତ୍ୟ ପ୍ରକାଶ ଦାଶକୁ ଗିରଫ କରିଛି ସହିଦନଗର ଥାନା ପୋଲିସ। ଆଶ୍ରିତାଙ୍କ ନିକଟରୁ ମିଳିଥିବା ସୁଇସାଇଡ୍ ନୋଟରେ ସତ୍ୟ ଦାଶଙ୍କ ନାମ ଉଲ୍ଲେଖ ଥିବାରୁ ପୋଲିସ୍ ତାଙ୍କୁ ଗିରଫ କରିଛି। ସତ୍ୟ ଓ ଆଶ୍ରିତାଙ୍କ ମଧ୍ୟରେ ୯ ବର୍ଷ ଧରି ପ୍ରେମ ସମ୍ପର୍କ ରହିଥିଲା। ଉଭୟ ଗୋଟିଏ ଗାଁର ବୋଲି ସୂଚନା ମିଳିଛି। ମିଳିଥିବା ସୂଚନା ଅନୁସାରେ ଅନ୍ୟ ଯୁବକଙ୍କ ସହ କଥା ହେବାକୁ ସନ୍ଦେହ କରି ଆଶ୍ରିତା ଆତ୍ମହତ୍ୟା କରିବା ପୂର୍ବ ଦିନ ତାଙ୍କୁ ନିର୍ଘୁମ ମାଡ ମାରିଥିଲେ ବୟଫ୍ରେଣ୍ଡ ସତ୍ୟ। ୨୦୧୪ ମସିହାରୁ ଆଶ୍ରିତାଙ୍କୁ ଭଲ ପାଇ ଆସୁଥିଲେ ସତ୍ୟ ପ୍ରକାଶ। ତେବେ ୨୦୧୯ ମସିହାରୁ ଆଉ ଜଣେ ଯୁବକ ସହ ଆଶ୍ରିତା କଥା ହେଉଥିଲେ।

## ମାଟ୍ରିକ୍ ପରୀକ୍ଷାରେ ସଫଳ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଭୁବନେଶ୍ୱର, ୦୬ ଜୁଲାଇ - ବୁଧବାର ଦିନ ଦଶମ ଶ୍ରେଣୀ ପରୀକ୍ଷାଫଳ ପ୍ରକାଶ ପାଇଛି। ଏଥିରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି ଯେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା। ପରୀକ୍ଷା ଦେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କର ଉଦ୍ୟମ ପ୍ରଶଂସନୀୟ। ଆଶାତୀତ ଫଳାଫଳ ପାଇ ନଥିବା ଛାତ୍ରଛାତ୍ରୀ ମାର୍କ ନିର୍ବିଶେଷରେ ସର୍ବଦା ଆଗକୁ ବଢିବାର ଇଚ୍ଛା ନେଇ ଆତ୍ମବିଶ୍ୱାସର ସହ କଠୋର ପରିଶ୍ରମ ଜାରି ରଖନ୍ତୁ।

## ଦକ୍ଷିଣମୋଡ଼ ହୋଇ ନାକଚଣା ଦ୍ୱାରରେ ଲାଗିଲା ତିନିରଥ

ପୁରୀ, ୬ ଜୁଲାଇ : ଆଜି ସପ୍ତମୀ ତିଥି, ୩ ରଥର ଦକ୍ଷିଣମୋଡ କରାଯିବା ସହ ବାହୁଡ଼ାଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଆଜିଠୁ ମହାପ୍ରଭୁ ଶ୍ରୀମନ୍ଦିରକୁ ବାହୁଡ଼ାଯାତ୍ରାରେ ଫେରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାରରେ ଥିବା ତିନି ରଥକୁ ଦକ୍ଷିଣମୋଡ଼ କରାଯାଇଛି। ବର୍ତମାନ ଶ୍ରୀ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ, ବଳଭଦ୍ରଙ୍କ ତାଳଧ୍ୱଜ ରଥ ଏବଂ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଶ୍ରୀ ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ସମ୍ମୁଖ ଶରଧାବାଲିରେ ଦଣ୍ଡାୟମାନ। ଏଥିପାଇଁ ପୂର୍ବରୁ ଶରଧାବାଲି ସମ୍ମୁଖକୁ ସଫାସୁତରା କରାଯାଇଥିଲା। ବାଲି ବିଛା ଯାଇ ସମତୁଲ କରାଯାଇଥିଲା। ରଥଯାତ୍ରା ପରଠାରୁ ତିନି ରଥ ଉତର ମୁହାଁ ହୋଇ ରହିଥିଲେ। ଦକ୍ଷିଣ ମୋଡ ନେବା ପୂର୍ବରୁ ତିନି ଦିଅଁଙ୍କ ଶ୍ରୀଅଙ୍ଗରୁ ତିନିଖଣ୍ଡ ଆଜ୍ଞାମାଳ ସକାଳ ଧୂପ ପରେ ଆସି ରଥ ନିକଟରେ ପହଂଚିଥିଲା। ଏହି ଅଜ୍ଞାମାଳ ରଥରେ ଲାଗି ହେବା ପରେ ତିନି ରଥକୁ ଦକ୍ଷିଣମୋଡ କରାଯାଇଥିଲା। ପ୍ରଥମେ ଦେବୀ ସୁଭଦ୍ରାଙ୍କ ରଥ, ପରେ ଶ୍ରୀବଳଭଦ୍ରଙ୍କ ରଥ ଓ ଶେଷରେ ଶ୍ରୀଜଗନ୍ନାଥଙ୍କ ରଥକୁ ଦକ୍ଷିଣ ମୋଡ କରାଯାଇଥିଲା। ପୋଲିସ ସହାୟତାରେ ତିନି ରଥକୁ ଦକ୍ଷିଣ ମୋଡ କରାଯାଇଥିଲା। ବାହୁଡା ଯାତ୍ରା ପୂର୍ବରୁ ଗତକାଲି ତିନି ରଥର ମରାମତି କାମ ଶେଷ ହୋଇଛି। ଭକ୍ତମାନେ ଶ୍ରୀଜୀଉଙ୍କ ଆଡପଦର୍ଶନ, ଆଡ଼ପ ଅବଢ଼ା ପାଇବା ସହ ପଲ୍ଲିଶ୍ରୀ ମେଳା ବୁଲି ଦେଖୁଛନ୍ତି।



## ଭାଗଚାଷୀ ଆଇନକୁ ନେଇ କଥା କଟାକଟି ହେଲେ ନରସିଂହ ଓ ରଣେନ୍ଦ୍ର ପ୍ରତାପ

ଭୁବନେଶ୍ୱର, ୦୬ ଜୁଲାଇ - ବୁଧବାର ବିଧାନସଭାରେ ପ୍ରଶ୍ନକାଳ ସମୟରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏବଂ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁହାଁମୁହିଁ ହୋଇଥିବା ଦେଖିବାକୁ ମିଳିଛି। ବିଧାୟକ ମକରନ୍ଦ ମୁଦୁଲୀଙ୍କ ରାୟଗଡା ଜିଲ୍ଲାରେ କୃଷିର ସ୍ଥିତି ସମ୍ପର୍କିତ ଏକ ପ୍ରଶ୍ନ ଉପରେ ଆଲୋଚନା ବେଳେ ଏପରି ସ୍ଥିତି ଦେଖିବାକୁ ମିଳିଥିଲା। କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ଅତିରିକ୍ତ ପ୍ରଶ୍ନରେ ରାଜ୍ୟରେ ଭାଗଚାଷୀ ଆଇନ ନଥିବା ସତ୍ୱେ କିପରି ରାୟଗଡ଼ାର ଚାଷୀଙ୍କୁ ସହାୟତା ଦିଆଗଲା ଏବଂ ସେହି ଜିଲ୍ଲାର ଚାଷୀଙ୍କ ଆୟ କେତେ ତାହାର ଉତର ମନ୍ତ୍ରୀ ଗୃହରେ ରଖନ୍ତୁ ବୋଲି ଦାବି କରିଥିଲେ। ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଭାଗ ଚାଷୀ ସମ୍ପର୍କିତ ପ୍ରଶ୍ନର ଉ



ମାତ୍ର ମନ୍ତ୍ରୀ ସ୍ପଷ୍ଟ ଉତର ଦେଇନଥିବା କହି ନରସିଂହ ମିଶ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ। ଗୃହରେ କିଛି ସମୟ ପାଇଁ ନରସିଂହ ମିଶ୍ର ଓ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା।

## ଅଭିନେତ୍ରୀ ରଶ୍ମିଙ୍କ ପରେ ପ୍ରେମିକ ସନ୍ତୋଷଙ୍କ ଆତ୍ମହତ୍ୟା

ରାଉରକେଲା, ୬ ଜୁଲାଇ :ଭୁବନେଶ୍ୱରରେ ଟେଲି ଫିଲ୍ମ ଅଭିନେତ୍ରୀ ରଶ୍ମୀରେଖା କୌଣସି କାରଣରୁ ଆତ୍ମହତ୍ୟା କରିବା ପରେ ରାଉରକେଲାରେ ରହୁଥିବା ତାଙ୍କ ପ୍ରେମିକ ସନ୍ତୋଷ ପାତ୍ର ଗତକାଲି ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଖବର ଆଜି ଲୋକ ଲୋଚନକୁ ଆସିଛି। ରାଉରକେଲା ଉଦିତନଗର ପୁଲିସ ଖବର ପାଇ ସହରର ବାସନ୍ତୀ କଲୋନୀ ଠାରେ ପହଁଚି ଘଟଣାସ୍ଥଳରୁ ଶବ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇବା ସହ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ମାମଲାରେ ଯାହା ସନ୍ତୋଷଙ୍କ



ପରିବାର ଲୋକେ କହିବା କଥା, ସନ୍ତୋଷ ବିଗତ ୧୫ ଦିନ ହେଲା ମାନସିକ ଚାପରେ ଥିଲେ। ତା ଭିତରେ ସେ ପୁଲିସିର ପଚରା ଉଚରାକୁ ସମ୍ମୁଖିନ ହୋଇଥିଲେ। ତେବେ ଘରେ ଥିବାବେଳେ ସେ ଜୀବନ ହାରିଦେବେ ବୋଲି କହୁଥିଲେ। ଏ ଖବର ତାଙ୍କ ପରିବାର ଲୋକେ ଆଗରୁ ଜାଣି ମଧ୍ୟ କୌଣସି ପଦକ୍ଷେପ ନେଇପାରିଲେନି। ଶେଷରେ ଆତ୍ମହତ୍ୟା କଲେ ସନ୍ତୋଷ। ଖବରରୁ ଯାହା ଜଣାପଡିଛି ଏହି ୨ ମୃତକଙ୍କ ମଧ୍ୟରେ ସଂପର୍କ ଅତି ନିବିଡ ଥିଲା। ଉଭୟ ବିବାହ ପୂର୍ବରୁ ମିଳିମିଶି ରହୁଥିଲେ।

## BJDକୁ ଅଡୁଆ ନିଜ ଦଳର ବିଧାୟକ, ସରକାରୀ ଅଧିକାରୀଙ୍କ ଉପରେ ବର୍ଷିଲେ ସୌମ୍ୟରଂଜନ

### *ସୌମ୍ୟ କହିଲେ ଭୁଲ୍ ତଥ୍ୟ ଦେଇ ଆମକୁ ସଜାଉଛନ୍ତି ମିଛୁଆ, ଆନନ୍ଦପୁରର ସ୍ୱାସ୍ଥ୍ୟ ଭିତ୍ତିଭୂମି ଗୁମର ଖୋଲିଲେ ଭାଗିରଥୀ*

ଭୁବନେଶ୍ୱର, ୦୬ ଜୁଲାଇ : ବିରୋଧୀ ନୁହଁନ୍ତି ବରଂ ବିଧାନସଭାରେ ସରକାରଙ୍କ ପାଇଁ ଅଡୁଆ ଖୋଦ୍ ଶାସକ ସଦସ୍ୟ। ସରକାରଙ୍କୁ ଅଡୁଆରେ ପକାଉଛନ୍ତି ବିଜେଡି ବିଧାୟକ। ଆଜି ଶୂନ୍ୟକାଳରେ ଦେଖିବାକୁ ମିଳିଥିଲା ଏମିତି କିଛି ଚିତ୍ର। ବରିଷ୍ଠ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ଭାଗିରଥୀ ସେଠୀ ସରକାରଙ୍କ ଗୁମର ଖୋଲିଥିଲେ। ସୌମ୍ୟଙ୍କ ଟାର୍ଗେଟରେ ଥିଲେ ସରକାରୀ ଅଧିକାରୀ। ରାଜ୍ୟରେ ମଦ୍ୟପାନ କରୁଥିବା ମହିଳାଙ୍କ ସଂଖ୍ୟା ବଢୁଥିବା ନେଇ ସେ ପଚାରିଥିବା ପ୍ରଶ୍ନର, ସରକାରୀ ଅଧିକାରୀ ଯେଉଁ ତଥ୍ୟ ରଖିଥିଲେ ତାକୁ ନେଇ ଉଦବେଗ ପ୍ରକାଶ କରିଥିଲେ। ସରକାରୀ ଅଧିକାରୀ ଭୁଲ ଏବଂ ଭିନ୍ନ ଭିନ୍ନ ତଥ୍ୟ ଦେଇ ବିଧାୟକମାନଙ୍କୁ ମିଛୁଆ ସଜେଇ ଦେଉଥିବା ସେ ଅଭିଯୋଗ କରିଛନ୍ତି। ମିଛୁଆ ହୋଇ ଆମେ କାହିଁକି ବିଧାନସଭାରେ ରହିବୁ ବୋଲି ସେ ପ୍ରଶ୍ନ କରିଥିଲେ। ମହାନଦୀ ଓ ଅନ୍ୟ ନଦୀଗୁଡିକର ଜଳ ସଂରକ୍ଷଣ କରାଯାଉନଥିବାରୁ ସୌମ୍ୟ ସରକାରଙ୍କୁ କଡା ସମାଲୋଚନା କରିଥିଲେ। ରାଜ୍ୟରେ ସରକାରୀ ଅଧିକାରୀଙ୍କ ଅହଂକାର ବଢି ଯାଇଛି। ଅଙ୍କୁଶ ନ ଲାଗିଲେ ଗଣତନ୍ତ୍ର ବିପଦରେ ପଡିବ ବୋଲି ବିଧାନସଭା ବାହାରେ ସେ କଡା ପ୍ରତିକ୍ରିୟା ରଖିଛନ୍ତି। ସେହିପରି ନିଜ ଅଞ୍ଚଳର ସ୍ୱାସ୍ଥ୍ୟସେବା ସମସ୍ୟାକୁ ନେଇ ବର୍ଷିଥିଲେ ଆନନ୍ଦପୁର ବିଧାୟକ ଭାଗିରଥୀ ସେଠୀ। ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ଫାର୍ମାସିଷ୍ଟ ନଥିବା ବେଳେ ପିଅନ ରୋଗୀଙ୍କୁ ଇଞ୍ଜେକ୍ସନ ଦେଉଥିବା କହିଥିଲେ ଭାଗିରଥୀ। ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ତୁରନ୍ତ ସଜାଡିବା ସହ ଡାକ୍ତର ଓ ଫାର୍ମାସିଷ୍ଟ ପଦବୀ ପୂରଣ ଲାଗି ଦାବି କରିଥିଲେ। ସରକାରୀ ଅଧିକାରୀମାନେ ତାଙ୍କ କଥା ଶୁଣୁନଥିବା ଅଭିଯୋଗ ଆଣିବା ସହ ଏନେଇ ମନ୍ତ୍ରୀଙ୍କୁ କହିବା ଯାହା ନିଜ ଗାଲରେ ଚାପୁଡ଼ା ମାରିବା ସେଇଆ ବୋଲି ତାଚ୍ଛଲ୍ୟ କରିଥିଲେ ଭାଗିରଥୀ ସେଠୀ। ତେବେ ଏଭଳି ଭାବରେ ଏବେ ଶାସକ ଦଳ ବିଧାୟକ ମାନେ ସରକାରଙ୍କୁ କାଠଗଡ଼ାରେ ଠିଆ କରିଛନ୍ତି। ସେପଟେ ବିଧାନସଭାରେ ବିଧାୟକଙ୍କ ସାମ୍ବିଧାନିକ ଅଧିକାର କ୍ଷୁର୍ଣ୍ଣ କରାଯାଉଛି ବୋଲି ଶୂନ୍ୟକାଳରେ ଅଭିଯୋଗ କରିଥିଲେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର। ବିଲ୍ ଆଲୋଚନା ପୂର୍ବରୁ ବିଧାୟକମାନଙ୍କୁ ସେଇ ବିଲର ଡକ୍ୟୁମେଣ୍ଟ ଦିଆଯାଉନି ବୋଲି ଅଭିଯୋଗ କରିଛନ୍ତି ନରସିଂହ। ବୁକ ସାର୍କୁଲାର ୪୭ ଉଲଂଘନ ହେଉଥିବା ଓ ମୁଖ୍ୟମନ୍ତ୍ରୀଠୁ ଆରମ୍ଭ କରି ସରକାରୀ ଅଧିକାରୀଙ୍କ ପର୍ଯ୍ୟନ୍ତ ଯାହାଙ୍କୁ ବି ଚିଠି ଲେଖିଲେ କେହି ବି ଉତ୍ତର ଦେଉନଥିବା ସେ ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ।

# ଏସଡିଜିଏମ ଙ୍କ ଅକାଳ ଦୈବ ଦୁର୍ଘଟଣା ଜନିତ ମୃତ୍ୟୁରେ ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ଗଭୀର ଶ୍ରଦ୍ଧାଞ୍ଜଳି

ରାଇରଙ୍ଗପୁର ୦୬/୭ (ନି.ପ୍ର) : ଗତ ଜୁନ ୩୦ ତାରିଖ ପରାହ୍ନରେ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର କୋର୍ଟର ଏସଡିଜିଏମ ସ୍ମରଣିକା ପ୍ରଧାନଙ୍କ ପୁରୀ ରଥଯାତ୍ରା ଦର୍ଶନ ଏବଂ ତାଙ୍କ ପୈତୃକ ଗ୍ରାମରେ ବାଲୁଙ୍କେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗ ଦେବାପାଇଁ ନିଜ ସ୍ୱାମୀଙ୍କ ସହ ନିଜ କାରରେ ଯାଉଥିବା ସମୟରେ ଜାତୀୟ ରାଜପଥ ୪୯ ନମ୍ବର ଯଶିପୁର ର ଚାଇଁନେବଦା ଗ୍ରାମ ପାଖରେ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ତାଙ୍କର ଦେହାନ୍ତ ହୋଇଯାଇଥିଲା । ତାଙ୍କରି ଅମର ଆତ୍ମାର ସଦଗତି ପାଇଁ ରାଇରଙ୍ଗପୁର କୋର୍ଟରେ ଏବଂ ଓକିଲ ସଂଘ ତରଫରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ରାଇରଙ୍ଗପୁର କୋର୍ଟ ପରିସରରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଦୀପକ କୁମାରଙ୍କ ଅଧ୍ୟକ୍ଷତାରେ ଶୋକସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସବଜଜ୍ ବାସୁଦେବ ଆଚାର୍ଯ୍ୟ, ଜେଏମଏଫସି ମୋନିକା ଆଚାର୍ଯ୍ୟ,ବର୍ଷୀୟାନ ଓକିଲ ରସାନନ୍ଦ ଲେଙ୍କା, ପୂର୍ବତନ ଓକିଲ ସଂଘ ସଭାପତି ପ୍ରଭାସ କବି, ରାଇରଙ୍ଗପୁର ଓକିଲ ସଂଘ ସଭାପତି ଅକ୍ଷୟ ମହାନ୍ତି,ସଂପାଦକ ହରି ଚରଣ ସାହୁ,ବୀର କିଶୋର ମହାପାତ୍ର ସରକାରୀ ଓକିଲ ଅର୍ଚ୍ଚନା ଦତ୍ତ, ସରକାରୀ ଓକିଲ ଲକ୍ଷ୍ମୀ ମହାନ୍ତି, ସରକାରୀ ଓକିଲ ନିୟତି ମହାନ୍ତି, ନମିତା ଦତ୍ତ,କାର୍ଯ୍ୟରତ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ଦିବଂଗତ ସ୍ମରଣିକା ପ୍ରଧାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଗଭିର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ପରେ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ଭଗବାନଙ୍କ ପାଖରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।ସମସ୍ତଙ୍କ ମୁହଁରେ ଗୋଟିଏ କଥା ସ୍ମରଣିକା ପ୍ରଧାନ ଜଣେ ମିଷ୍ଟଭାଷୀ, ଦାୟିତ୍ୱ ସଂପନା ଜଜ୍, କଠିନ ପରିଶ୍ରମୀ ,ଦରଦି ମହିଳା,ପରୋପକାରୀ , ଧର୍ମପରାୟଣା ଯୁବ ନ୍ୟାୟଧୀଶ ଥିଲେ । କର୍ମ କ୍ଷେତ୍ରରେ ଯେମିତି ନିଷ୍ଠାବାନ ନିଜର ପରିବାର ପ୍ରତି ମଧ୍ୟ ସେତିକି ଉତ୍ସର୍ଗୀକୃତ ଥିଲେ । ଦେଢ଼ ବର୍ଷ ହେଲା ରାଇରଙ୍ଗପୁର କୋର୍ଟ ରେ ନିଷ୍ଠାର ସହ ଦାୟିତ୍ୱ ନିଭାଇଥିଲେ । ଅଳ୍ପ ଦିନରେ ରାଇରଙ୍ଗପୁର ସହରବାସୀଙ୍କର ଅତି ନିକଟତର ହୋଇପାରିଥିଲେ । ଜଗନ୍ନାଥ ମହାପ୍ରଭୁ ଏଭଳି ଦୁଃଖଦ ସମୟରେ ତାଙ୍କର ସ୍ୱାମୀ , ଶଶୁର ଘର ଓ ପୈତୃକ ଘରେ ପରିବାର ବର୍ଗଙ୍କୁ ଧୈର୍ଯ୍ୟ ଓ ସାହସ ଦିଅନ୍ତୁ ପରିସ୍ଥିତିର ମୁକାବିଲା ପାଇଁ । ସେହିଭଳି ରାଇରଙ୍ଗପୁର ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ଓକିଲ ସଂଘ ସଭାପତି ଅକ୍ଷୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ରାଇରଙ୍ଗପୁର ଓକିଲ ସଂଘର କାର୍ଯ୍ୟକର୍ତ୍ତାଙ୍କ ସମେତ ବହୁ ଅଧୀବକ୍ତା ସାମିଲ ହୋଇ ସ୍ୱର୍ଗତ ଏସଡିଜିଏମ ସ୍ମରଣିକା ପ୍ରଧାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।ସ୍ମୃତିଚାରଣ ସଭାରେ ଯୁବନ୍ୟାୟଧୀଶ ସ୍ମରଣିକା ପ୍ରଧାନଙ୍କ ଅକାଳ ବିୟୋଗ ନେଇ ତାଙ୍କ ଅମର ଆତ୍ମାର ସ୍ମୃତି ନିମନ୍ତେ ଭଗବାନଙ୍କ ପାଖରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ଏସଡିଜିଏମ୍ ଉପରେ ତାଙ୍କ ସହିତ ମିଶିଥିଲା ଅଧୀବକ୍ତାମାନେ ତାଙ୍କର କାର୍ଯ୍ୟଦକ୍ଷତା, ଓକିଲ ମାନଙ୍କ ସହ ସୁସଂପର୍କ ରଖିବା, ପ୍ରକୃତ ନ୍ୟାୟ ପାଉଥିବା ଲୋକଙ୍କୁ ନ୍ୟାୟ ଦେବା, ଇତ୍ୟାଦି ଉପରେ ଆଲୋକପାତ କରିଥିଲେ । ଏଭଳି ଦୁଃଖଦ ସମୟରେ ଜଗନ୍ନାଥ ମହାପ୍ରଭୁ ତାଙ୍କ ପରିବାର ବର୍ଗଙ୍କୁ ଅସୀମ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ ବୋଲି ସମସ୍ତେ କହିଥିଲେ । ଶୋକସଭାରେ ବର୍ଷୀୟାନ ଅଧୀବକ୍ତା ରସାନନ୍ଦ ଲେଙ୍କା, ପ୍ରଭାସ କବି, ସଂପାଦକ ହରି ଚରଣ ସାହୁ ରାଜେନ୍ଦ୍ର ରାମ, ମନୋଜ ଦାସ, ଜୀବନ ପାତ୍ର, ରାମେଶ୍ୱର ଅଧିକାରୀ, କିଶୋର ମହାନ୍ତ, ବୈଜୟନ୍ତୀ ଦଳେଇ, ନିବେଦିତା ଗିରି, ରାନୀ ହାଁସଦା, ପ୍ରଧାନ ମାଡାମ, ବିଭୁ ପ୍ରସାଦ ଲେଙ୍କା ସାମିଲ ହୋଇଥିଲେ ।

## ୭୩ ତମ ଜାତୀୟ ବନ ମହୋତ୍ସବ ସପ୍ତାହ ପାଳିତ

ଝରିଗାଁ ୦୬/୭ (ନି.ପ୍ର) :ପାଳିଆ ଗ୍ରାମପାୟତର ବଡ଼ନୀ ସେବାଶ୍ରମ ବିଦ୍ୟାଳୟ ଏବଂ ରତାଖଣ୍ଡିଗୁଡାର ଆଦିବାସୀ ଛୋଟାଗୁଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ରେ ଝରିଗାଁ ବନବିଭାଗ ତରଫରୁ ୭୩ତମ ବନମହୋତ୍ସବ ପାଳନ କରାଯାଇଛି । ଉକ୍ତ ଉତ୍ସବରେ ଝରିଗାଁ ରେଞ୍ଜର, ଶ୍ରୀ ମୁକୁନ୍ଦ ଦିଶାରୀ,ଫରେଷ୍ଟର ଗୋବିନ୍ଦ ନାୟକ, ଆମ ଜଙ୍ଗଲ ଯୋଜନାର ଦଳପତି ଶ୍ରୀ ଶରତ ଡାକୁଆ, ଉନ୍ନୟନ ଅଧିକାରୀ ଶ୍ରୀ କମଲସାଇ ସାନ୍ତା,ଦେବିସିଂ ଖର୍ଶ ?ଲ୍ ସହ ବିଟ୍ ଫରେଷ୍ଟ ଗାର୍ଡ ପାରାଗାର୍ଡ ଏବଂ ସ୍କୁଲର ପ୍ରଧାନ ଶିକ୍ଷକ ପାଳିଆ ପଞ୍ଚାୟତ ସରପଞ୍ଚ ରାଧା ସାନ୍ତା ଓ ରାତାଖଣ୍ଡିଗୁଡା ସରପଞ୍ଚ ଜୟମଣୀ ଗଣ୍ଡ ଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ । ଝରିଗାଁ ରେଞ୍ଜର ଶ୍ରୀ ଦିଶାରୀ ସମସ୍ତଙ୍କୁ ନିଜ ଜମିହୁଡାରେ ଗଛ ଲଗାଇବା ସହ ଜଙ୍ଗଲ ସୁରକ୍ଷା ସଂପର୍କରେ ବୁଝାଇଥିଲେ ।ଶେଷରେ ବିଦ୍ୟାଳୟର ଚାରିପଟେ ବିଭିନ୍ନ ଔଷଧୀୟ ବୃକ୍ଷ ଏବଂ ଫଳ ଗଛ ଗୁଡିକର ଚାରା ରୋପଣ କରିଥିଲେ । ଉକ୍ତ ଉତ୍ସବରେ ଝରିଗାଁ ରେଞ୍ଜର, ଶ୍ରୀ ମୁକୁନ୍ଦ ଦିଶାରୀ,ଫରେଷ୍ଟର ଗୋବିନ୍ଦ ନାୟକ, । ଝରିଗାଁ ରେଞ୍ଜର ଶ୍ରୀ ଦିଶାରୀ ସମସ୍ତଙ୍କୁ ନିଜ ଜମିହୁଡାରେ ଗଛ ଲଗାଇବା ସହ ଜଙ୍ଗଲ ସୁରକ୍ଷା ସଂପର୍କରେ ବୁଝାଇଥିଲେ ।ଶେଷରେ ବିଦ୍ୟାଳୟର ଚାରିପଟେ ବିଭିନ୍ନ ଔଷଧୀୟ ବୃକ୍ଷ ଏବଂ ଫଳ ଗଛ ଗୁଡିକର ଚାରା ରୋପଣ କରିଥିଲେ । ଗବାଗୁଡା ଠଝଝ ର ଝରିଗାଁ ବନଖଣ୍ଡ ଅଧିକାରୀଙ୍କ ଆୟୋଜନ ୭୩ ତମ ବନୋ ମହୋତ୍ସବ ଅବସରରେ ଆଜି ପ୍ରାୟ ୨୬,୦୦୦/- ଚାରା ରୋପଣ କରାଯାଇଛି । ଏହି କାର୍ଯ୍ୟକ୍ରମ ରେ ଝରିଗାଁ ଜିଲ୍ଲାପରିଷଦ ଜୋନ୍-୩ ସଦସ୍ୟା ଶ୍ରୀମତୀ ତ୍ରିମିଳା ପୂଜାରୀ, ଚଚ୍ଚା ସରପଞ୍ଚ ଶ୍ରୀମତୀ ଗିତାଞ୍ଜଳୀ ଭତ୍ରା, ଗବାଗୁଡା ଠ ଝ ଝ ସଭାପତି ଶ୍ରୀଯୁକ୍ତ ସହଦେବ ଗୌଡ, ଜିଲ୍ଲା ଯୁବ ଯାଦବ ମହାସଭା ସଭାପତି ଶ୍ରୀଯୁକ୍ତ ନବଘନ ଗୌଡ, ଗବାଗୁଡା ଜୟ ଶ୍ରୀକୃଷ୍ଣ ଯୁବକ ସଂଘ ସଭାପତି ଶ୍ରୀଯୁକ୍ତ ରୂପଚାନ୍ଦ ଗୌଡ ଙ୍କ ସହ ଗ୍ରାମବାସୀ ଓ ବନଖଣ୍ଡ କାର୍ଯ୍ୟାଳୟ ର ସମସ୍ତ କର୍ମଚାରୀ ଉପସ୍ଥିତ ହୋଇ କାର୍ଯ୍ୟକ୍ରମ କୁ ସଫଳତାର ସହ ସମ୍ପାଦନ କରିଥିଲେ ।

## କର୍ଚ୍ଚାମାଳ ଶିକ୍ଷାନୁଷ୍ଠାନ ଠାରେ ବନ ମୋହତ୍ସବ

କୋଷାଗୁମୁଡା ୦୬/୭ (ନି.ପ୍ର) : ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଅନ୍ତର୍ଗତ କର୍ଚ୍ଚାମାଳ ସ୍ଥିତ ସରକାରୀ କଲ୍ୟାଣ ବିଭାଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର କୋଡ଼ିଙ୍ଗା ବନ ବିଭାଗ ଓ ବିଦ୍ୟାଳୟ ପକ୍ଷରୁ ବନ ମୋହତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ କୋଷାଗୁମୁଡା ୩ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ କ୍ଷୀରଦ କୁମାର ନାୟକ ଯୋଗଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ କର୍ଚ୍ଚାମାଳ ପଞ୍ଚାୟତ ସରପଞ୍ଚ ଉମା ଦେବୀ ନାୟକ , କୋଡ଼ିଙ୍ଗା ରେଞ୍ଜର , ଫରେଷ୍ଟର , ବିଦ୍ୟାଳୟର କର୍ମକର୍ତ୍ତା , ଅଞ୍ଚଳର ବରିଷ୍ଠ ନାଗରିକ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟ ପରିସର ମଧ୍ୟରେ ବିଭିନ୍ନ ପ୍ରକାର ବୃକ୍ଷ ରୋପଣ କରିଥିଲେ । ଚଳିତ ଜୁଲାଇ ମାସର ୧ ତାରିଖରୁ ଜୁଲାଇ ୭ ତାରିଖ ପର୍ଯ୍ୟନ୍ତ ବନମୋହତ୍ସବ କାର୍ଯ୍ୟକ୍ରମ ବ୍ଲକର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଛି । ବୃକ୍ଷ ରୋପଣ ଦ୍ୱାରା ପରିବେଶ ସୁରକ୍ଷା ରହିବା ନେଇ ଅତିଥି ମାନେ ମତପ୍ରକାଶ କରିଥିଲେ । ଜଣେ ଜଣେ ନିଜ ନିଜ ଅଞ୍ଚଳରେ ଗୋଟିଏ ଗୋଟିଏ ଗଛ ଲଗାଇବା ପାଇଁ ଅତିଥି ମାନେ ଉପସ୍ଥିତ ଜନସାଧାରଣ ଙ୍କୁ କହିଥିଲେ । ଅଗାମି ଦିନରେ କୋଷାଗୁମୁଡା ବ୍ଲକର ଅନ୍ୟ ଅନୁଷ୍ଠିତ ଗୁଡିକରେ ଉକ୍ତ କାର୍ଯ୍ୟକ୍ରମରେ ବୃକ୍ଷ ରୋପଣ କରାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି । ଏହି କାର୍ଯ୍ୟକ୍ରମ କୁ କୋଡ଼ିଙ୍ଗା ବନ ବିଭାଗ ଓ ବିଦ୍ୟାଳୟର ସମସ୍ତ କର୍ମଚାରୀ ମାନେ ପରିଚାଳନା କରିଥିଲେ ।

## ଯୁବମୋର୍ଚ୍ଚା ସଭାପତି ନିଳାଦ୍ରୀ ପାତ୍ରଙ୍କୁ କାଶୀପୁରରେ ଭବ୍ୟ ସ୍ୱାଗତ



ରାୟଗଡ ୦୬/୭ (ନି.ପ୍ର) :ରାୟଗଡ ଜିଲାର ଭାରତୀୟ ଜନତା ପାର୍ଟିର ଯୁବ ମୋର୍ଚ୍ଚା ସଭାପତି ପଦବୀ ଅନେକ ଦିନ ହେଲା ଖାଲି ରହିଥିଲା ।ଏହା ପୂର୍ବରୁ ଯାହାକୁ ଦାଇତ୍ୱ ଦିଆଯାଇଥିଲା ସେ ଫମ୍ପା ମାଠିଆ ଭଳି ଶବ୍ଦ ଅଧିକ କିନ୍ତୁ କାମ କମ ବୋଲି ତାଙ୍କୁ ଦାଇତ୍ୱ ରୁ ହଟାଇ ଦିଆଯାଇଥିଲା । ନିର୍ବାଚନ ରେ ଯୁବ ମୋର୍ଚ୍ଚାର ପ୍ରଦର୍ଶନ ବହୁତ ଖରାପ ରହିଥିବା ବେଳେ ପୁନଃ ପୂର୍ବତନ ଯୁବ ମୋର୍ଚ୍ଚା ସଭାପତି ତଥା ରାଜ୍ୟ ନେତୃତ୍ୱ ଦାଇତ୍ୱ ତୁଲାଇଥିବା କାଶୀପୁର ର ଲଡୁଆ ଯୁବକ ନିଳାଦ୍ରୀବିହାରି ପାତ୍ରଙ୍କୁ ପୁନଃ ନିଯୁକ୍ତି ଦେଇଛନ୍ତି ରାଜ୍ୟ ନେତୃତ୍ୱ ବୃନ୍ଦ ଓ ଜିଲ୍ଲା ସଭାପତି ।ଚଳିତ ମାସ ୧ ତାରିଖ ଦିନ ବିଶ୍ୱ ପ୍ରସିଧ ଜଗନାଥ ଙ୍କ ଘୋଷ ଯାତ୍ରା ଦିନ ଦାଇତ୍ୱ ଘୋଷଣା କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଜିଲ୍ଲାର ୨୩ ମଣ୍ଡଳର ସଭାପତି ଓ ଜିଲ୍ଲା ନେତୃତ୍ୱ ବୃନ୍ଦ ଶୁଭେଚ୍ଛା ର ସୁଅ ଛୁଟିବା ସହ ସ୍ୱଗତ ସମ୍ବର୍ଦ୍ଧନା ଜଣାଇଥିଲେ । ସେହିଭଳି ଆଜି କାଶୀପୁର ଡ଼ଙ୍ଗାସିଲ,କାଶୀପୁର, ଟିକିରି ମଣ୍ଡଳ ତରଫରୁ କାଶୀପୁର ସଦର ମହକୁମା ସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ସ୍ୱଗତ ସମ୍ବର୍ଦ୍ଧନା କରି ଉତ୍ସାହର ସହ ଭବ୍ୟ ସ୍ୱାଗତ କରାଯାଇଥିଲା । ଜିଲ୍ଲାର ସବୁ ବ୍ଲକ ଅପେକ୍ଷା କାଶୀପୁର ୩ ଯୋନ ରେ ବିଭକ୍ତ ଥିବା ବେଳେ ଭାରତୀୟ ଜନତା ପାର୍ଟି କୁ ବଡ଼ ବଡ଼ କାର୍ଯ୍ୟ କର୍ତ୍ତା ଦେଇଛି ଏପରିକି ରାଜ୍ୟ ତଥା କେନ୍ଦ୍ର ଦାୟିତ୍ୱରେ ଥିବା ଆଦିବାସୀ ନେତା କାଳୀରମ ଭଳି, କାର୍ଯ୍ୟ କାର୍ଯ୍ୟକର୍ତା ପ୍ରଦାନ କରିଛି ତେଣୁ ଏହି ନେତୃତ୍ୱ ପାଇଁ ପାର୍ଟି ବହୁତ ଆଶାବାଦୀ ଅଛି ବୋଲି ଭାଜପା ପ୍ରେମୀ ମାନେ ଆଶା ପୋଷଣ କରିଛନ୍ତି । ଏହି ସ୍ୱଗତ କାର୍ଯ୍ୟକ୍ରମ ରେ ଡଙ୍ଗାସିଲ ମଣ୍ଡଳ ସଭାପତି ହରିଷ ମୁଦୁଲି, ପୂର୍ବତନ ସଭାପତି ଗୁଣନିଧି ବାଘ,କାଶୀପୁର ମଣ୍ଡଳ ସଭାପତି ଭାରତ ଲେଙ୍କା,ଅମିତ ଝଡ଼ିଆ, ଟଂକାଧାର ଝଡ଼ିଆ,ଚିତ୍ରସେନଝଡ଼ିଆ, କୈଳାସ ମାଝୀ ଓ ଅନ୍ୟମାନେ ଯୋଗଦେଇଥିଲେ ।

## ବର୍ଜ୍ୟବସ୍ତୁ ପରିଚାଳନାରେ ଡ଼ଷ୍ଟବିନ ବ୍ୟବହାରକୁ ଗୁରୁତ୍ୱ



ହିଞ୍ଜିଳିକାଟୁ ୦୬/୭ (ନି.ପ୍ର) :ହିଞ୍ଜିଳିକାଟୁ ପୌରାଞ୍ଚଳ ସ୍ଥିତ ବର୍ଜ୍ୟବସ୍ତୁ ପୃଥକୀକରଣ ଓ ପ୍ରକ୍ରିୟାକରଣ କେନ୍ଦ୍ର ପରିସରରେ ଗତ ଗୁରୁବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା ।ତାଲିମ ପ୍ରଶିକ୍ଷକ ଭାବେ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡଃ ମନୋରଞ୍ଜନ ସାହୁ ଉପସ୍ଥିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିସ୍ତୃତ ଭାବେ ତାଲିମ ପ୍ରଦାନ କରିଥିଲେ ।ଗ୍ରାମାଞ୍ଚଳରେ ଅଳିଆ ଆବର୍ଜନା ସହ ପ୍ରତ୍ୟେକ ଘରୁ କିଭଳି ଭାବେ ଦୈନିକ କଠିନ ଓ ତରଳ ବର୍ଜ୍ୟବସ୍ତୁ ସଂଗୃହିତ ହୋଇପାରିବ ଏବଂ ସେହି ପଦାର୍ଥ ଗୁଡ଼ିକର ଉତ୍ତମ ପରିଚାଳନା ହୋଇ ପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ । ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱଚ୍ଛ ଭାରତ ମିଶନ ଯୋଜନାର ଉପଯୋଗ ସହ ସ୍ୱଚ୍ଛ ଗଞ୍ଜାମ, ସୁନ୍ଦର ଗଞ୍ଜାମର ସଫଳ ରୂପାୟନ ଦିଗରେ ଅଗ୍ରାଧିକାର ଦିଆଯାଇ ସଫଳ ପଦକ୍ଷେପ ଗ୍ରହଣ କରାଯାଇଛି ।ଏହି ପରିପ୍ରେକ୍ଷୀରେ ହିଞ୍ଜିଳି ବିଡ଼ିଓ ସୁବ୍ରତ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ସୋମବାର ଗଣ୍ଡଳା ପଞ୍ଚାୟତର ପଳାସୀ ଗ୍ରାମରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ପ୍ରତି ଘରକୁ ଦିଆଯାଇଥିବା ନୀଳ ଓ ସବୁଜ ନୀଳ ରଙ୍ଗର ଡଷ୍ଟବିନରେ ତରଳ ଓ କଠିନ ଅଦରକାରୀ ପଦାର୍ଥ ସବୁକୁ ସଂଗୃହୀତ ଗାଡ଼ିରେ ପ୍ରଦାନ କରିବା ପାଇଁ ପରାମର୍ଶ ଦେଇଥିଲେ ।ଗାଁ ଦାଣ୍ଡ,ପୋଖରୀ ଆଦି ପରିଷ୍କାର ଓ ପରିଚ୍ଛନ୍ନ ରଖିବା ସହ ଏକକ ବ୍ୟବହୃତ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ନିଷିଦ୍ଧ ସକାଶେ ଗ୍ରାମବାସୀଙ୍କୁ ସଚେତନ କରିଥିଲେ ।ସ୍ୱଚ୍ଛ ପରିବେଶ ଓ ପ୍ରଦୂଷଣ ମୁକ୍ତ ଗ୍ରାମ୍ୟ ଗଠନ ସକାଶେ ପ୍ରତ୍ୟେକ ଅଧିବାସୀ ଯତ୍ନଶୀଳ ହେବା ନିମନ୍ତେ ପରାମର୍ଶ ଓ ସଚେତନ କରିଥିଲେ ।କାର୍ଯ୍ୟକ୍ରମରେ ପିଇଓ ନବୀନ ଚନ୍ଦ୍ର ମହାରଣା,ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ କନିଷ୍ଠ ଯନ୍ତ୍ରୀ ପ୍ରସନ୍ନ କୁମାର ଦଳାଇ, ସ୍ୱଚ୍ଛ ସାଥି, ଅଙ୍ଗନବାଡି ଓ ଗ୍ରାମବାସୀ ଅଂଶ ଗ୍ରହଣ କରିଥିଲେ ।

## ନୃସିଂହ ଅବତାରରେ ଦର୍ଶନ ଦେଲେ ଶ୍ରୀଜିଉ

ଛତ୍ରପୁର ୦୬/୭ (ନି.ପ୍ର) : ଛତ୍ରପୁର ମଝି ବଜାର ସ୍ଥିତ ଆଡପ ମଣ୍ଡପରେ ପ୍ରଭୁ ଶ୍ରୀ ଜଗନ୍ନାଥ ନୃସିଂହ ଅବତାରରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ଏହି ବେଶ ଦର୍ଶନ କରିବା ଲାଗି ଛତ୍ରପୁର ଏବଂ ଆଖ ପାଖ ଅଂଚଳରୁ ବହୁ ଶ୍ରଦ୍ଧାଳୁ ଆଡପ ମଣ୍ଡପକୁ ଆସି ଶ୍ରୀଜଗନ୍ନାଥଙ୍କ ଏହି ବେଶକୁ ଦର୍ଶନ କରିଛନ୍ତି । ସକାଳୁ ସକାଳୁ ଆଡପ ମଣ୍ଡପରେ ବିଜେ କରିଥିବା ଶ୍ରୀ ଜିଉଙ୍କୁ ରିତୀନିତୀ ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ମଧାହ୍ନ ଭୋଗ କରାଯାଇଥିଲା । ପରେ ଅପରାହ୍ନରେ ଜଗନ୍ନାଥଙ୍କୁ ନୃସିଂହ ଅବତାରରେ ସୁସଜ୍ଜିତ କରାଯାଇଥିଲା । ଅନ୍ୟପଟେ ଆଜି ହେରାପଂଚମୀ ଥିବାରୁ ତାଡେପଲ୍ଲୀ ସାହି ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରୁ ଏକ ରଥ ଯୋଗେ ମହାଲକ୍ଷ୍ମୀଙ୍କୁ ଏକ ଶୋଭାଯାତ୍ରାରେ ଆଡପ ମଣ୍ଡପକୁ ଅଣାଯାଇଥିଲା । ସେଠାରେ ରିତୀନିତୀ ପ୍ରକାରେ ମା ଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରାଯାଇ ରଥ ଭଙ୍ଗା ନିତୀ ପାଳନ କରାଯାଇଥିଲା । ସୂଚନା ଯୋଗ୍ୟ ଯେ, ରଥ ଯାତ୍ରା ଠାରୁ ବାହୁଡା ଯାତ୍ରା ପର୍ଯ୍ୟନ୍ତ ପ୍ରଭୁ ଜଗନ୍ନାଥ ଦଶ ଅବତାରରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି । ତେବେ ମଙ୍ଗଳବାର ଶ୍ରୀ ଜଗନ୍ନାଥଙ୍କ ନୃସିଂହ ଅବତାର ଦର୍ଶନ କରିବା ଲାଗି ବହୁ ଶ୍ରଦ୍ଧାଳୁ ମନ୍ଦିର ପରିସରରେ ଭିଡ ଜମାଇଥିଲେ । ମଝିବଜାର ସ୍ଥିତ ଆଡପ ମଣ୍ଡପ ପରିସରରେ ମହାଶକ୍ତି ବଣିକ ସଂଘ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

## ଜଳଡିହି ଠାରେ ବୟନସିକ୍ତ ବନୀକରଣ

କେନ୍ଦୁଝର ୦୬/୭ (ନି.ପ୍ର) : ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜ ଅନ୍ତର୍ଗତ ଜଳଡିହି ଠାରେ ବୟନସିକ୍ତ ବନୀକରଣ କରାଯାଇଛି । ବନ ବିଭାଗ ପକ୍ଷରୁ କାମ୍ପା ଅନୁଦାନରେ କ୍ଷତିପୂରଣ ବନକରଣରେ ଟସର ଚାଷ ପାଇଁ ଆଦିବାସୀଙ୍କ ଜୀବନଜୀବିକାରେ ସହାୟକ ହେଉଥିବା ଅର୍ଜୁନ,ଅସନ,ଜାମୁ ଆଦି ବନୀକରଣ କରାଯାଇଛି । ୭୩ ତମ ବନ ମହୋତ୍ସବ ପାଳନ ଅବସରରେ ୫ ତାରିଖ ଦିନ ବନ ବିଭାଗ ପକ୍ଷରୁ ୬ ହେକ୍ଟର ଜମିରେ ୩ ହଜାର ଚାରା ଲଗାଯାଇଛି । ପଦ୍ମଶ୍ରୀ ଟୈତାରୀ ନାୟକ,ବାଂଶପାଳ ବିଡିଓ ଉଗ୍ରସେନ ଓରାମ,ରେଞ୍ଜର ମାନସ କୁମାର ମୁର୍ମୁ, କେନ୍ଦୁଝର ଡେଭେଲପମେଣ୍ଟ କାଉନସିଲର ଅଧ୍ୟକ୍ଷ ଡକ୍ଟର ସନ୍ଦିପ ପଟ୍ଟନାୟକ,ତଳକଇଁସାରୀ ସରପଞ୍ଚଶକୁନ୍ତଳା ଦେହୁରୀ,ୱାର୍ଡ ମେମ୍ବର,ଶୁଆକାଟୀ ଫରେଷ୍ଟର ଆଶାମଣୀ ସାହୁ,ଫରେଷ୍ଟ ଗାର୍ଡ ଖଗେଶ୍ୱର ରାଉତ,ନିତିଗୋଠ ବନ ସୁରକ୍ଷା ସମିତିର ସଦସ୍ୟ/ ସଦସ୍ୟା,ଜଳଡିହି ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ,ସ୍ୱୟଂ ସହାୟକ ଗୋଷ୍ଠିର ମହିଳା ସାମୂହିକ ବନୀକରଣରେ ସାମିଲ ହୋଇଥିଲେ । ଜଙ୍ଗଲ ସୃଷ୍ଟି ଦ୍ୱାରା ଏହାର ଉପାଦେୟତା ଉପରେ ଅତିଥିଗଣ ଆଲୋକପାତ କରିଥିଲେ । ସାମୂହିକ ବନୀକରଣ କାର୍ଯ୍ୟକ୍ରମରେ ଗ୍ରାମବାସୀମାନେ ମଧ୍ୟ ସାମିଲ ହୋଇଥିଲେ ।

## ହେରା ପଞ୍ଚମୀ ବିଧାନ ଦର୍ଶନ ପାଇଁ ବିପୁଳ ଜନସମାଗମ



ହିଞ୍ଜିଳିକାଟୁ ୦୬/୭ (ନି.ପ୍ର) : ରଥଯାତ୍ରାର ଷଷ୍ଠ ଦିବସରେ ଆଜି ହେରା ପଞ୍ଚମୀର ନାଟକୀୟ ବିଧାନ ଦର୍ଶନ ପାଇଁ ସ୍ଥାନୀୟ ଆଡ?ପ ମଣ୍ଡପ ପରିସରରେ ବିପୁଳ ଜନସମାଗମ ହୋଇଥିଲା । ଶ୍ରୀଜଗନ୍ନାଥ ମହାପ୍ରଭୁ , ଅଗ୍ରଜ ଭ୍ରାତା ବଳଭଦ୍ର ଓ ଭଗ୍ନି ଦେବୀ ସୁଭଦ୍ରାଙ୍କ ସହ ସ୍ୱତନ୍ତ୍ର ବେଶରେ ସଜ୍ଜିତ ହୋଇଥିଲେ । ମଙ୍ଗବାର ଦିନ ଦୁର୍ଲଭ ନୃସିଂହ ବେଶ ସାଙ୍ଗକୁ ସପ୍ତ ଆଳତି ଓ ୧୦୮ ଆଳତି ଦର୍ଶନ ପାଇଁ ପ୍ରବଳ ଭିଡ ହୋଇଥିଲା । ଶ୍ରୀଜଗନ୍ନାଥ ସଂସ୍କୃତି ଓ ରୀତିନୀତି ଅନୁସାରେ ପାବନ ଶ୍ରୀକ୍ଷେତ୍ର ଶ୍ରୀମନ୍ଦିରରେ ଅବସ୍ଥାନ କରୁଥିବା ମାତା ଲକ୍ଷ୍ମୀ ରାତି ଆଠଟା ବେଳକୁ ଷଡଚକ୍ର ଯାନ ରଥାରୂଢ ହୋଇ ବିଭିନ୍ନ ବାଦ୍ୟ ବାଜଣା ଓ ପଟୁଆରରେ ଆଡପ ମଣ୍ଡପକୁ ଆସିଥିଲେ । ସେଠାରେ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇବା ପରେ ଟେରାବାଡ ଦ୍ୱାରା ଦେଢଶୁର ବଳଭଦ୍ରଙ୍କୁ ଆଢୁଆଳରେ ରହି ମହାପ୍ରଭୁଙ୍କ ସହ ବଚନିକା ମାଧ୍ୟମରେ ଝଗଡା କରିଥିଲେ । ମନ୍ଦିରର ମୁଖ୍ୟ ପୂଜକ ପଣ୍ଡିତ କୃଷ୍ଣ ଚନ୍ଦ୍ର ପଣ୍ଡା ସ୍ୱରଚିତ ବଚନିକା ପାଠ କରିଥିଲେ । ଅଭିମାନିନୀ ପତ୍ନୀ ମହାଲକ୍ଷ୍ମୀଙ୍କୁ, ଶ୍ରୀଜଗନ୍ନାଥ ପ୍ରବୋଧନା ଦେଇ ଆଉ ମାତ୍ର ୪ ଦିନ ପରେ ସେ, ଶ୍ରୀମନ୍ଦିରକୁ ବାହୁଡାଯାତ୍ରା କରିବେ ବୋଲି ସୂଚନା ଦେଇଥିଲେ । ବଡଭାଇଙ୍କ ସହ ସେ ଜନ୍ମବେଦୀକୁ ଆସିଥିବାରୁ ଦେଢଶୁର ସହ ଲକ୍ଷ୍ମୀ ଆସିବା ବାରଣ ଥିବାରୁ ସେ ସୁଭଦ୍ରା ଭଉଣୀଙ୍କୁ ନେଇ ଆସିଛନ୍ତି । ତେଣୁ ରୋଷ ତ୍ୟାଗ କରି ସ୍ୱମନ୍ଦିରକୁ ମହାଲକ୍ଷ୍ମୀ ଭକ୍ତ ମାନଙ୍କ ଗହଣରେ ପ୍ରତ୍ୟାବର୍ତ୍ତନ କରନ୍ତୁ ବୋଲି ଆଶ୍ୱାସନା ଦେଇଥିଲେ । ଶ୍ରୀଜଗନ୍ନାଥଙ୍କ ଏ ସ୍ୱଷ୍ଟିକରଣରେ ମହାଲକ୍ଷ୍ମୀ ଅସନ୍ତୁଷ୍ଟ ହୋଇ ଗଲାବେଳେ ନନ୍ଦିଘୋଷ ରଥ ନିକଟକୁ ଯାଇ ଏହାର ଏକ ଅଂଶ ଭଗ୍ନକରି ସନ୍ତକ ସ୍ୱରୁପ ନିଜର ବହୁମୂଲ୍ୟ ନାକଚଣାକୁ ରଥ ନିକଟରେ ପକାଇ ଦେଇ ଫେରି ଯାଇଥିଲେ । ପରେ ବିଜେ ପ୍ରତିମା ଶ୍ରୀ ମଦନମୋହନ ନାକଚଣାକୁ ଉଦ୍ଧାର କରି ନେଇ ଆସିଥିଲେ । ପ୍ରବଳ ଭିଡ ସତ୍ତ୍ୱେ ମନ୍ଦିର ପ୍ରଶାସନସେବା, ଗୁଣ୍ଡିଚା ମଣ୍ଡପ କମିଟି, ରଥଯାତ୍ରା କମିଟି, ସ୍ୱେଚ୍ଛାସେବକ ଓ ପୋଲିସ ପ୍ରଶାସନଙ୍କ ସହଯୋଗରେ ଏହି ଉତ୍ସବ ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଥିଲା ।

## ବାଙ୍ଗାଲୋର ଓଡ଼ିଆ ସାହିତ୍ୟ ସମାଜ ତରଫରୁ ବାର୍ଷିକ ବୈଠକ ଓ ପୁସ୍ତକ ଉନ୍ମୋଚନ



ବାଙ୍ଗାଲୋର୦୬/୭ (ନି.ପ୍ର) :କର୍ଣ୍ଣାଟକ ଠାରେ ୨୦୨୨ ଓ ୨୦୨୩ ବର୍ଷ ପାଇଁ ବାଙ୍ଗାଲୋର ଓଡ଼ିଆ ସାହିତ୍ୟ ସମାଜ ତରଫରୁ ବାର୍ଷିକ ବୈଠକ ଓ ପୁସ୍ତକ ଉନ୍ମୋଚନ ପର୍ବ ପାଳନ ହୋଇଯାଇଛି । ଆଗାମୀ ବର୍ଷଗୁଡ଼ିକ ପାଇଁ ଅନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଭାର ସବୁ ନବ ନିର୍ବାଚିତ ସଦସ୍ୟ ମାନଙ୍କୁ ଅର୍ପଣ କରାଗଲା । ଏହି କ୍ରମରେ ଅଧ୍ୟକ୍ଷ ( ଚେୟାରମ୍ୟାନ ) ଭାବରେ ଡ଼ଃ ଶରତ ଚନ୍ଦ୍ର ଦାଶ, ସଭାପତି ଭାବରେ ଶ୍ରୀ ତାପସ ରାଜ୍ ମହାରଣା , ଉପ ସଭାପତି ଭାବରେ ଶ୍ରୀ ରଞ୍ଜନ ଗୋସ୍ୱାମୀ, ସାଧାରଣ ସଚିବ ଭାବରେ ଶ୍ରୀମତୀ ବିଶ୍ୱଭାରତୀ ଦାସ, ଯୁଗ୍ମ ସଚିବ ଭାବରେ ଶ୍ରୀ ପ୍ରଶାନ୍ତ କୁମାର ନାଥ , କୋଷାଧ୍ୟକ୍ଷ ଭାବରେ ଶ୍ରୀମତୀ ଦୁର୍ଗେଶ ନନ୍ଦିନୀ, କାର୍ଯ୍ୟପାଳକ ସଦସ୍ୟ ଭାବରେ ଶ୍ରୀମତୀ ଲୋପାମୁଦ୍ରା ପରିଡ଼ା, ଶ୍ରୀମତୀ ଯାଜ୍ଞସେନି ପଣ୍ଡା, ଶ୍ରୀମତୀ ତେଜସ୍ୱିନୀ ପାତ୍ର, ଦିଲ୍ଲୀପ ତ୍ରିପାଠୀ ପ୍ରମୁଖ ନିର୍ବାଚିତ ହୋଇଛନ୍ତି । ନିର୍ଦ୍ଦେଶକ ମଣ୍ଡଳୀ ମଧ୍ୟରୁ ଶ୍ରୀ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଇଂ ଅବନ୍ତି ମଲ୍ଲିକ, ଅନୁରୂପା ସିଂ,ସୂର୍ଯ୍ୟପ୍ରକାଶ ମହାପାତ୍ର,ଶ୍ରୀ ବାଲ୍ମୀକି ନାୟକ, ଶ୍ରୀମତୀ ମମତା ନାୟକ ,ଶ୍ରୀ ଅଜୟ କେତନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ନବ ନିର୍ବାଚିତ ସମସ୍ତ ସଦସ୍ୟ ଓ ସଦସ୍ୟା ମାନଙ୍କୁ ଅଭିନନ୍ଦନ ଜଣାଇ ସ୍ୱାଗତ କରିଥିଲେ ।ଏହି ଅବସରରେ ଅନୁଷ୍ଠାନର ପୂର୍ବ ଅଧ୍ୟକ୍ଷ ତଥା ନିର୍ଦ୍ଦେଶକ ଶ୍ରୀ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କର ପୁସ୍ତକ ‘ଠିକଣା ଖୋଜୁଥିବା ମଣିଷ’ ଉନ୍ମୋଚିତ ହୋଇ ଲୋକାର୍ପଣ କରାଯାଇଥିଲା । ଆଗାମୀ ବର୍ଷ ମାନଙ୍କରେ ବିଗତ ବର୍ଷ ଗୁଡ଼ିକ ଭଳି ଆଗକୁ ମଧ୍ୟ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିକୁ ବିଶ୍ୱସ୍ତରରେ ପ୍ରଚାର ଓ ପ୍ରସାର ନେଇ ନିଜର ପ୍ରଚେଷ୍ଟା କରି ଚାଲିଥିବ ବୋଲି ଅନୁଷ୍ଠାନର କର୍ମକର୍ତ୍ତା ପ୍ରକାଶ କରିଛନ୍ତି ।

## କରଞ୍ଜିଆରେ ଝାଡ଼ଖଣ୍ଡି ହାତୀପଲଙ୍କ ଉପଦ୍ରବ

ମୟୂରଭଞ୍ଜ ୦୬/୭ (ନି.ପ୍ର) : ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଉପଖଣ୍ଡର ବିଭିନ୍ନ ସ୍ଥାନରେ ବଢ଼ିବାରେ ଲାଗିଛି ୨୩ ଟିକିଆ ଝାଡ଼ଖଣ୍ଡି ହାତୀପଲଙ୍କ ଉପଦ୍ରବ । ଘରଦ୍ୱାର ଭାଙ୍ଗିବା ସହ ଫସଲ ନଷ୍ଟ କରି ଦେଉଛନ୍ତି ହାତୀପଲ । ଶତଚେଷ୍ଟା ପରେବି ଏହି ଝାଡ଼ଖଣ୍ଡି ହାତୀପଲଙ୍କୁ ଘଉଡାଇବାରେ ଅସମର୍ଥ ହେଉଛି ବନ ବିଭାଗ । ସୂଚନାନୁଯାୟୀ, ଆଜି ସକାଳୁ ସକାଳୁ ଏହି ହାତୀପଲରୁ ୧୧ଟି ହାତୀ ଦୁଧିଆଣି ରେଞ୍ଜ୍ ଟଙ୍ଗାବିଲା ଜଙ୍ଗଲ ଦେଇ ଯାଇଥିବା ୨୨୦ ନଂ ଜାତୀୟ ରାଜପଥ ମଶୀଣାବିଲା ଛକ ଉପରେ ଦୀର୍ଘ ସମୟ ଧରି ଠିଆ ହୋଇ ରହିଥିଲେ । ଫଳରେ ରାସ୍ତାର ଦୁଇପାର୍ଶ୍ୱରେ ଗମନାଗମନ ବନ୍ଦ ରହିବା ସହ ଗଡିଗୁଡିକ ଅଟକି ରହିଥିଲା । ସେପଟେ ନିକଟସ୍ଥ ଗାଁରୁ ଶତାଧିକ ଲୋକେ ଭୟଭୀତ ହୋଇ ସମସ୍ତେ ହାତୀପଲଙ୍କୁ ଦେଖିବାକୁ ଚାଲିଆସିଥିଲେ ।

## ବିଦ୍ୟାଳୟ ସ୍କୁଲ ପରିସରରେ ବନୀକରଣ

କେନ୍ଦୁଝର ୦୬/୭ (ନି.ପ୍ର) : ବାଂଶପାଳ ବ୍ଲକ ଅନ୍ତର୍ଗତ ଜଳଡିହି ପ୍ରାଥମିକ ବିଦ୍ୟାଳୟରେ ବନୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ଜ୍ଞାନେନ୍ଦ୍ର ଦେହୁରୀ,ଶିକ୍ଷକ ଧନଞ୍ଜୟ ସି ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀ ବନୀକରଣ କରିଥିଲେ । ବିଦ୍ୟାଳୟ ପରିସରରେ ପନିପରିବା ଉତ୍ପାଦନକାରୀ ଗଛ ଅମୃତଭଣ୍ଡା,ଲେମ୍ବୁ,ସଜନା ଗଛ ସମେତ ବଉଳ,ପିଜୁଳି,ପାଚୁଳି ଆଦି ବିଭିନ୍ନ ପ୍ରଜାତିର ବୃକ୍ଷରୋପଣ କରାଯାଇଥିଲା । ପରେ ପରେ ବିଦ୍ୟାଳୟ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ବୃକ୍ଷରୋପଣ ଦ୍ୱାରା ପରିବେଶ ସୁରକ୍ଷା କରାଯାଇପାରୁଛି ବୋଲି କହିଥିଲେ । ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜ ନିଜ ବାଡିରେ ଗୋଟିଏ ଗୋଟିଏ ଗଛ ଲଗାଇ ପରିବେଶକୁ କିପରି ସୁସ୍ଥ ଏବଂ ସ୍ୱଚ୍ଛ ରଖିବା ସେ ଉପରେ ପ୍ରଧାନ ଶିକ୍ଷକ ନିଜ ବକ୍ତବ୍ୟ ରଖିଥିଲେ ।

# ସାଇବର ଠକେଇର ଶିକାର ହେଉଛନ୍ତି ଶିକ୍ଷିତ

ବ୍ରହ୍ମପୁର ୦୬/୭ (ନି.ପ୍ର) : ଶିକ୍ଷିତ ହୋଇ ମଧ୍ୟ ସାଇବର ଠକେଇର ଶିକାର ହେଉଛନ୍ତି । ସେ ଛାତ୍ର ହୁଅନ୍ତୁ କିମ୍ବା ଚାକିରିଆ କେହି ମଧ୍ୟ ସାଇବର ଠକଙ୍କ କବଳରୁ ମୁକୁଳିପାରୁନାହାନ୍ତି । ଗତ କିଛି ମାସ ଭିତରେ ଗଞ୍ଜାମ ଜିଲାର ବ୍ୟାଙ୍କ ଚାକିରିଆ, ଅଧ୍ୟାପକ, ନର୍ସ ସାଇବର ଠକେଇର ଶିକାର ହେବା ଘଟଣା ସାମ୍ନାକୁ ଆସିଛି । ଆଜକୁ କିଛି ଦିନ ତଳେ ଖୋଡାସିଂ ଅଞ୍ଚଳର ଜଣେ ବରିଷ୍ଠ ବ୍ୟାଙ୍କ ଚାକିରିଆ ଅନଲାଇନରୁ ଏକ ସାର୍ଟ ଅର୍ଡର କରିଥିଲେ । ହେଲେ ସେହି ସାର୍ଟଟି ତାଙ୍କର ପସନ୍ଦ ନଆସିବାରୁ ତାହାକୁ ଫେରସ୍ତ କରିବାକୁ ଚାହିଁଥିଲେ । ସେହି ଅନଲାଇନ ୱେବସାଇଟର କ??ଷ୍ଟମର କେୟାର ନମ୍ବର ବାହାର କରି ସାର୍ଟ ଫେରିବାକୁ ଯୋଗାଯୋଗ କରିଥିଲେ । ପରେ ସେହି ନମ୍ବରରୁ ପୁଣି ତାଙ୍କ ନିକଟକୁ ଫୋନ ଆସିଥିଲା । ଓ ସାର୍ଟ ଫେରସ୍ତ କରିବାକୁ ହେଲେ ତାଙ୍କ ମୋବାଇଲରେ ଦୁଇଟି ଆପ ଡାଉନଲୋଡ କରିବାକୁ କୁହାଯାଇଥିଲା ।ଆଉ ସେ ଦୁଇଟି ଆପ ଡାଉନଲୋଡ କରିବା ସଂପୃକ୍ତ ବ୍ୟାଙ୍କ କର୍ମଚାରୀଙ୍କ ପାଇଁ ମହଙ୍ଗା ପଡିଲା । ଦେଖୁ ଦେଖୁ ତାଙ୍କ ମୋବାଇଲ ସହ ଜଡିତ ଥିବା ବ୍ୟାଙ୍କ ଆକାଉଣ୍ଟରୁ ସାଇବର ଠକମାନେ ୧ ଲକ୍ଷ ୨୨ ହାଜର ଟଙ୍କା ନେଇଯାଇଥିଲେ । ସେହିପରି କିଛି ଦିନ ତଳେ ଗଞ୍ଜାମ ଜିଲାର ଏକ ସରକାରୀ କଲେଜର ଜଣେ ଅଧ୍ୟାପକ ଷ୍ଟେଟ ବ୍ୟାଙ୍କର ଯୋନୋ ଏସବିଆଇ ଆପ ଅପଡେଟ କରିବାକୁ ଯାଇ ୩ ଲକ୍ଷ ଟଙ୍କା ହରାଇଥିଲେ । ଯୋନୋ ଆପ ଅପଡେଟ କରିବାକୁ ତାଙ୍କ ନିକଟକୁ ଏକ ମେସେଜ ଆସିଥିଲା । ଷ୍ଟେଟ ବ୍ୟାଙ୍କ ପକ୍ଷରୁ ସେହି ମେସେଜ ଆସିଥିବା ଭାବି ସେ ଲିଙ୍କରେ କ୍ଲିକ କରିବା ପରେ ତାଙ୍କ ଆକାଉଣ୍ଟରେ ଥିବା ୩ ଲକ୍ଷ ଟଙ୍କା ଠକି ନେଇଥିଲେ ସାଇବର ଠକ ।ଏହାର କିଛି ଦିନ ପୂର୍ବରୁ ଏମକେସିଜିର ଜଣେ ନର୍ସ ଅନଲାଇନ କାରବାର କରି ନିଜ ବ୍ୟାଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ହରାଇଥିଲେ । ଏପରିକି ମୋବାଇଲକୁ କୌଣସି କଲ କିମ୍ବା ଓଟିପି ନଆସି ମଧ୍ୟ ସେ ସାଇବର ଠକେଇର ଶିକାର ହୋଇଥିଲେ । କେବଳ ଏହି ୩ ଜଣ ନୁହଁନ୍ତି ପ୍ରତ୍ୟେକ ଦିନ ଏଭଳି ଅନେକ ଠକେଇ ଘଟଣା ଘଟୁଛି । କିଛି ଘଟଣା ପୁଲିସ ନିକଟରେ ପହଞ୍ଚୁଛି ତ ଆଉ କିଛି ଘଟଣା ପହଞ୍ଚୁନାହିଁ । କିବାବାହୁଲ୍ୟ ଲୋକମାନେ ଯେତେ ଶିକ୍ଷିତ ହେଉଛନ୍ତି ସେତେ ମୋବାଇଲ ବ୍ୟବହାର କରୁଛନ୍ତି । ମୋବାଇଲରେ ଥିବା ବିଭିନ୍ନ ପ୍ରକାର ଅନଲାଇନ ସେବା ମଧ୍ୟ ପାଉଛନ୍ତି । ଘରେ ବସି ଦେଶ ବିଦେଶରୁ ସାମଗ୍ରୀ କିଣାବିକା କରିପାରୁଛନ୍ତି । ହେଲେ ସେହି ଶିକ୍ଷା ଓ ଅନଲାଇନ କାରବାର ତାଙ୍କୁ ଠକେଇରେ ପଡ଼ିବାର ସୁଯୋଗ ଆଣିଦେଉଛି । ଅନଲାଇନ କାରବାର ଓ ସାମାଜିକ ଗଣମାଧ୍ୟମ ବ୍ୟବହାର ବେଳେ ବିଶେଷ ସତର୍କତା ଅବଲମ୍ବନ କରିବା ଉଚ୍ଚିତ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି । ହେଲେ ସାଇବର ଠକେଇ ଓ ଠକଙ୍କ କାରନାମା ବିଷୟରେ ପୋଲିସ ପକ୍ଷରୁ ଲୋକଙ୍କୁ ଅଧିକରୁ ଅଧିକ ସଚେତନ କରାଯିବାର ଆବଶ୍ୟକତା ରହିଛି ।

## ଏକାଦଶାହ ରେ ରାଇମୋହନ ଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ସହପାଠୀ

ପାଟଣା ୦୬/୭ (ନି.ପ୍ର) : ସାହାରପଡା ବ୍ଲକ ଅନ୍ତର୍ଗତ ଉଦୟପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଓଡିଶାର ସୁନାମଧନ୍ୟ କାଳଜୟୀ କଳାକାର ସ୍ୱର୍ଗତ ରାଇମୋହନ ପରିଡାଙ୍କ ଏକାଦଶାହ ଦିବସରେ ବିଦ୍ୟାଳୟ ର ପୁରାତନ ସହପାଠୀ ଓ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଶ୍ରଦ୍ଧାଞ୍ଜଳି ଜ୍ଞାପନ ସଭା କରାଯାଇଥିଲା। ସାମୂହିକ ଦୀପଦାନ ପରେ ଅମର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।ପୁରାତନ ସହପାଠୀ ଦୀପକ ରାଜ, ଅନନ୍ତ ଚରଣ ମହାନ୍ତ,ଆଦିତ୍ୟ ସାମଲ, ଦୁଃଶାସନ ମହାନ୍ତ, ବ୍ରଜମୋହନ ଦେହୁରୀ, ଉମେଶ ଚନ୍ଦ୍ର ମହାନ୍ତ ପ୍ରମୁଖ ତାଙ୍କର ସ୍ମୃତି ଚାରଣ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବକୁମାର ସେଠୀ, ଶିକ୍ଷକ ପ୍ରଶାନ୍ତ କୁମାର ପରିଡା, ପ୍ରକାଶ କୁମାର ବିଶ୍ୱାଳ, ଶିକ୍ଷୟିତ୍ରୀ ସୁପ୍ରିୟା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଭିନ୍ନ ଦାବୀ ନେଇ ଛତ୍ରପୁର ବିଜ୍ଞାପିତ ଅଂଚଳ ପରିଷଦର ରିଟେଲର ସଂଘ ପକ୍ଷରୁ ଯୋଗାଣମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀ ପତ୍ର ପ୍ରଦାନ



ଛତ୍ରପୁର ୦୬/୭ (ନି.ପ୍ର) : ସର୍ବ ଭାରତୀୟ ଡିଲରର୍ସ ଫେଡେରସନର ନିଷ୍ପତ୍ତି କ୍ରମେ ଓଡିଶା ରିଟଲେର ମହାସଂଘର ନିର୍ଦ୍ଦେଶକ୍ରମେ ଆଜି ସାରା ରାଜ୍ୟରେ ସମସ୍ତ ବ୍ଲକ ଓ ଏନଏସି ରିଟେଲର ସଂଘ ପକ୍ଷରୁ ୭ଦଫା ଦାବୀ ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ , ସମବାୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟ ଦାବୀ ପତ୍ର ପ୍ରଦାନ କରାଯାଇଛି । ଏହିକ୍ରମେ ଗଂଜାମ ଜିଲ୍ଲାର ସଦରମହକୁମା ଛତ୍ରପୁର ବିଜ୍ଞାପିତ ଅଂଚଳ ପରିଷଦର ରିଟେଲର ସଂଘ ପକ୍ଷରୁ ରିଟେଲର ସଂଘର ଜିଲ୍ଲା ଉପସଭାପତି ଏସ.ତ୍ରିନାଥ ରେଡ୍ଡୀଙ୍କ ନେତୃତ୍ୱ ରେ ଆଜି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ , ସମବାୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଛତ୍ରପୁର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଏନ.ଗଣେଷ ବାବୁଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରାଯାଇଛି । ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ବଣ୍ଟନ ବାବଦୀୟ ପାରିଶ୍ରମିକ ଅର୍ଥ , ଇ-ପୋସ ମେସିନର ବ୍ୟବହାରିକ ଖର୍ଚ୍ଚ ବକେୟା ଅର୍ଥ , କରୋନା ସମୟରେ ମଧ୍ୟାହ୍ନ ଭୋଜନ ବଣ୍ଟନ ପାରିଶ୍ରମିକ ଅର୍ଥ ଓ ଆକସ୍ମିକ ମୃତ୍ୟୁବରଣ କରିଥିବା ପରିବାରକୁ ପୁନଃ ନିଯୁକ୍ତି ଏବଂ ବକେୟା ଅର୍ଥ ପ୍ରଦାନ କରିବା ,ଗୋଟିଏ ଦେଶ, ଗୋଟିଏ ରେସନ ଏବଂ ଗୋଟିଏ ନିୟମ କାନୁନ୍ ଖାଦ୍ୟ ଯୋଗାଣ ବିଭାଗ ଦ୍ୱାରା ପ୍ରଣୟନ କରିବା, ଚାଉଳ ଓ ଗହମ ଏକ କ୍ୱିଣ୍ଟାଲ ପ୍ରତି ୧କେ.ଜି ସଟେଜ୍ ଏବଂ ଶହେ ଲିଟର କିରୋସିନି ପ୍ରତି ୧ଲିଟର ଲିକେଜ୍ ପ୍ରଦାନ କରିବା ଏବଂ ଏକକାଳୀନ ଖୁଚୁରା ବିକ୍ରୟ କେନ୍ଦ୍ରକୁ ଖାଦ୍ୟ ସାମଗ୍ରୀ ପ୍ରେରଣ କରିବା ପ୍ରମୁଖ ଉକ୍ତ ଦାବୀ ପତ୍ରରେ ଉଲ୍ଲେଖ କରାଯାଇଛି ।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ୍ୟୁ ଓ ଜଣେ ଆହତ

ପୋଲସରା ୦୬/୭ (ନି.ପ୍ର) : ଗଞ୍ଜାମ ଜିଲ୍ଲା, ପୋଲସରା ପୋଲିସ ଥାନା ଅନ୍ତର୍ଗତ ମା' ସିଂହାସନୀ ପୀଠ ଠାରୁ ଅଳ୍ପ ଦୂରରେ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଯୁବକ ଆହତ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ପ୍ରକାରେ ଜୁଲାଇ ୦୩ ତାରିଖ ଦିନ କବିସୂର୍ଯ୍ୟ ନଗର ବ୍ଲକ ଅନ୍ତର୍ଗତ ଦେଓଗାଁ ଗ୍ରାମର ନାରାୟଣ ପ୍ରଧାନ ଓ ବାପୁଜୀ ପୋଲେଇ ପୋଲସରା ଠାରୁ ୨୫ କିଲୋମିଟର ଦୂରରେ ପ୍ରତିଷ୍ଠିତ ମା' ସିଂହାସନୀଙ୍କ ମନ୍ଦିରକୁ ଦର୍ଶନ ପାଇଁ ଯାଇଥିଲେ। ଅପରାହ୍ନରେ ଔଏ ୦୧ ଉଏ ୭୬୨୪ ନମ୍ବର ବାଇକ ଯୋଗେ ଫେରିବା ସମୟରେ ମା' ସିଂହାସନୀ ମନ୍ଦିର ଠାରୁ ପ୍ରାୟ ଅଧ କିଲୋମିଟର ଦୂର ବଡ଼ତେଲ ଗ୍ରାମ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼ର ଏକ ଗଛକୁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ବାପୁଜୀ ପୋଲେଇ (୨୫)ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଯୁବକ ନାରାୟଣ ପ୍ରଧାନ ଆହତ ହୋଇଛନ୍ତି। ଖବର ପାଇ ପୋଲସରା ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ମର ଶରୀରକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜଣାପଡିଛି।

## ସାଇକେଲରେ ମୃତଦେହ ଠାବ, ହତ୍ୟା ସନ୍ଦେହ



ଗୋଲାମୁଣ୍ଡା ୦୬/୭ (ନି.ପ୍ର) :: କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଚଅଁରାମୁଣ୍ଡା ଛକ ବା ବିଜୁ ଏକ୍ସପ୍ରେସ ରାସ୍ତା କଡରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇ ସ୍ଥାନୀୟ ଲୋକେ ପୋଲିସ କୁ ଜଣାଇଥିଲେ । ଖବର ପାଇଁ ପୋଲିସ ଏକ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିଥିଲେ । ମୃତ ଦେହଟି ଏକ ପୁରୁଷ ଲୋକ ଥିବା ବେଳେ ସେ ଛିଲିପା ଗ୍ରାମପଞ୍ଚାୟତ ର କୁଟୁରୁ ଗ୍ରାମର ଅଯୋଧ୍ୟା ମାଝୀ ବୋଲି ଜଣାପଡିଛି । ବ୍ୟକ୍ତିଟି କୁ ମାରି ଏକ ବସ୍ତାରେ ପୁରେଇ ସାଇକେଲରେ ଲଦି ଦେଇଥିବା ଦେଖିବାକୁ ମିଳିଛି । ସ୍ଥାନୀୟ ଅଞ୍ଚଳବାସୀ ଏହାକୁ ହତ୍ୟା କରାଯାଇଥିବା ସନ୍ଦେହ କରୁଥିବା ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ ଗୋଲାମୁଣ୍ଡା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ବେଳେ ଗୋଲାମୁଣ୍ଡା ପୋଲିସ୍ ଅଧିକା ତଦନ୍ତ ପାଇଁ ସାଇଣ୍ଟିଫିକ୍ ଟିମ୍ ଡକାଇଥିବା ଜଣାପିଛି ।

## ବୋଡ଼େନ ଠାରେ ପଞ୍ଚାୟତ ସ୍ତରୀୟ ଜନ ଶୁଣାଣି ଅଭିଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ

ବୋଡ଼େନ ୦୬/୭ (ନି.ପ୍ର) : : ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକରେ ପଞ୍ଚାୟତ ସ୍ତରୀୟ ଜନ ଶୁଣାଣି ଅଭିଯୋଗ ବୋଡ଼େନ ଠାରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ବୋଡ଼େନ ଗୋଷ୍ଠି ଉନ୍ନୟନ ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଭୋଇଙ୍କ ଅଧକ୍ଷତା କରିଥିବା ବେଳେ ବ୍ଲକ ଅଧକ୍ଷା ପ୍ରେମ ଶିଳା ନାଗ, ବୋଡ଼େନ ତହସିଲଦାର ରାଜେଶ କୁମାର ମେହେର, ସିଡିପିଓ ମିନା ଅଗ୍ରୱାଲ, ବୋଡ଼େନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ସଞ୍ଜୀବ କୁମାର ନାୟକ ଉପସ୍ଥିତ ହୋଇଥିଲେ। ଏପରି ବୋଡ଼େନ ପଞ୍ଚାୟତରେ ୭୦ଟି ଅଭିଯୋଗ ଲୋକେ କରିଥିଲେ ତାହା ହେଲା ଇନ୍ଦ୍ରାବାସ ,ବିଧବା ଭତ୍ତା,ବିକାଳଙ୍ଗ ଭତ୍ତା,ମୃତ୍ୟୁ ସାର୍ଟିଫିକେଟ,ଶ୍ରମିକ ମୃତ୍ୟୁ ସହାୟତା ରାଶି,ବିଜୁଳି ,ବିଦ୍ୟାଳୟ ରାସ୍ତା,ପାଣି,ନୂତନ ମନ୍ଦିର ନିର୍ମାଣ ଆଦି ଲୋକେ ଅଭିଯୋଗ କରିଥିଲେ । ଏଥିରେ ବୋଡ଼େନ ବ୍ଲକର ବିଭାଗୀୟ ଅଧିକାରୀ ହେଲେ ହିମାଂଶୁ ଶେଖର କୁମ୍ଭାର, ଜି ପି ଓ ଘନଶ୍ୟାମ ବାଗ, କନିଷ୍ଠ ଯନ୍ତ୍ରୀ ସଞ୍ଜୟ ବେହେରା,ସରୋଜ ପ୍ରଧାନ, ରଥୀ କାନ୍ତ ବାଳମୁଚୁ,ଅର୍ଜୁନ ପଣ୍ଡା,ନନ୍ଦକିଶୋର ,ହିତେଶ ଆଡ଼ବାହି,ଏ.ପି.ଓ ରବି ନାରାୟଣ ରାଉତ,ଦୁଷ୍ମନ୍ତ ନାଗ ଏବଂ ପୋଲିସ କର୍ମଚାରୀ ସହ ସମସ୍ତ ଅଧିକାରୀଗଣ ଉପସ୍ଥିତ ହୋଇଥିଲେ । ବୋଡ଼େନ ପଞ୍ଚାୟତର ଜନସାଧାରଣଙ୍କ ଅଭିଯୋଗ ଶୁଣି ତୁରନ୍ତ ଏହାର ସମାଧାନ ପାଇଁ ପଦକ୍ଷେପ ନେବାକୁ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ହସ୍ତାନ୍ତର କରି ସମସ୍ୟା ସମାଧାନ ପାଇଁ ବିଡ଼ିଓ ଭୋଇ ନିର୍ଦ୍ଦେଶ ଦେଉଥିବା ବେଳେ କିଛି ସମସ୍ୟା ର ସମାଧାନ ପାଇଁ ଜିଲ୍ଲାପାଳ କୁ ଅବଗତ କରାଇବା ପାଇଁ ପ୍ରତିଶ୍ରୁତି ଦେଉଥିଲେ ।

# ମୁଣ୍ଡୁଳା ଠାରେ ୭୩ ତମ ବନ ମହୋତ୍ସବ ସପ୍ତାହ ପାଳିତ

### *ପରିବେଶ ସୁରକ୍ଷା ପାଇଁ ମେଗା ଚାରାରୋପଣ, ଲୋକଙ୍କ ଜୀବିକାରେ ସହାୟକ ହେବ ବୃକ୍ଷ*

କେନ୍ଦୁଝର ୦୬/୭ (ନି.ପ୍ର) :କେନ୍ଦୁଝର ବନ ଖଣ୍ଡ ଅନ୍ତର୍ଗତ ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜ ଅନ୍ତର୍ଗତ ମୁଣ୍ଡୁଳା ଠାରେ ବନବିଭାଗ ପକ୍ଷରୁ ୭୩ ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ବନୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବନୀକରଣ କାର୍ଯ୍ୟକ୍ରମରେ ସାହାରପୁର ସରପଞ୍ଚ ରଞ୍ଜିତ୍ ଦେହୁରୀ, ୱାର୍ଡ ମେମ୍ବର ସୁଭଦ୍ରା ପରିହାଳ,ମହିଳା ସ୍ୱୟଂ ସହାୟକ ଗୋଷ୍ଠିର ସଦସ୍ୟ/ସଦସ୍ୟା,ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜର ମାନସ କୁମାର ମୁର୍ମୁ,କାଞ୍ଜିପାଣି ଫରେଷ୍ଟର ବିଦ୍ୟାଧର ବେହେରା,ଫରେଷ୍ଟ ଗାର୍ଡ ସନ୍ତୋଷ କୁମାର ବେହେରା,ଗଣ୍ଡିଯୋଡା ଫରେଷ୍ଟ ବିଟ୍ ର ଫରେଷ୍ଟ ଗାର୍ଡ ସ୍ୱାଗତିକା ପଟ୍ଟନାୟକ, ଲତା ବନ ସୁରକ୍ଷା ସମିତି ର ସଦସ୍ୟ ସାମିଲ ହୋଇ ବନୀକରଣରେ ସାମିଲ ହୋଇଥିଲେ। ୧ ତାରିଖ ଠାରୁ ଆରମ୍ଭ ହୋଇଥିବା ବନ ମହୋତ୍ସବ ୭ ତାରିଖରେ ଶେଷ ହେବ। ଏହି ସମୟ ମଧ୍ୟରେ ଆଦିବାସୀ ଜନଜାତିଙ୍କ ଜୀବିକାରେ ସହାୟକ ହେଉଥିବା ବୃକ୍ଷ ଅଧିକ ପରିମାଣର ରୋପଣ କରାଯାଉଛି। ୧ ତାରିଖ ଦିନ ଲୁଙ୍ଗାଝର ପାହାଡରେ ୩୨.୨୬ ହେକ୍ଟର ଜମିରେ ୩୨୦୦୦ ଚାରା କ୍ଷତିପୂରଣ ବନୀକରଣ କରାଯାଇଛି,୨ ତାରିଖ ଦିନ କାଦକଳା ହାଇସ୍କୁଲ ପରିସରରେ ବନୀକରଣ,୩ ତାରିଖ ଦିନ କୁଅଁର ଡିପିଏଫ୍ ଜଙ୍ଗଲରେ ୫୦ ହେକ୍ଟର ଜମିରେ ୧୦୦୦୦ ଚାରା ବନୀକରଣ ଏବଂ ୪ ତାରିଖ ଦିନ ମୁଣ୍ଡୁଳା ସଂରକ୍ଷିତ ଜଙ୍ଗଲରେ କ୍ଷତିପୂରଣ ବନୀକରଣରେ ସ୍କିମରେ ୨୬ ହେକ୍ଟର ଜଙ୍ଗଲ ଜମିରେ ୧୦୪୦୦ ଚାରା ବନୀକରଣ କରାଯାଇଛି। ଏହି ବନୀକରଣରେ ଆମ୍ବ, ଜାମୁ, ପଣସ, ତେନ୍ତୁଳି, ଅଁଳା, କୁସୁମ, ନିମ୍ବ, ବେଲ, କରଞ୍ଜ ଆଦି ଫଳ ଚାରା ସମେତ ଔଷଧ ଓ ତୈଳ ଉତ୍ପାଦକାରୀ ବୃକ୍ଷ ଅଧିକ ଲଗାଯାଇଥିବାରୁ ସ୍ଥାନୀୟ ଲୋକଙ୍କ ଜୀବନ ଜୀବିକାରେ ସହାୟକ ହୋଇପାରିବ ବୋଲି ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜର ମାନସ କୁମାର ମୁର୍ମୁ ସୂଚନା ଦେଇଛନ୍ତି। ଭୂୟାଁ ଜୁଆଙ୍ଗ ପୀଢ ପକ୍ଷରୁ ଚାରା ବିତରଣ କାର୍ଯ୍ୟକ୍ରମ ବାଂଶପାଳ ଏବଂ କାଞ୍ଜିପାଣି ଠାରେ ଆରମ୍ଭ ହୋଇ ଉଦ୍ୟାନ କୃଷି ପାଇଁ ମାଗଣାରେ ଚାରା ବଣ୍ଟନ ହେଉଛି। ବାଂଶପାଳ ଏବଂ ତଣ୍ଡିଯୋଡା ନର୍ସରୀରେ ମଧ୍ୟ ବିଭିନ୍ନ କିସମର ୧୮ ମାସିଆ ଚାରା ବିତରଣ କରାଯାଉଛି। ବନ ମହୋତ୍ସବ ସପ୍ତାହ ଅବସରରେ ୫ ତାରିଖ ଦିନ ଜଳଡିହିଠାରେ ବନ୍ୟସିଲକ୍ ରେ ଟସର ଚାଷ ପାଇଁ ଲୋକଙ୍କ ଜୀବନ ଜୀବିକାରେ ସହାୟକ ହେଉଥିବା ଅର୍ଜୁନ, ଅସନ, ଶାଳ, ଜାମୁ ଆଦି ଚାରା ବନୀକକରଣ କରାଯିବ,୬ ତାରିଖ ଦିନ ପୋଡାଡିହି ଠାରେ ୨୧୦ ହେକ୍ଟର ଜମିରେ ୨୪ହଜାର ଗଛ କ୍ଷତିପୂରଣ ବନୀକରଣ ସ୍କିମରେ ବନୀକରଣ କରାଯିବ ଏବଂ ୭ ତାରିଖ ଦିନ ପଣସୁଆ ଠାରେ କ୍ଷତିପୂରଣ ବନୀକରଣ ସ୍କିମରେ ୧୧ ହେକ୍ଟର ଜମିରେ ୪୭୦୦ ଚାରା ବନୀକରଣ କରାଯିବ ବୋଲି ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜର ମାନସ କୁମାର ମୁର୍ମୁ ସୂଚନା ଦେଇଛନ୍ତି। ୭୩ ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଲୋକମାନଙ୍କୁ ସଚେତନ ଉଦ୍ଦେଶ୍ୟରେ ସୂଚନାପତ୍ର ପ୍ରଦାନ କରାଯାଉଛି।

## ସେବା ଓ ସେବକ ସପ୍ତାହ ଅବସରରେ ଉତ୍କଳମଣିଙ୍କୁ ଶ୍ରଦ୍ଧାସୁମନ

ପାଟଣା ୦୬/୭ (ନି.ପ୍ର) : : ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୪ତମ ପୁଣ୍ୟତିଥି ଅବସରରେ ପାଳନ କରାଯାଉ ଥିବା ସେବା ଓ ସେବକ ସପ୍ତାହ କାର୍ଯ୍ୟକ୍ରମ ଅନ୍ତର୍ଗତ ପାଟଣାବ୍ଲକ ମୁଖ୍ୟାଳୟ ବଡ଼ପାଟଣା ପଞ୍ଚାୟତ କାର୍ଯ୍ୟଳୟ ଓ ପାଟଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଉତ୍କଳମଣି ଗୋପବନ୍ଧୁ ଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିଗଣ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାସୁମନ ଜଣାଇଛନ୍ତି। ବରେଣ୍ୟ ଅତିଥି ବଡ଼ପାଟଣା ସରପଞ୍ଚ ବିନତୀ ବାନରା, ପାଟଣା ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ,ସମାଜସେବୀ ଅଜୟ କୁମାର ଦାଶ, ସୁଦାମ ଦାଶ, ଗଣମାଧ୍ୟମ ପ୍ରତିନିଧି ସନ୍ତୋଷ କୁମାର ପତି,ଅଭିମନ୍ୟୁ ରାଉତ,ଚିରଞ୍ଜୀବ ଦାଶ, ବିଜୟ କୁମାର କାରୁଆ,ଝାଟିପଡା ୱାର୍ଡ ସଦସ୍ୟ ଟୁଣ୍ଟୁ ନାଏକ ପ୍ରମୁଖ ପଞ୍ଚାୟତ କାର୍ଯ୍ୟଳୟରେ ସ୍ଥାପିତ ଗୋପବନ୍ଧୁ ଙ୍କ ପ୍ରତିମୂର୍ତ୍ତିକୁ ସ୍ନାନ କରିବା ପରେ ଶ୍ରଦ୍ଧାସୁମନ ଜଣାଇବା ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସେହିପରି ପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ଥାପିତ ଗୋପବନ୍ଧୁ ଏବଂ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ରେ ଉପରୋକ୍ତ ଅତିଥି ଙ୍କ ସହ ପ୍ରଧାନ ଶିକ୍ଷକ କ୍ଷେତ୍ର ମୋହନ ମହାନ୍ତ,ସହକାରୀ ଶିକ୍ଷକ କମଳାକାନ୍ତ ପତି, ସୁନିତା ବେହେରା,ପ୍ରକାଶ ମିଶ୍ର,ଦୀପାଞ୍ଜଳି ସେଠୀ,ସସ୍ମିତା ନାୟକ,ପ୍ରମୁଖ ଉପସ୍ଥିତ ରହି ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଜଣାଇ ଥିଲେ । କାର୍ଯ୍ୟକ୍ରମ ଦ୍ୱୟ ପାଟଣା ସମାଜ ପ୍ରତିନିଧି ନୃସିଂହ ନାଥ ସିଂହ ଓ ଚିରଞ୍ଜିବି ଦାଶ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

## କେନ୍ଦେଇପଶି ପଞ୍ଚାୟତରେ ଚୋରା ମଦ ବିକ୍ରି ବନ୍ଦ କରିବା ଦାବିରେ ତାତିଲେ ସହସ୍ରାଧିକ ମହିଳା

ପାଟଣା ୦୬/୭ (ନି.ପ୍ର) : ପାଟଣା ବ୍ଲକ ତୁରୁମୁଙ୍ଗା ଥାନା କେନ୍ଦେଇପଶି ପଞ୍ଚାୟତ ଅଞ୍ଚଳରେ ଚୋରା ମଦ ବିକ୍ରି ବନ୍ଦ କରିବା ଦାବିରେ ଆଜି ପଞ୍ଚାୟତ ଅଞ୍ଚଳର ୧୩୯ ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଏକତ୍ରିତ ହୋଇ ମଦ ବିରୋଧୀ ସ୍ଲୋଗାନ ଦେଇ ଏକ ବିଶାଳ ଶୋଭାଯାତ୍ରାରେ ପଞ୍ଚାୟତ ର ସମସ୍ତ ଗ୍ରାମ ପରିକ୍ରମା କରିଛନ୍ତି । ପଞ୍ଚାୟତ ଅଞ୍ଚଳର ବିଭିନ୍ନ ଗ୍ରାମରେ ବ୍ୟାପକ ପରିମାଣର ଚୋରା ମଦ ବିକ୍ରି ହେଉଥିବାରୁ ଯୁବପିଢି ଓ ବୟସ୍କ ମାନେ ମଦ ପିଇ ପଥଭ୍ରଷ୍ଟ ହେବା ସହ ପାରିବାରିକ କଳହ ବୃଦ୍ଧି ପାଉଥିବାରୁ ସେମାନେ ଅଞ୍ଚଳକୁ ମଦ ମୁକ୍ତ କରିବା ପାଇଁ ଅଣ୍ଟା ଭିଡିଛନ୍ତି । ଅଞ୍ଚଳରେ ମଦ ବିକ୍ରିକୁ ବିରୋଧ କରି ଆଜି ୧୩୯ ଟି ସ୍ୱୟଂ ସହାୟିକା ଗୋଷ୍ଠୀର ୧୪୬୪ ଜଣ ମହିଳା ଏକତ୍ରିତ ହୋଇ ବିଭିନ୍ନ ସ୍ଥାନରେ ଥିବା ଚୋରା ମଦଭାଟି ରେ ନିଆଁ ଲଗାଇ ଦେଇଛନ୍ତି । ମହିଳା ଗୋଷ୍ଠୀର ପଞ୍ଚାୟତ ସଭା ନେତ୍ରୀ କିରଣବାଳା ସେଠୀ ସମ୍ପାଦିକା ସସ୍ମିତା ନାଏକ, କେନ୍ଦେଇପଶି ସରପଞ୍ଚ ମିନାକ୍ଷୀ ନାଏକ, ୱାର୍ଡ ସଦସ୍ୟ ଉର୍ମିଳା ବାରିକ ଙ୍କ ସହ ଅଙ୍ଗନବାଡ଼ି କର୍ମୀ ,ମହିଳା ଗ୍ରାମ ସାଥି, ଜିପିଏଲଏଫ ଓ ବିଭିନ୍ନ ଗ୍ରାମରେ ମହିଳା ମାନେ ଏହି ଆନ୍ଦୋଳନରେ ସାମିଲ ହେବା ସହ ଅଞ୍ଚଳରେ ଥିବା ମଦ ବିକ୍ରି ହେଉଥିବା ସ୍ଥାନ ଗୁଡିକୁ ଭାଙ୍ଗି ନିଆଁ ଲଗାଇ ଦେବା ସହ ମଦ ବିକୁଥିବା ଲୋକ ମାନଙ୍କୁ ତାଗିଦ କରି ସେମାନେ ଆଉ ମଦ ବିକ୍ରି କଲେ ଆଇନ କୁ ହାତକୁ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି।

### ଚୋରା ମଦ ବିକ୍ରି ବନ୍ଦ ଦାବିରେ ଶତାଧିକ ମହିଳାଙ୍କ ତହସିଲ ଫାଟକ ସମ୍ମୁଖରେ ଧାରଣା

ପାଟଣା ୦୬/୭ (ନି.ପ୍ର) : କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଖୁଣ୍ଟାପଡା ପଞ୍ଚାୟତ ଚାତରପାଣି ଗ୍ରାମର ବରବେଡା ସାହି ଏବଂ ଦୁବେଇପେଣ୍ଠ ଗ୍ରାମର ନୂଆ ସାହିର ମହିଳା ମାନେ ମିଳିତ ଭାବେ ଗ୍ରାମ ନିକଟରୁ ଚୋରା ମହୁଲି ମଦ ଉଦ୍ଧାର କରି ଚାଲି ଚାଲି ସାହାରପଡା ତହସିଲ ସମ୍ମୁଖରେ ପହଞ୍ଚି ଧାରଣାରେ ବସିଥିଲେ। ତେବେ ସେହି ଗ୍ରାମର ମହିଳା ମାନେ ପୂର୍ବରୁ ଥାନା ଏବଂ ଅବକାରୀ ଥାନାରେ ବହୁ ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ଅଧିକାରୀ କର୍ଣ୍ଣପାତ ନକରିବାରୁ ସୋମବାର ଦିନ ଶତାଧିକ ମହିଳା ଏକତ୍ରିତ ହୋଇ ଏକ ପଦଯାତ୍ରା ମାଧ୍ୟମରେ ତହସିଲ କାର୍ଯ୍ୟାଳୟ ପହଞ୍ଚି ତହସିଲଦାର ବାବାଜୀ ଚରଣ ସିଂଙ୍କୁ ଏକ ଲିଖିତ ଅଭିଯୋଗ ଦେଇ ମୁଖ୍ୟ ଫାଟକ ସମ୍ମୁଖରେ ଦୀର୍ଘ ସମୟ ଧାରଣା ଦେଇଥିଲେ।

## ବନବିଭାଗ ତରଫରୁ ଡାବୁଗାଁ ସରକାରୀ ବାଳିକା ବିଦ୍ୟାଳରେ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ



ଡାବୁଗାଁ ୦୬/୭ (ନି.ପ୍ର) :ବନବିଭାଗ ତରଫରୁ କନ୍ୟାଶ୍ରମ ସ୍ଥିତ ଡାବୁଗାଁ ସରକାରୀ ବାଳିକା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା ! ଏହି ଅବସରରେ ଡାବୁଗାଁ ବନାଞ୍ଚଳ ଅଧିକାରୀ ସେତୁ ରଂଜନୀ ଗମାଙ୍ଗ ଯୋଗଦେଇ ନିଜେ ବୃକ୍ଷ ରୋପଣ କରିବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ବୃକ୍ଷ ରୋପଣ ପାଇଁ ଉତ୍ସାହିତ କରିଥିଲି ! ତତସଙ୍ଗେସଙ୍ଗେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ସ୍ୱାଇଁ ଆଜି ଅନୁଷ୍ଠିତ ସଚେତନତା ସଭାରେ ବୃକ୍ଷ ରୋପଣର ଆବଶ୍ୟକତା ସମ୍ବନ୍ଧରେ ବିସ୍ତୃତ ଭାବରେ ଆଲୋଚନା କରିଥିବା ବେଳେ ବୃକ୍ଷ ରୋପଣ ମଣିଷ ଜୀବନକୁ ସାର୍ଥକ କରିବାର ଏକ ଶ୍ରେଷ୍ଠ ମାର୍ଗ ବୋଲି ଛାତ୍ରୀମାନଙ୍କୁ କହିଥିଲି ! ଏହି ସମୟରେ ବନବିଭାଗ କର୍ମଚାରୀ ମାନଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରୀମାନେ ଉପସ୍ଥିତ ଥିଲେ ।ଆଜି ବିଦ୍ୟାଳୟ ପରିସର ମଧ୍ୟରେ ୧୫୦ ଟି ବୃକ୍ଷ ରୋପଣ କରାଯାଇଥିଲା ।

## ସେବା ଓ ସେବକ ସପ୍ତାହ ଅବସରରେ ସ୍ୱାମ ପାଟଣା ମହାବିଦ୍ୟାଳୟରେ ଚାରା ରୋପଣ

ପାଟଣା ୦୬/୭ (ନି.ପ୍ର) : ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଙ୍କ ୯୪ତମ ପୁଣ୍ୟତିଥି ଅବସରରେ ଆଜି ଦୈନିକ 'ସମାଜ' ପକ୍ଷରୁ ପାଟଣା ବ୍ଲକ ମୁଖ୍ୟାଳୟ ସ୍ୱାମପାଟଣା ଆଞ୍ଚଳିକ ମହାବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଛି। ମୁଖ୍ୟ ଅତିଥି ଭାବେ ପାଟଣା ବ୍ଲକ ବିଜୁ ଜନତା ଦଳର ସଭାପତି ମାଧବାନନ୍ଦ ପୃଷ୍ଟିଙ୍କ ଦ୍ୱାରା ପ୍ରଥମ ପିଜୁଳି ଚାରା ରୋପଣ କରାଯାଇଥିଲା। ମହାବିଦ୍ୟାଳୟ ର ଅଧକ୍ଷ ବିରେନ୍ଦ୍ର କୁମାର ସାହୁ, କ୍ରିଡ଼ା ଶିକ୍ଷକ ଲେଫ୍ଟନାଣ୍ଟ ଧର୍ମେନ୍ଦ୍ର କୁମାର ସାହୁ ଙ୍କ ସହ ବରେଣ୍ୟ ଅତିଥି ଭାବେ ବଡପାଟଣା ସରପଞ୍ଚ ବିନତୀ ବାନରା, ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ, ସମାଜସେବୀ ଅଜୟ କୁମାର ଦାଶ, ବନପାଳ ଚିତ୍ତରଞ୍ଜନ ପରିଡା, ବନବିଭାଗ ପାରା କର୍ମଚାରୀ ଅଟଳ ବିହାରୀ ସେଠୀ, ମହାବିଦ୍ୟାଳୟର ଛାତ୍ର ଦେବବ୍ରତ ମିଶ୍ର, ସୁଶାନ୍ତ କୁମାର ମହାନ୍ତ ଓ ଦୀପକ କୁମାର ମହାନ୍ତ ଙ୍କ ସହ ସମାଜ ପ୍ରତିନିଧି ନୃସିଂହ ନାଥ ସିଂହ ଓ ଚିରଞ୍ଜିବି ଦାଶ, ଗଣମାଧ୍ୟମ ପ୍ରତିନିଧି ସନ୍ତୋଷ କୁମାର ପତି, ଅଭିମନ୍ୟୁ ରାଉତ, କାମିନୀକାନ୍ତ ଦ୍ୱିବେଦୀ, ବିଜୟ କୁମାର କାରୁଆ, ପ୍ରେସ ବ୍ଲକ ସମ୍ପାଦକ ବିଜୟ ରନ୍ ପତି ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ।

## ଅଧ୍ରେନ୍ଦୁ ଦାସଙ୍କୁ ଅନ୍ୟାୟ ଗିରଫଦାରୀ ଙ୍କୁ ନେଇ ବାଲିଗୁଡା ସାମ୍ବାଦିକ ଙ୍କୁ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ : ଉପ ଜିଲ୍ଲାପାଳ ଙ୍କୁ ଦାବୀପତ୍ର ପ୍ରଦାନ

ବାଲିଗୁଡା ୦୬/୭ (ନି.ପ୍ର) :ତ୍ୟ ନିର୍ଭିକ ନିରପେକ୍ଷ ଖବର ପ୍ରସାରଣ କରୁଥିବା ବରିଷ୍ଠ ସାମ୍ବାଦିକ ତଥା ବଡ଼ ଖବର ର ମୁଖ୍ୟ ସମ୍ପାଦକ ଅଧ୍ରେନ୍ଦୁ ଦାସଙ୍କୁ ରାଜ୍ୟ ସରକାର ଇଓଡବ୍ଲୁ ଲଗାଇ ଆକ୍ରୋଶ ମୂଳକ ଭାବେ କଣ୍ଠରୋଧ କରିବା ପାଇଁ ଗିରଫ କରାଯାଇ ଥିବାରୁ ବାଲିଗୁଡା ସାମ୍ବାଦିକଙ୍କ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି ଏବଂ ସରକାର ଗଣତନ୍ତ୍ର କୁ ହତ୍ୟା କରିଥିବା ହୀନ ପ୍ରୟାସ କୁ ତୀବ୍ର ନିନ୍ଦା କରାଯାଇଛି ଓ ଓଡିଶା ଇତିହାସ ରେ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଥିବା ନେଇ ସାମ୍ବାଦିକ ଙ୍କ ମହଲ ରେ ଅସନ୍ତୋଷ ଦାନା ବାନ୍ଧୁଛି। ଏ ନେଇ ଆଜି ପିତବୁଲ୍ଡି ଛକ ରୁ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ଯାଇ ବରିଷ୍ଠ ସାମ୍ବାଦିକ ଅଧ୍ରେନ୍ଦୁ ଦାସ ଙ୍କୁ ନିଃସର୍ତ୍ତ ଖଲାସ ପାଇଁ ଓଡିଶା ର ମାନ୍ୟବର ରାଜ୍ୟପାଳ ଙ୍କ ଉଦ୍ଦେଶ୍ୟ ରେ ଏକ ଦାବୀ ପତ୍ର ଦିଆଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ତୁରନ୍ତ ଖଲାସ କରାନଗଲେ ଆଗାମୀ ଦିନରେ କଳାବ୍ୟାଚ୍ ପରିଧାନକରି ଆନ୍ଦୋଳନକୁ ଓଲହାଇବାକୁ ବାଲିଗୁଡା ସାମ୍ବାଦିକ ସଙ୍ଘ, କ୍ଷ ଫ୍ରଣ୍ଟ ଲାଇନ ସାମ୍ବାଦିକ ସଙ୍ଘ, କେୟୁଜେ ସଙ୍ଘ ପକ୍ଷରୁ ଚେତାବନୀ ଦିଆଯାଇଛି। ବଡ଼ ଖବର ର ବାଲିଗୁଡା ପ୍ରତିନିଧି ସତ୍ୟ ନାରାୟଣ ପଣ୍ଡା ଙ୍କ ନେତୃତ୍ୱ ରେ ବରିଷ୍ଠ ସାମ୍ବାଦିକ ଅସିତ ବେହେରା, ସୁରେଶ କୁମାର ପତି, ଚିତ୍ତ ରଞ୍ଜନ ନାୟକ, ଅଜିତ ନାୟକ ପ୍ରମୋଦ ଦଣ୍ଡସେନା ଭଗବତୀ ପ୍ରସାଦ ସାବତ, ସୁରେଶ କୁମାର ପଣ୍ଡା, ସୁବ୍ରତ କୁମାର ମାଝୀ, ତାପସ କୁମାର ନାୟକ, ବନବାସୀ ପ୍ରଧାନ, ଲକ୍ଷ୍ମୀ ନାରାୟଣ ମଳିକ ପ୍ରମୁଖ ଯୋଗଦେଇଥିଲେ

## ସଂପାଦକୀୟ

# ଟାଟା ହାତରେ 'ଏୟାର ଇଣ୍ଡିଆ'

ଦୀର୍ଘ ୬୯ ବର୍ଷର ବ୍ୟବଧାନରେ ଭାରତର ଅନ୍ୟତମ ବୃହତ୍ତ ଶିଳ୍ପ ଉଦ୍ୟୋଗ ଟାଟା କମ୍ପାନୀର ହାତକୁ ଫେରିଛି ରାଷ୍ଟ୍ରାୟତ୍ତ ବିମାନ ଚଳାଚଳ ସଂସ୍ଥା 'ଏୟାର ଇଣ୍ଡିଆ' । ସରକାରୀ ନିୟନ୍ତ୍ରଣାଧୀନ ଏୟାର ଇଣ୍ଡିଆ ଗତ କିଛି ବର୍ଷ ହେଲା ବିପୁଳ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଥିଲା । ତେଣୁ କେନ୍ଦ୍ର ସରକାର ଏକ ନିଲାମ ପ୍ରକ୍ରିୟା ମାଧ୍ୟମରେ ଏହି ବିମାନ ଚଳାଚଳ ସଂସ୍ଥାଟିକୁ ଗତ ବର୍ଷ ଅକ୍ଟୋବର ୮ ତାରିଖ ଦିନ ଟାଟା ଗ୍ରୁପ୍‌କୁ ବିକ୍ରୀ କରିଦେଇଥିଲେ । ଟାଟା କମ୍ପାନୀ ଦ୍ୱାରା ୧୯୩୨ ମସିହାରେ ଏୟାର ଇଣ୍ଡିଆ ସ୍ଥାପନ କରାଯାଇଥିଲା । ଟାଟା ଗ୍ରୁପ୍‌ର ପୂର୍ବତନ ଅଧ୍ୟକ୍ଷ ଜେ.ଆର୍.ଡି. ଟାଟା ଦୀର୍ଘ ବର୍ଷ ଧରି ଏହାର ଅଧ୍ୟକ୍ଷ ରହିଥିଲେ । ମାତ୍ର କେନ୍ଦ୍ର ସରକାର ୧୯୫୩ ମସିହାରେ ଏହାକୁ ଘରୋଇକରଣ କରିବା ସହିତ ଏହାର ମାଲିକାନା ନିଜ ହାତକୁ ନେଇଥିଲେ । ସେତେବେଳେ ଏକମାତ୍ର ବିମାନ ଚଳାଚଳ ସଂସ୍ଥା ଭାବରେ ଏହା ବେଶ୍ ଲାଭଦାୟକ ହେବା ସଙ୍ଗେସଙ୍ଗେ ଯଥେଷ୍ଟ ସୁନାମ ଅର୍ଜନ କରିଥିଲା । ବସ୍ତୁତଃ ଏହାର କୌଣସି ପ୍ରତିଦ୍ୱନ୍ଦ୍ୱୀ ନଥିବାରୁ ଦେଶ ବିଦେଶରେ କେବଳ ଏୟାର ଇଣ୍ଡିଆର ବିମାନ ଦ୍ୱାରା ହିଁ ଯାତ୍ରୀମାନେ ଯିବାଆସିବା କରୁଥିଲେ । କମ୍ପାନୀର ପ୍ରତିଷ୍ଠାତା ଜେ.ଆର୍.ଡି. ଟାଟାଙ୍କୁ ସମ୍ମାନ ଜଣାଇ ଭାରତ ସରକାର ବିମାନ କମ୍ପାନୀକୁ ନିଜ ହାତରେ ରଖିଲେ ମଧ୍ୟ ତାଙ୍କୁ ଏହାର ଅଧ୍ୟକ୍ଷ ଦାୟିତ୍ୱରେ ଅବସ୍ଥାପିତ କରିଥିଲେ ଏବଂ ୧୯୭୭ ମସିହା ପର୍ଯ୍ୟନ୍ତ ସେ ସୂଚାରୁରୂପେ ଦାୟିତ୍ୱ ସମ୍ପାଦନ କରିଥିଲେ । ଦୀର୍ଘ ୪ ଦଶନ୍ଧି ଧରି ଏୟାର ଇଣ୍ଡିଆ ପ୍ରଚୁର ଲାଭ କରି ଦେଶର ରାଜକୋଷକୁ ସମୃଦ୍ଧ କରିବା ପରେ କ୍ଷତିର ଯୁଗ ଆରମ୍ଭ ହୋଇଗଲା । ଏହାର ଏକମାତ୍ର କାରଣ ଥିଲା ୧୯୯୪-୯୫ ମସିହାରେ ଭାରତ ସରକାର ଦେଶର ବିମାନ ସେବା କ୍ଷେତ୍ରକୁ ଘରୋଇ କମ୍ପାନୀଙ୍କ ପାଇଁ ଖୋଲି ଦେଇଥିଲେ, ଯଦ୍ୱାରା ଏୟାର ଇଣ୍ଡିଆକୁ ଟକ୍କର ଦେବା ଲାଗି ଅନେକ ବିମାନ ଚଳାଚଳ ସଂସ୍ଥା ଆଗେଇ ଆସିଲେ । ଇଣ୍ଡିଗୋ, ସାହାରା, ସ୍ପାଇସ୍ ଜେଟ୍ ଭଳି ବହୁ ଘରୋଇ କମ୍ପାନୀ କମ୍ ଭଡ଼ାରେ ଉନ୍ନତମାନର ସେବା ଯୋଗାଇ ଦେବା ଦ୍ୱାରା ଯାତ୍ରୀମାନେ ସେଥିପ୍ରତି ଅଧିକ ଆକୃଷ୍ଟ ହୋଇଥିଲେ ଏବଂ ଏୟାର ଇଣ୍ଡିଆର ସେବା ପ୍ରତି ବିମୁଖ ହେବାକୁ ଲାଗିଲେ । କ୍ରମଶଃ କ୍ଷତିପରିମାଣ ଏଭଳି ବଢ଼ିଚାଲିଲା ଯେ, କର୍ମଚାରୀଙ୍କୁ ନିୟମିତ ବେତନ ଦେବା ସମ୍ଭବପର ହୋଇନଥିଲା । ବର୍ତ୍ତମାନ ମୂଳମାଲିକ ଟାଟା କମ୍ପାନୀ ହାତକୁ ଏହା ପୁଣି ଚାଲିଯାଇଥିବାରୁ ଏହାର ଆର୍ଥିକ ସ୍ଥିତିରେ ସୁଧାର ଆସିବ ବୋଲି ଆଶା କରାଯାଉଛି । କାରଣ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ୍ ସମେତ ଅନ୍ୟ କେତେକ ବ୍ୟାଙ୍କ୍ ଏବେ ଏୟାର ଇଣ୍ଡିଆକୁ ଋଣ ଯୋଗାଇବାକୁ ଆଗେଇ ଆସିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ଏୟାର ଇଣ୍ଡିଆ ହାତରେ ବର୍ତ୍ତମାନ ସୁଦ୍ଧା ୧୪୧ଟି ବିମାନ ଗଚ୍ଛିତ ରହିଛି । ସେଥିମଧ୍ୟରୁ ୪୨ଟି ବିମାନ ଲିଜ୍ ସୂତ୍ରରେ ଥିବାସ୍ଥଳେ ଅବଶିଷ୍ଟ ୯୯ଟି ନିଜସ୍ୱ ବିମାନ । ଏୟାର ଇଣ୍ଡିଆର ମାଲିକାନା ବିଧିବଦ୍ଧ ଭାବରେ ହାତକୁ ନେବା ପରେ ଗୁରୁବାର ଦିନ ଟାଟା ଗ୍ରୁପ୍ ମୁଖ୍ୟ ଏମ୍.ଚନ୍ଦ୍ରଶେଖରନ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିଥିଲେ । ଏହି ଅବସରରେ ଏହାକୁ ଏକ ବିଶ୍ୱସ୍ତରୀୟ ଏୟାର ଲାଇନ୍ସରେ ପରିଣତ କରିବା ପାଇଁ ଟାଟା ଗ୍ରୁପ୍‌ର ପ୍ରତିବଦ୍ଧତା ସେ ଘୋଷଣା କରିଛନ୍ତି । ତେବେ କେବଳ ବାକ୍ୟରେ ନିଜର ପ୍ରତିଶ୍ରୁତିକୁ ସୀମିତ ନରଖି ଯାତ୍ରୀମାନଙ୍କୁ ଉଚ୍ଚମାନର ସେବା ଓ ସୁବିଧା ଯୋଗାଇ ଦେବା କମ୍ପାନୀର ଧ୍ୟେୟ ହେଉ । ତେବେ ଯାଇ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଏହା ସଫଳତା ପାଇବ ।

# ଉଭୟ ପଟୁ ନମ୍ବର ୱାନ୍ !



ନିରଞ୍ଜନ ତ୍ରିପାଠୀ
(ବରିଷ୍ଠ ସାମ୍ବାଦିକ)

ସମ୍ବଲପୁରୀ ଭାଷାରେ ଏକ ପ୍ରବାଦ ଅଛି ଯେ, ଆଗ୍ ଆଡୁ ଦେଖଲେ ଯେନ୍ତା...ପଛ୍ ଆଡୁ ଦେଖେଲେ ସେନ୍ତା । ସେହିପରି ଆମଦେଶ ର ପ୍ରାୟ ୨୯ ଟି ରାଜ୍ୟ ର ୨୯ ଜଣ ମୁଖ୍ୟମନ୍ତ୍ରୀ ମାନଙ୍କ ମଧ୍ୟରୁ ଆମ ଓଡ଼ିଶା ରାଜ୍ୟ ର ମାନ୍ୟବର ମୁଖ୍ୟମନ୍ତ୍ରୀ ହେଉଛନ୍ତି ନମ୍ବର ୱାନ୍ । ଆଗରୁ ବି ପଛରୁ ବି ଏହା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ନିଶ୍ଚିତ ରୂପେ ଗର୍ବର ବିଷୟ । ଏଠାରେ ଆଶ୍ଚର୍ଯ୍ୟାନ୍ୱିତ କରେ ଯେ, ଓଡିଶା ର ମୁଖ୍ୟମନ୍ତ୍ରୀ ଓଡ଼ିଆ ନ ଜାଣି ନଥିବାବେଳେ, ସେ ହେଉଛନ୍ତି ନମ୍ବର ୱାନ୍ କିନ୍ତୁ ଉଭୟ ପଟୁ । ନାମ ଯେପରି ନବୀନ ଅର୍ଥାତ୍ ଆଗରେ ଓ ପଛରେ ଉଭୟ ପଟୁ ନ । ସେହିପରି ଦେଶର ଉତ୍କୃଷ୍ଟ ମୁଖ୍ୟମନ୍ତ୍ରୀ ଭାବେ ନମ୍ବର ୱାନ୍‌ରେ ତାଙ୍କର ନାମ ଆସୁଥିବାବେଳେ ସବୁଠାରୁ ନିକୃଷ୍ଟ ଏବଂ ଭ୍ରଷ୍ଟ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ମଧ୍ୟ ନମ୍ବର ୱାନ୍ । ଏହା ଆମେ କରୁନାହୁଁ, ଦୂରଦର୍ଶନ, ଗଣମାଧ୍ୟମ ଦ୍ୱାରା ପ୍ରସାରିତ, ପ୍ରଚାରିତ ଖବର ମାଧ୍ୟମରେ ଦେଖାଯାଏ ଯେ, ଆଇନଶୃଙ୍ଖଳା ରେ ଅବହେଳା, ନାରୀ ଧର୍ଷଣ, ନିର୍ଯାତନା, ବ୍ୟାଙ୍କ ଡକାୟତି,ଚାଷୀ ସମସ୍ୟା କ୍ଷେତ୍ରରେ ଓଡ଼ିଶା ସର୍ବପ୍ରଥମ ସ୍ଥାନ ଅଳଙ୍କୃତ କରିଛି । ଏଠାରେ କେବଳ ଭାଷଣରେ ଦିଆଯାଏ ନାରୀକୁ ସମ୍ମାନ । କିନ୍ତୁ ବ୍ୟଭିଚାର କ୍ଷେତ୍ରରେ ଶାସକ ଦଳର ନେତା, ଛାମୁଆଁ ଏବଂ ସମର୍ଥକ ସାଜିଛନ୍ତି ଏଠି ଗୋଲ୍ଡ ମେଡାଲିଷ୍ଟ । ରାଜ୍ୟ କେବିନେଟ ର ଅଧିକାଂଶ ମନ୍ତ୍ରୀ, ନାରୀ ଧର୍ଷଣ, ନାରୀ ନିର୍ଯାତନା ଏବଂ ଜଘନ୍ୟ ହତ୍ୟା ପରି ଅପରାଧ ରେ ମୁଖ୍ୟ କର୍ପଟଦାର । ଗଣମାଧ୍ୟମ, ଦୂରଦର୍ଶନ ଯେତେ ରଡିଲେ, ପାଟିକଲେ ମଧ୍ୟ କୁମ୍ଭକର୍ଣ୍ଣ ନିଦରେ ନିଦ୍ରିତ ଆମର ପ୍ରିୟ ନମ୍ବର ୱାନ୍ ମୁଖ୍ୟମନ୍ତ୍ରୀ । କାରଣ ତଳପଟୁ ହେଉ ଅବା ଉପର ପଟରୁ ହେଉ ନାମ ଆସୁଛି ନମ୍ବର ୱାନ୍‌ରେ ।ଏହା ରାଜ୍ୟ ପାଇଁ କମ ଗୌରବ ର ବିଷୟ ବସ୍ତୁ କି ? ରାଜ୍ୟ କେବିନେଟ ମନ୍ତ୍ରୀ ଗୁଡ଼ିକ ଯେତେବି ଭ୍ରଷ୍ଟ ଚରିତ୍ର ହୁଅନ୍ତୁ ନା କାହିଁକି ତାଙ୍କୁ କିଛି କହିବାର ନାହିଁ । କାରଣ ନାହିଁ ସେ ପୁରୁଣା ଦବଦବା ଯେ, ଟିକିଏ ବଦନାମ ହେଲେ ମନ୍ତ୍ରୀ ମଣ୍ଡଳ ତଥା ପାର୍ଟି ରୁ ବାହାର କରି ଦିଆଯିବ। ଥିଲା ସେ ଯୁଗ ଯେତେ ବଡ଼ ନେତା ହୁଅନ୍ତୁ ସ୍ୱାଦ ଚାଖିଛନ୍ତି ଦଳରୁ ବହିଷ୍କୃତ ହେବାର, ମନ୍ତ୍ରୀ ପଦରୁ ତଡ଼ା ଖାଇବାର। ଥିଲା ସେ ନିର୍ମଳ ଭାବମୂର୍ତ୍ତି ଦଳ ମୁଖିଆଙ୍କର । କାରଣ ନିଜ କଡ଼ା ତଦାରଖରେ ନିଷ୍ପତ୍ତି ନେଇପାରୁଥିଲେ ନିଜେ । ବର୍ତ୍ତମାନ ଦଳରେ ଛାମୁଆଁଙ୍କ ଆଧିପତ୍ୟ ବିସ୍ତାର ହୋଇସାରିଛି । ପୂର୍ବଭଳି ବଳିଷ୍ଠ ପଦକ୍ଷେପ କରିଦେଇପାରେ ଚଉକି କୁ ବେଦଖଲ । ସେଇ ଭୟରେ ଚୁପ୍ ରହିଲେ ସବୁ ଠିକ ଠାକ୍ । ରାଜ୍ୟ ର ଜନତା, ଗଣମାଧ୍ୟମ ଆଦି ରଡିରଡି ଦିନେ ନା ଦିନେ ଚୁପ୍ ରହିବେ ନିତି ବେଶ ବାବୁଙ୍କୁ ଜଣା, ତାହାହିଁ ଘଟୁଛି । ଏଥିରେ ବାହାଦୁରୀ ରହୁଛି ଦଳ ମୁଖିଆଙ୍କ ଆଇନ ପରାମର୍ଶଦାତାଙ୍କର । ବରିଷ୍ଠ ପଦକ୍ଷେପ ନେଇ କାହିଁକି ହିନସ୍ତା ହଟହଟା ହେବେ ?ଆପ୍ ଭଲା ତୋ ଜଗତ୍ ଭଲା ନିତି ରେ ଚୁପ୍ ରହିବା ପାଇଁ ବାଧ୍ୟ।ପରୀ, ମମିତା ମେହେର ପରି ଘଟଣାରେ ମୁହଁ ଖୋଲିଲେ ହେବ ଦଳ ମଧ୍ୟରେ ବିଦ୍ରୋହ, ସୃଷ୍ଟି ହୋଇପାରେ ଫାଟ । ଏହାର ଫାଇଦା ନେଉଛନ୍ତି ସେମାନେ । ରାଜ୍ୟ ଗଲାଣି ରସାତଳକୁ ।ଲୁଟି ଚାଲିଛନ୍ତି ଓଡ଼ିଶା ରାଜକୋଷକୁ ଏବଂ ଏହାହିଁ ସେମାନେ ଚାହାନ୍ତି । ବର୍ତ୍ତମାନ ସମୟ ଆସିଛି ପୂର୍ବଭଳି ରାଜ୍ୟ ଶାସନ ଦଳ ମୁଖିଆଙ୍କ ବଳିଷ୍ଠ ପଦକ୍ଷେପ ର । ଯାହାବି ହେବ ହେଉ କିନ୍ତୁ ଭ୍ରଷ୍ଟାଚାରୀଙ୍କୁ ସବକ୍ ଶିଖାଇ ପାରିବେ ଖୋଦ ନବୀନ ବାବୁ,ଯଦି ଚାହିଁବେ ।ବିବି ହୋ ତୋ ଐସା ଚଳଚ୍ଚିତ୍ର ର ଅଭିନେତା କାର୍ଦ ଖାନ୍ ଙ୍କ ଭୂମିକା ପରି ରହେ ନାମ୍ ଭଗୱାନ କା ଘୋଷା ଛାଡି ତାଙ୍କର ମିଲେଟ୍ରି ଚାପୁଡ଼ା ସହିତ ଲାଠି ର ସତ ବ୍ୟବହାର କରିପାରିଲେ ନିଶ୍ଚିତଭାବେ ନବୀନ ବାବୁଙ୍କ ତଳପଟୁ ନମ୍ବର ୱାନ୍ କଟିଯାଇ କେବଳ ତାଲିକା ର ଉପର ପଟରୁ ନମ୍ବର ୱାନ୍ ରହିବ ଏହା ସମସ୍ତ ଓଡ଼ିଆ ଏବଂ ଓଡ଼ିଶାବାସୀ ଉପଲବ୍ଧି କରନ୍ତି । ଏବଂ ଏପରି ହେଲେ ତାଙ୍କର ନାମ ଆହୁରି ଗୌରବାନ୍ୱିତ ହୋଇ ପାରିବ । ଏଥିରେ ଛାମୁଆଁ ଅମଙ୍ଗ ହୋଇ ପାରନ୍ତି କିନ୍ତୁ ଚିନ୍ତା ନାହିଁ ତାଙ୍କ ସହିତ ଅଛନ୍ତି ସାଢ଼େ ଚାରିକୋଟି ଓଡ଼ିଶାବାସୀ । ଯଦି ଲଗାଇ ପାରିବେ ଘୋଷା ର ଦ୍ୱିତୀୟ ଧାଡ଼ି ମୁହଁ କାଳା ହୋ ସଏତାକା ।

# ପଞ୍ଚାୟତ ନିର୍ବାଚନ ଓ ଦଳୀୟ ରାଜନୀତ

**ଶ୍ରୀ ଅବନୀ ଚନ୍ଦ୍ର ଦାସ**

ଆମ ଦେଶରେ ଗ୍ରାମ ପଞ୍ଚାୟତ ଗୁଡିକରେ ପ୍ରତିନିଧିତ୍ୱ କରିବା ପାଇଁ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ଅନୁଷ୍ଠିତ ହୋଇଥାଏ । ଆମ ଦେଶ ଭାରତ ମଧ୍ୟ ଗ୍ରାମ ବହୁଳ ହୋଇଥିବାରୁ ଗ୍ରାମାଞ୍ଚଳ ବିକାଶରେ ଏବଂ ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣ ମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ଅର୍ଥାତ୍ ସେମାନଙ୍କ ଜୀବନ ଧାରଣର ମାନ ବୃଦ୍ଧି ପାଇଁ ମୌଳିକ ସୁବିଧା ଉପଲବ୍ଧ କରାଇବାରେ ଗ୍ରାମ ପଞ୍ଚାୟତ ଗୁଡିକର ମହତ୍ୱ ପୂର୍ଣ୍ଣ ଭୂମିକା ରହିଛି । ତୃଣମୂଳ ସ୍ତରୀୟ ଗ୍ରାମାଞ୍ଚଳ ବିକାଶରେ ସମଗ୍ର ଦେଶର ପ୍ରଗତି ନିର୍ଭର କରେ । ଏହି କାରଣରୁ ଗ୍ରାମାଞ୍ଚଳରେ ଜନସାଧାରଣଙ୍କୁ ନିଜ ନିଜ ପଞ୍ଚାୟତ ପ୍ରତିନିଧି ଯଥା : ୱାର୍ଡ ସଭ୍ୟ, ସମିତି ସଭ୍ୟ ଏବଂ ସରପଞ୍ଚ ଚୟନରେ ଖୁବ୍ ସତର୍କତା ଅବଲମ୍ବନ କରିବାକୁ ପଡ଼ିଥାଏ । ଯେଉଁ ମାନେକି, ସ୍ଥାନୀୟ ସର୍ବ ସାଧାରଣ ସମସ୍ୟା ଗୁଡ଼ିକ ପ୍ରତି ସଚେତନ ଥିବେ; ସବୁ ପ୍ରକାରର ଜନ କଲ୍ୟାଣକାରୀ ସରକାରୀ ଯୋଜନା ଗୁଡ଼ିକୁ ନିଜ ଅଞ୍ଚଳରେ ସଠିକ୍ ଭାବେ କାର୍ଯ୍ୟକାରୀ କରାଇବାର ସାମର୍ଥ୍ୟ ରଖିଥିବେ; ଜନସେବାରେ ନିଜକୁ ନିୟୋଜିତ କରିପାରୁଥିବେ ଏବଂ ନିରପେକ୍ଷ ତଥା ନୀତିବାନ ହୋଇଥିବେ । କିନ୍ତୁ, ସଂପ୍ରତି ପଞ୍ଚାୟତ ସ୍ତରୀୟ ନିର୍ବାଚନରେ ସେମିତିକା ପ୍ରାର୍ଥୀ ଅବାଧରେ ଅବତୀର୍ଣ୍ଣ ହେବାକୁ ଆଗଭର ହେଉନାହାନ୍ତି । ନଚେତ୍, ପ୍ରାର୍ଥୀ ଚୟନ ପ୍ରକ୍ରିୟାରେ କୌଣସି ନା କୌଣସି ବ୍ୟତିକ୍ରମ ବା ଦ୍ୱନ୍ଦ୍ୱ ଦେଖାଦେଉଛି । ଏହାର କାରଣ ଖୋଜି ବସିଲେ ସଠିକ୍ ଭାବେ ଉତ୍ତର ମିଳିବା କଷ୍ଟକର । ଗାଁ ଗହଳିର ସହଜ,ସରଳ ଓ ସ୍ୱାଛନ୍ଦ୍ୟ ସହାବସ୍ଥାନ ଆଉ ପ୍ରାୟତଃ ଦୃଶ୍ୟମାନ ହେଉନାହିଁ । ମୁରବୀମାନଙ୍କୁ ଆଜିକାଲିକା ପିଲାଏ ସବୁ କ୍ଷେତ୍ରରେ ମାନିବାକୁ ପ୍ରସ୍ତୁତ ନୁହଁନ୍ତି । ସାମାଜିକ ସ୍ତରରେ ଗୁରୁ ଗୁରୁଜନ ମାନଙ୍କ ମୁରବୀ ପଣିଆ କ୍ୱଚିତ ସ୍ୱୀକୃତ ହେଉଛି ତ, କେଉଁଠି ସମ୍ପୂର୍ଣ୍ଣ ଅଗ୍ରାହ୍ୟ ହେଉଛି । ଏପରିକି, ସ୍ଥଳ ବିଶେଷରେ ମୁରବୀ ମାନଙ୍କ ବିଚାର, ସେମାନଙ୍କ ମତାମତ ତଥା ନିଷ୍ପତ୍ତିକୁ ଅବମାନନା କରାଯିବା ସହିତ ସେମାନଙ୍କୁ ଅସମ୍ମାନ, ଅପମାନ ଓ ନିର୍ଯାତନା ର ଶିକାର ହେବାକୁ ପଡୁଛି । ଏଣୁ, 'ଆଲୋ ସଖି, ଆପଣା ମହତ ଆପେ ରଖି' ନ୍ୟାୟରେ ବୟସ୍କ, , ବିଚାରଶୀଳ ବୁଦ୍ଧିଜୀବୀ, ମୁରବୀମାନେ ପ୍ରାୟତଃ ସାର୍ବଜନୀନ ସାମାଜିକ ଦାୟିତ୍ୱବୋଧରୁ ନିଜ ନିଜକୁ ଦୂରେଇ ରଖିବାକୁ ଶ୍ରେୟସ୍କର ମଣୁଛନ୍ତି । ଏହାଦ୍ୱାରା ଯେ, ସାମଗ୍ରିକ ଭାବେ ସମାଜର ଅହିତ ସାଧିତ ହେଉଛି, ଏଥିରେ ସନ୍ଦେହର ନାହିଁ । ପୂର୍ବେ, ଗ୍ରାମ ପଞ୍ଚାୟତ ମାନଙ୍କରେ ନିର୍ବାଚିତ ପ୍ରତିନିଧିମାନେ ତାଙ୍କ ଅଧିନସ୍ଥ ଅଂଚଳ ଅଧିବାସୀମାନଙ୍କ ଭଲମନ୍ଦ, ହାନିଲାଭ, ସୁବିଧା ଅସୁବିଧା ଆଦି ଖବର ବୁଝୁଥିଲେ, ନ୍ୟାୟ ବିଚାର ଦେଉଥିଲେ, ଗାଆଁ - ସାହି ପଡୋଶୀଙ୍କ ସୁଖଦୁଃଖରେ ଭାଗୀଦାର ହେଉଥିଲେ, ଯାନିଯାତ୍ରା, ମେଳା ଏବଂ ଉତ୍ସବ ଅନୁଷ୍ଠାନ ମାନଙ୍କରେ ପ୍ରମୁଖ ଭୂମିକା ନିର୍ବାହ କରୁଥିଲେ । ଗାଁ ମୁଖିଆ, ମୁରବୀ ମାନଙ୍କ ଉପରେ ଏହି ସବୁ ଗୁରୁ ଦାୟିତ୍ୱ, କାର୍ଯ୍ୟଭାର ନ୍ୟସ୍ତ ଥିଲା । ଆଉମଧ୍ୟ ସବୁ କ୍ଷେତ୍ରରେ ମୁରବୀ ମାନଙ୍କ ନିଷ୍ପତ୍ତିକୁ ସମସ୍ତେ ମାନୁ ଥିଲେ, ସେମାନଙ୍କୁ ସମ୍ମାନ ଦେଉଥିଲେ । ଆମ ଦେଶର ପ୍ରତିଟି ଗ୍ରାମାଞ୍ଚଳରେ ସାମାଜିକ ବ୍ୟବସ୍ଥା ପରିବେଶକୁ ଅତ୍ୟନ୍ତ ଶାନ୍ତ, ସ୍ନିଗ୍ଧ କରି ଗଢି ତୋଳିବାରେ ସହାୟକ ହେଉଥିଲା । ଆଜି କିନ୍ତୁ, ସେମିତି ସାମାଜିକ ବ୍ୟବସ୍ଥା ନାହିଁ କି, ସେବେଳର ପରିବେଶ ଖୋଜିଲେ ମିଳିବା ସମ୍ଭବ ନୁହେଁ । ଏବେ ଗ୍ରାମ ପଞ୍ଚାୟତର ସଂଖ୍ୟା ବଦଳିଛି, ସଂଜ୍ଞା ବି ବଦଳିଛି । ସରକାରୀ ସ୍ତରରେ ସ୍ୱତନ୍ତ୍ର ବିଭାଗ ଖୋଲିଛି । 'ପଞ୍ଚାୟତିରାଜ' ବିଭାଗ । ବ୍ୟବସ୍ଥାରେ ପରିବର୍ତ୍ତନ ଅଣାଯାଇଛି । ପଞ୍ଚାୟତ ପ୍ରତିନିଧି ତଥା ସରପଞ୍ଚ ମାନଙ୍କୁ ଅଧିକ କ୍ଷମତା ପ୍ରଦାନ କରାଯାଇଛି। ବିଭିନ୍ନ ପ୍ରକାର ନୂଆ ନୂଆ ସରକାରୀ ଯୋଜନାରେ ପଞ୍ଚାୟତ ସ୍ତରୀୟ ଜନ କଲ୍ୟାଣକାରୀ ପ୍ରକଳ୍ପ ପାଇଁ ଅଧିକରୁ ଅଧିକ ଅର୍ଥ ବ୍ୟବସ୍ଥିତ ହେଉଛି । ମୋଟ୍ ଉପରେ କହିବାକୁ ଗଲେ ପ୍ରଗତିର ମୂକଦୁଆ ବୋଲାଉଥିବା ଗ୍ରାମ ପଞ୍ଚାୟତ ଗୁଡ଼ିକୁ ଅଧିକ ସୁଦୃଢ଼ ଓ ସଶକ୍ତ କରିବା ପରିପ୍ରେକ୍ଷୀରେ ଶାସନ କ୍ଷମତାର ବିକେନ୍ଦ୍ରିକରଣ କରାଯାଇଛି । ଆମ ରାଜ୍ୟ ଓଡ଼ିଶାରେ ଏହି ବ୍ୟବସ୍ଥାର ସ୍ୱପ୍ନ ଦେଖିଥିବା ଏବଂ ଏହାକୁ ସାକାର କରିଥିବା ବିଶିଷ୍ଟ ଜନ ନାୟକ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ଅବଦାନ ଅବିସ୍ମରଣୀୟ ନିଶ୍ଚୟ ।

ତାଙ୍କ ଜନ୍ମ ଦିବସକୁ 'ପଞ୍ଚାୟତିରାଜ ଦିବସ' ରୂପେ ପାଳନ କରାଯାଉଥିବା ମଧ୍ୟ ଦିବଂଗତ ଜନନେତାଙ୍କ ପ୍ରତି ଏକ ଶ୍ରଦ୍ଧାଞ୍ଜଳି ବୋଲି କୁହାଯାଇପାରେ । ତଥାପି, ଏହାକୁ ପାରମ୍ପରିକ ପଞ୍ଚାୟତ ବ୍ୟବସ୍ଥାର ବିବର୍ତ୍ତନ କହିଲେ ଅତ୍ୟୁକ୍ତି ହେବନାହିଁ । ବିଶେଷ କରି ଶାସନ ବ୍ୟବସ୍ଥା ଭିତରେ ତୃଣମୂଳ ସ୍ତରରେ ସହଜରେ ମୌଳିକ ଜନସେବା ଯୋଗାଇ ଦେବାପାଇଁ ପଞ୍ଚାୟତିରାଜକୁ ଅଧିକ ସୁଦୃଢ଼, ସୁସଂହତ ଓ ପରିମାର୍ଜିତ କରାଯିବାର ଆଭିମୁଖ୍ୟ ନିଆ ଯାଇଥିଲା । ଦଳୀୟ ରାଜନୀତିର ଉର୍ଦ୍ଧ୍ୱରେ ପଞ୍ଚାୟତ ପ୍ରତିନିଧିଙ୍କ ଉତ୍ତର ଦାୟିତ୍ୱ ରହିଥିଲା । ସେଥିପାଇଁ ପଞ୍ଚାୟତ ନିର୍ବାଚନରେ ରାଜନୈତିକ ଦଳୀୟ ପ୍ରାର୍ଥୀ ଅବତୀର୍ଣ୍ଣ ହେବାକୁ ବାରଣ କରାଯାଇଥିଲା । ବାସ୍ତବରେ ଏହି ବ୍ୟବସ୍ଥା କେବଳ ନଥିପତ୍ରରେ ରହିଯାଇଛି ଅନାବୃତ ହୋଇ । ଏହାର ନୀତି ନିୟମ ସବୁ ନାଲିଫିତା ତଳେ ଚାପି ହୋଇ ରହିଯାଇଛି କେଉଁଠି, କେମିତି ପ୍ରସଙ୍ଗହୀନ ହୋଇ; ତାହାର ହିସାବ ଖୋଜି ବାହାର କରିବାକୁ ତର ନାହିଁ କାହାର । ସାମ୍ପ୍ରତିକ ପଞ୍ଚାୟତ ନିର୍ବାଚନ ସମ୍ପର୍କରେ ଟିକିଏ ନଜର ପକାଇଲେ, ତାର ସଦ୍ୟତମ ନମୁନା ମିଳି ଯାଇପାରେ । ଯେମିତି କି, ପଞ୍ଚାୟତ ନିର୍ବାଚନରେ ସରଂକ୍ଷଣ ବ୍ୟବସ୍ଥା ଲାଗୁ କରିବାପାଇଁ ବିଭିନ୍ନ ଦଳୀୟ ସଂଗଠକ ମାନେ ପର୍ଯ୍ୟାପ୍ତ ପ୍ରତିଶତ ସରଂକ୍ଷିତ ବର୍ଗର ପ୍ରାର୍ଥୀଙ୍କୁ ସୁଯୋଗ ଦେବାକୁ ଘୋଷଣା କରି ପକାଇଥିଲେ। ଏଇ ପ୍ରସଙ୍ଗଟି ରାଜନୈତିକ ସମୀକ୍ଷକ ତଥା ବୁଦ୍ଧିଜୀବୀ ମାନଙ୍କୁ ବିଶେଷ ଚିନ୍ତା ବା ଅନୁଧାନ କରିବାକୁ ବାଧ କଲା । ଆଉ ତାହା ମଧ୍ୟ ସ୍ୱାଭାବିକ । କାରଣ: ଯେଉଁ ଦେଶର ସମ୍ବିଧାନ ଅନୁସାରେ ପଞ୍ଚାୟତ ପ୍ରତିନିଧି ନିର୍ବାଚନ ଲଢ଼ିବା ପାଇଁ କୌଣସି ରାଜନୈତିକ ଦଳୀୟ ପ୍ରାର୍ଥୀଙ୍କୁ ସୁଯୋଗ ନାହିଁ, ସେଠାରେ ବିଭିନ୍ନ ଦଳୀୟ ପ୍ରାର୍ଥୀଙ୍କୁ ସରଂକ୍ଷଣ ଦେବାକୁ କହିବା ସାମ୍ବିଧାନିକ ବ୍ୟତିକ୍ରମ ନୁହେଁ କି ? ଏକଥା ବା କିଏ ପଚାରିବ ? କେହି ପ୍ରଶ୍ନ କଲେ ତାକୁ ରାଜନୈତିକ ଆକ୍ରୋଶର ଶିକାର ହିଁ ହେବାକୁ ପଡିପାରେ । ଅତଏବ, ଏହି ଅମୂଳକ ଏବଂ ଅପ୍ରାସଙ୍ଗିକ କଥାଟିକୁ କେହି ଗୁରୁତ୍ୱ ଦେବାକୁ ଚାହୁଁ ନାହାନ୍ତି। ଅସଲ କଥାଟି ହେଲା କି, ପରୋକ୍ଷ ରାଜନୀତି ରେ ପଞ୍ଚାୟତ ନିର୍ବାଚନକୁ ପ୍ରଭାବିତ କରାଯିବାର ଉଦ୍ଦେଶ୍ୟ । ଦଳୀୟ ଟିକେଟ ସିନା ମିଳିବ ନାହିଁ, ହେଲେ ଦଳଗତ ସମର୍ଥନ ଦିଆଯାଇ ପାରିବ । ସେଥିପାଇଁ, ରାଜନୈତିକ ଦଳମାନେ ନିଜ ନିଜ ସମର୍ଥିତପ୍ରାର୍ଥୀଙ୍କୁ ଚୟନ କରି ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହେବାକୁ ଉସୁକାଇବା ଆରମ୍ଭ କରିଦେଲେଣି । ଆଶାୟୀ ପ୍ରାର୍ଥୀମାନେ ବି ଦଳୀୟ ରାଜନେତାଙ୍କ ପାଖରେ ଶରଣ ପଶିବା ଦେଖାଗଲାଣି । ଜାତୀୟ ଅଥବା ପ୍ରାନ୍ତୀୟ ଦଳ ମାନଙ୍କ ରାଜନୈତିକ ଦୁରଭିସନ୍ଧି କୁ ଭେଦ କରିବାକୁ କାହାର ବା ସାମର୍ଥ୍ୟ ରହିଛି ? ସମସ୍ତେ କ୍ଷମତା ହାସଲ ପାଇଁ ବ୍ୟାକୁଳ । ଗ୍ରାମ୍ୟ ସଂସ୍କୃତି, ସମାଜ ବ୍ୟବସ୍ଥା, ପରିବେଶ, ବିକାଶ ପ୍ରକ୍ରିୟା ପଛେ ଚୁଲିକି ଯାଉ । ଆଦର୍ଶ ପଞ୍ଚାୟତ ପରିଚାଳନା, ନିଜ ଗାଁର ସାମୁହିକ ସ୍ୱାର୍ଥ ବଦଳରେ ଦଳୀୟ ସ୍ୱାର୍ଥରକ୍ଷା ବେଶୀ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାରୁଥିବା ଶକ୍ତି ଆଜିର ଦିନରେ ବେଶ୍ ସକ୍ରିୟ । ନୀତି, ଆଦର୍ଶରେ ବଞ୍ଚୁଥିବା ଏବଂ ନିଜ ଗ୍ରାମ ପଞ୍ଚାୟତ ପ୍ରତି ଆନୁଗତ୍ୟ ରଖୁଥିବା ଅଣରାଜନୈତିକ ବ୍ୟକ୍ତି ବିଶେଷଙ୍କ ପ୍ରାର୍ଥିତ୍ୱକୁ ବହୁମତ ମିଳିବା ସମ୍ଭବ ହେଉନାହିଁ । ପ୍ରଚ୍ଛଦପଟ୍ଟରେ ରାଜନୈତିକ ଦଳ ମାନଙ୍କର ପ୍ରଭାବରେ ପଞ୍ଚାୟତ ନିର୍ବାଚନ ରେ ପ୍ରାର୍ଥୀ ଏବଂ ମତଦାତା ଉଭୟ ଅନେକାଂଶରେ କିଣାବିକା ହୋଇ ଯାଉଛନ୍ତି । ଲାଂଚ, ମିଛ, ଖଚ, କୂଟନୀତି, କପଟ ଆଚାର ସହିତ ଦଙ୍ଗା, ହଂଗାମା, କଳହ, ରାଜନୈତିକ ହିଂସା, ହତ୍ୟା ଓ ରକ୍ତପାତ ଆଦି ଚରମ ସୀମାରେ ପହଞ୍ଚି ସାରିଛି । ଗ୍ରାମାଞ୍ଚଳର ଶାନ୍ତ ସ୍ନିଗ୍ଧ ପରିବେଶ ବିନଷ୍ଟ, ବିପର୍ଯ୍ୟସ୍ତ ହେବାରେ ଲାଗିଛି । ପଞ୍ଚାୟତ ନିର୍ବାଚନ ନିର୍ଦ୍ଦଳୀୟ ନିରପେକ୍ଷ ହେବ କିପରି ? ଏହି ସବୁ କାରଣକୁ ଦୃଷ୍ଟିରେ ରଖି ସମ୍ବିଧାନରେ ସଂଶୋଧନ ଅଣାଯାଇଥିଲା । ପଞ୍ଚାୟତିରାଜ ସଂପର୍କିତ ଦସ୍ତାବିଜ୍ ପ୍ରସ୍ତୁତ କରାଯାଇଥିଲା । ପଞ୍ଚାୟତ ନିର୍ବାଚନରେ ଦଳୀୟ ରାଜନୀତିକୁ ବାଦ୍ ଦିଆ ଯାଇଥିଲା ଓ ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ 'ପଞ୍ଚାୟତ ନିର୍ବାଚନ ରାଜନୈତିକ ନୁହେଁ' ବୋଲି ସ୍ପଷ୍ଟ ହୋଇଥିଲା । ତେବେ ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀତ୍ୱ କୁ ଖୋଲା ଖୋଲି ରାଜନୈତିକ ଦଳୀୟ ସମର୍ଥନ ଦିଆଯାଉଥିବା ପରିପ୍ରେକ୍ଷୀରେ ସାମ୍ବିଧାନିକ ବ୍ୟବସ୍ଥା ନୀରବ କାହିଁକି ?

# ପୌରାଧ୍ୟକ୍ଷ ପ୍ରତ୍ୟକ୍ଷ ନିର୍ବାଚିତ ହେବା କେତେଦୂର ଠିକ୍ ?

**ଗୋପାଳ ଚନ୍ଦ୍ର ନାଥ**

ନିକଟରେ ରାଜ୍ୟ ସରକାର ପୌର ନିର୍ବାଚନ କରିବା ପାଇଁ ବହୁ ବିଳମ୍ବରେ ହେଲେ ମଧ୍ୟ ଅଣ୍ଟା ଭିଡିଛନ୍ତି । ଯହା ଜଣା ପଡୁଛି ରାଜ୍ୟର ପୌର ନିର୍ବାଚନ ସତେ ଯେମିତି ରାଜ୍ୟ ସରକାରଙ୍କ ଦୟାରେ ହିଁ ହେଉଛ । କାରଣ ପୌର ନିର୍ବାଚନ କୌଣସି କାରଣ ନ ଥାଇ ରାଜ୍ୟ ସରକାର ନିଜ ମନ ମର୍ଜିରେ ହିଁ କରୁଛନ୍ତି । ତିନି ବର୍ଷରୁ ଉର୍ଦ୍ଧ୍ୱ ହେବ ପୌର ନିର୍ବାଚନର କାର୍ଯ୍ୟକାଳ ଶେଷ ହୋଇ ଯାଇଥିଲେ ମଧ୍ୟ ରାଜ୍ୟ ସରକାର ଜାଣି ଶୁଣି ନିର୍ବାଚନକୁ ଏଡାଇ ଚାଲିଛନ୍ତି। ଏ ନେଇ ଉଚ୍ଚ ନ୍ୟାୟାଳୟରେ ମଧ୍ୟ ମାମଲା ହୋଇଛି । ହେଲେ ଏବେ ନିର୍ବାଚନ କରିବା ପାଇଁ ସରକାର ଅଂଟା ଭିଡିବା ଆରମ୍ଭ କରିଥିଲେ ହେଁ କିଛି କେଁ ରଖି ଚାଲିଛନ୍ତି । ପୌରାଧ୍ୟକ୍ଷ ନିର୍ବାଚନକୁ ପ୍ରତ୍ୟକ୍ଷ କରିବା ପାଇଁ ରାଜ୍ୟ ସରକାର ସ୍ଥିର ଏକ ପ୍ରକାର କରିଛନ୍ତି ଓ ସାଧାରଣ ଜନତାଙ୍କ ମତାମତ ମଧ୍ୟ ଲୋଡିଛନ୍ତି । କୌଣସି ଆଇନ କରିବା ପୂର୍ବରୁ ବା ସଂଶୋଧନ କରିବା ପୂର୍ବରୁ ଜନ ସାଧାରଣଙ୍କ ମତ ନେବାର ବିଧିକୁ କେବଳ ପାଳନ କରିବା ପାଇଁ ସରକାର ଏ ମତ ମାଗିଛନ୍ତି । କିନ୍ତୁ ସେ ଯାହା ହେଉନା କାହିଁକି ଆମେ ଆଜି ଏଠାରେ ଆଲୋଚନା କରିବା ଯେ ପୌରାଧ୍ୟକ୍ଷ ନିର୍ବାଚନ ପ୍ରତ୍ୟକ୍ଷ କରିବାର କଣ ଆବଶ୍ୟକତା ରହିଛି, ସରକାର କାହିଁକି ଏଭଳି କରିବାକୁ ଯାଉଛନ୍ତି ଓ ଏହା ଦ୍ୱାରା ସାଧାରଣ ଜନତାଙ୍କର କି ଲାଭ ହେବ ଇତ୍ୟାଦି । ପୌରାଧ୍ୟକ୍ଷ ନିର୍ବାଚନ ଏକ ମ୍ୟୁଜିକ ଚେୟାର ସଦୃଶ ହୋଇଯାଇଛି । ବିଗତ ଦିନରେ ମଧ୍ୟ ପୌରାଧ୍ୟକ୍ଷ ନିର୍ବାଚନ ପ୍ରତ୍ୟକ୍ଷ ହୋଇ ଥିଲା ଓ ପୁଣି ତା ପରିବର୍ତ୍ତନ ହୋଇଥିଲା । ଯେତେବେଳେ ଓଡିଶାର ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୟାନନ୍ଦ ପଟ୍ଟନାୟକ ଥିଲେ ତାଙ୍କ ସମୟରେ ଯେଉଁ ପୌରାଧ୍ୟକ୍ଷ ନିର୍ବାଚନ ହୋଇଥିଲା ଓ ସେତେବେଳେ ପୌର ଅନ୍ତର୍ଗତ ନାଗରିକମାନେ ପ୍ରତ୍ୟକ୍ଷ ଭାବରେ ଅଧ୍ୟକ୍ଷ ନିର୍ବାଚନ ସହ ପ୍ରତ୍ୟେକ ୱାର୍ଡ ସଭ୍ୟମାନଙ୍କୁ ମଧ୍ୟ ନିର୍ବାଚିତ କରିଥିଲେ । ୱାର୍ଡ ସଭ୍ୟମାନେ ଉପାଧ୍ୟକ୍ଷ ନିର୍ବାଚନରେ ଭୋଟ ଦେଇ ନିର୍ବାଚନ କରିଥିଲା ବେଳେ ଅଧ୍ୟକ୍ଷଙ୍କ ନାମରେ ଅନାସ୍ଥା ପ୍ରସ୍ତାବ ଆଣି ପାରିବା ଭଳି ଆଇନ ରହିଥିଲା । ଏହା ଦ୍ୱାରା ବହୁ ଅସୁବିଧା ହେଲା । ଆଇନତଃ ଜଣେ ପ୍ରତ୍ୟକ୍ଷ ଭାବରେ ଏକ ନିର୍ଦ୍ଦିଷ୍ଟ ଦଳରୁ ଜିତିଥିଲା ବେଳେ ସଭ୍ୟ ବା ପାରିଷଦମାନେ ଯଦି ଅନ୍ୟ କୌଣସି ଦଳରୁ ଅଧିକ ସଂଖ୍ୟାରେ ନିର୍ବାଚିତ ହୋଇଥାନ୍ତି, ସେଠାରେ ପୌରାଧ୍ୟକ୍ଷର ଭାଗ୍ୟ ସୁତା ଖିଅରେ ଝୁଲିବା ସୁନିଶ୍ଚିତ ହେଉଥିଲା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପୌରପାଳିକାର ଉନ୍ନତିମୂଳକ କାର୍ଯ୍ୟରେ ଘୋର ଅସୁବିଧା ହେଉଥିବା ଦେଖାଯାଉଥିଲା । ପୌରାଧ୍ୟକ୍ଷ ଯାହା ଚିନ୍ତା କରୁଥିଲେ କରିବା ପାଇଁ ତାର ବିପରିତ ବିରୋଧୀମାନେ କହୁଥିବା ଦୃଷ୍ଟିରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିଲା । ଫଳରେ ପୌର ବାସିନ୍ଦାଙ୍କ ଉଦ୍ଦେଶ୍ୟ ସମାଧାନ ହେଉ ନ ଥିବାରୁ ଯେତେବେଳେ ପାଞ୍ଚ ବର୍ଷ ପରେ ସରକାର ବଦଳିଲା, ଦାୟିତ୍ୱ ନେଇଥିବା ସରକାର ପୁଣି ପରୋକ୍ଷ ଭାବରେ ପୌରାଧ୍ୟକ୍ଷ ନିର୍ବାଚନ କଲେ । ପୌର ନିର୍ବାଚନରେ ଜିତିଥିବା ପାରିଷଦମାନଙ୍କ ଦ୍ୱାରା ପୌରାଧ୍ୟକ୍ଷ ଓ ଉପାଧ୍ୟକ୍ଷ ନିର୍ବାଚିତ ହେଲେ । କିନ୍ତୁ ଦେଖାଗଲା ନିର୍ବାଚନରେ ବହୁଳ ଭାବରେ ଅର୍ଥ କାରବାର ସହ ଘୋଡା ବେପାର ହେଲା । ବହୁ ପୌର ପାଳିକାମାନଙ୍କରେ ସଂଖ୍ୟାଗରିଷ୍ଠତା ଆସିଲା ନାହିଁ, ସେଠାରେ କିଣାବିକା ଚାଲିଲା ଓ ବହୁ ଯାଗାରେ ସଂଖ୍ୟା ଗରିଷ୍ଠ ଦଳ ମଧ୍ୟ ପୌରାଧ୍ୟକ୍ଷ ନିର୍ବାଚନରେ ହାରିଗଲା । ଏହାର ଏକ ମାତ୍ର କାରଣ ହେଲା, ନିର୍ବାଚନରେ ସ୍ୱଚ୍ଛତା ରହିଲା ନାହିଁ । ନିର୍ବାଚନର ଫଳ ପ୍ରକାଶ ପରେ ପାରିଷଦମାନଙ୍କର କିଣା ବିକା ଆରମ୍ଭ ହୋଇଯାଏ, ଫଳରେ ପାରିଷଦମାନଙ୍କୁ ଅର୍ଥ ଥିଲା ପାରିଷଦ ନିଜ ଆଡକୁ ନେଇ ଘୋଡା ବେପାର ଜରିଆରେ ନଜର ବନ୍ଦିରେ ରଖିଲେ, ଓ ନିର୍ବାଚନର ଫଳକୁ ଅନାୟସରେ ନିଜ ଆଡକୁ ଟାଣିବାରେ ସକ୍ଷମ ହେଲେ । ଅନାସ୍ଥା ପ୍ରସ୍ତାବ ମଧ୍ୟ ଆଣିବା ପାଇଁ ଦୁଇ ବର୍ଷ ଅବଧି ରଖାଗଲା, ଫଳରେ ଦୁଇ ବର୍ଷ ବିତିଗଲା ପରେ ପାରିଷଦମାନେ ପୌରାଧ୍ୟକ୍ଷ ବିରୋଧରେ ଅନାସ୍ଥା ପ୍ରସ୍ତାବ ଭଳି ଅସ୍ତ୍ର ପ୍ରୟୋଗ କଲେ, ଫଳରେ ପୌରାଧ୍ୟକ୍ଷ ପାଇଁ ଲାଳାୟିତ ବ୍ୟକ୍ତିମାନଙ୍କ ଘୋଡା ବେପାରରେ ଭଲ ଦୁଇ ପଇସା ଓ ଭ୍ରମଣ ଯୋଗ ମଧ୍ୟ ଆରାମରେ ମିଳିଲା । ଏସବୁ ବାଦ୍ ଦଳ ଡିଆଁ ମଧ୍ୟ ଗୋଟିଏ ସବୁଠାରୁ ବଡ କାରଣ ହୋଇ ଠିଆ ହେଲା । ଯାହାକି ପୌର ରାଜନୀତିକୁ କଳୁସିତ କରି ପକାଇଲା । ଏଣୁ ଏସବୁର ପରିବର୍ତନ କରିବାକୁ ସରକାର ଚିନ୍ତା କରିବାର ଆବଶ୍ୟକତା ରହିଥିବା ବେଳେ ଆମ ରାଜ୍ୟ ସରକାର କି ପ୍ରକାର ଚିନ୍ତା କରି ପ୍ରତ୍ୟକ୍ଷ ନିର୍ବାଚନ ପାଇଁ ମନ ବଳାଇଲେ ତା ସାଧାରଣ ଜନତାଙ୍କ ଗୋଚରକୁ ଆସି ପାରିଲା ନାହିଁ । ଯଥା ପୂର୍ବଂ ତଥା ପରଂ ନୀତିରେ ରାଜ୍ୟ ସରକାର ବିଜୁବାବୁଙ୍କ ସମୟରେ ଆପଣେଇ ଥିବା ପ୍ରତ୍ୟକ୍ଷ ନିର୍ବାଚନକୁ ଅଧିକ ଗୁରୁତ୍ୱ ଦେଇଥିବା ପ୍ରତୀୟମାନ ହେଉଛି ।

ଏ ସମସ୍ୟା କେବଳ ଆମ ରାଜ୍ୟର ହୋଇ ରହି ନାହିଁ। ଆମ ଦେଶରେ ସୁଧାର ଆଣିବା ପାଇଁ ଯେତେବେଳେ ଭାରତର ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀ ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥା ଓ ପୌର ପରିଷଦ ନିର୍ବାଚନ ପାଇଁ କିଛି ପରିବର୍ତନ କଲେ, ସେତେବେଳେ ରାଜ୍ୟମାନଙ୍କ ହାତରେ ନିର୍ବାଚନର ଧାରା ନିରୁପଣ ପାଇଁ ସ୍ୱାଧିନତା ପ୍ରଦାନ କଲେ । ଫଳରେ ଅଧିକାଂଶ ରାଜ୍ୟମାନଙ୍କରେ ପୌରାଧ୍ୟକ୍ଷ ନିର୍ବାଚନ ହିଁ ସରକାର ବଦଳିଲେ ତାହା ମ୍ୟୁଜିକ ଚେୟାର ଭଳି ପରିବର୍ତନ ହୋଇ ଚାଲିଲା । ଦେଶରେ ଦଳବଦଳ ଆଇନକୁ କାର୍ଯ୍ୟକାରୀ କରିବାକୁ ସଂସଦରେ ପାରିତ ହୋଇଥିଲେ ମଧ୍ୟ ତାହା ସାଂସଦ ଓ ବିଧାୟକମାନଙ୍କ ସ୍ତରରେ ସୀମିତ ହୋଇ ରହିଗଲା । କାଁ ଭାଁ କେତୋଟି ରାଜ୍ୟ ଦଳ ବଦଳ ଆଇନକୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଓ ପୌର ନିର୍ବାଚନରେ ଲାଗୁ କରିଥିଲେ ମଧ୍ୟ ଅଦ୍ୟାବଧି କେତେକ ରାଜ୍ୟ ସମେତ ଆମ ରାଜ୍ୟରେ ଦଳବଦଳ ଆଇନକୁ ଲାଗୁ କରିବାକୁ କାହିଁକି ଯେ କୁଣ୍ଠାବୋଧ କରୁଛନ୍ତି ତା ସମସ୍ତଙ୍କୁ ସଂଦେହରେ ରଖିଛି । ଅଧିକାଂଶ ରାଜ୍ୟ ଏବେ ପରୋକ୍ଷ ନିର୍ବାଚନକୁ ଆପଣାଇଥିବା ବେଳେ ଆମ ରାଜ୍ୟ ପ୍ରତ୍ୟକ୍ଷ ନିର୍ବାଚନକୁ କାହିଁକି ଯେ ଗୁରୁତ୍ୱ ଦେଉଛି, ତା ସାଧାରଣ ଜନତାଙ୍କ ଅଗୋଚରରେ ରହିଯାଇଛି । ପ୍ରତ୍ୟକ୍ଷ ନିର୍ବାଚନ ଦ୍ୱାରା କ୍ଷମତାର ବିକେନ୍ଦ୍ରିକରଣ ନ ହୋଇ ଏକଚ୍ଛତ୍ରବାଦକୁ ଆପଣାଉଥିବା ଜଣାଯାଉଛି । କାରଣ ଏହା ଦ୍ୱାରା ପାରିଷଦମାନଙ୍କର ଭୂମିକା ଗୌଣ ହୋଇଯିବ, ପାରିଷଦମାନଙ୍କର ମତକୁ ମାନିବା ପାଇଁ ବାଧ୍ୟ ନୁହେଁ ବୋଲି ଅଧ୍ୟକ୍ଷଙ୍କୁ ପରୋକ୍ଷରେ ସରକାର ନିର୍ଦ୍ଦେଶ ଦେଉଥିବା ଭଳି ଏକ ଖବର ଯିବାର ସମ୍ଭାବନା ରହୁଛି । ପାରିଷଦ ଯଦି ଅଧ୍ୟକ୍ଷ ଦଳର ହୋଇଥିବ ବା ବିରୋଧୀ ଦଳର ହୋଇଥିବ, ତାହାକୁ ଦୃଷ୍ଟିରେ ରଖି ଅଧ୍ୟକ୍ଷମାନେ କାର୍ଯ୍ୟ କରିବେ ଏବଂ ବେଶି କିଛି ହେଲେ କିଣା ବିକା ଦ୍ୱାରା ମଧ୍ୟ ଅଧ୍ୟକ୍ଷ ଅଧିକ କ୍ଷମତାଶାଳୀ ହେବାର ସୂଚିତ ହେଉଛି । ଏଣୁ ସରକାର ପ୍ରତ୍ୟକ୍ଷ ନିର୍ବାଚନରୁ ନିବୃତ ହୋଇ ପରୋକ୍ଷ ନିର୍ବାଚନ କଲେ ଭଲ ହୁଅନ୍ତା ବୋଲି ମତ ପ୍ରକାଶ ପାଉଛି । ସେହିଭଳି ପଞ୍ଚାୟତ ନିର୍ବାଚନକୁ ଦଳିୟ ଭିତିରେ କରିବାର ଆବଶ୍ୟକତା ରହିଛି ଓ ସରପଞ୍ଚ ନିର୍ବାଚନକୁ ପ୍ରତ୍ୟକ୍ଷ ପରିବର୍ତେ ପରୋକ୍ଷ ଭାବରେ କଲେ ପଞ୍ଚାୟତଗୁଡିକର ଉନ୍ନତିରେ ବହୁତ ସୁଧାର ଆସନ୍ତା ଓ ୱାର୍ଡ ସଭ୍ୟମାନଙ୍କର କିଛି କ୍ଷମତା ସେମାନଙ୍କ ହାତକୁ ଆସିପାରନ୍ତା । ୱାର୍ଡ ସଭ୍ୟମାନେ କେବଳ ନାଏବ ସରପଞ୍ଚ ନିର୍ବାଚନ ପରେ ସେମାନଙ୍କ ଭୂମିକା ଗୌଣ ହୋଇଯାଉଥିବା ବହୁ ସମୟରେ ଅଭିଯୋଗ ହେଉଛି । ଏ ସମସ୍ତବାଦ ପୌରାଧ୍ୟକ୍ଷ ଓ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସୁଧାର ଆଣିବା ପାଇଁ ଦଳ ବଦଳ ଆଇନକୁ କଡାକଡି ବାବେ ଲାଗୁ କରିବା ସହ ନିର୍ବାଚନର ଧାରାକୁ ମଧ୍ୟ କିଛି ମାତ୍ରାରେ ପରିବର୍ତନ କଲେ ଘୋଡା ବେପାର ବନ୍ଦ ହେବା ସହ ହେଉଥିବା ଅର୍ଥ କାରବାରକୁ ବହୁକାଂଶରେ କମ କରା ଯାଇପାରିବ । ପଞ୍ଚାୟତରେ ସରପଞ୍ଚକୁ ପଞ୍ଚାୟତର ମୁଖ୍ୟମନ୍ତ୍ରୀ କୁହାଯାଉଥିବା ବେଳେ ପୌରାଧ୍ୟକ୍ଷ ପୌର ପାଳିକାର ହିଁ ମୁଖ୍ୟମନ୍ତ୍ରୀ । ଏଣୁ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ନିର୍ବାଚନ ଭଳି ସରପଞ୍ଚ, ପୌରାଧ୍ୟକ୍ଷ ଓ ଜିଲ୍ଲା ପରିଷଦର ଅଧ୍ୟକ୍ଷ ନିର୍ବାଚନ କଲେ ଭଲ ହୁଅନ୍ତା ଓ ସ୍ୱଚ୍ଛତା, ସୁଧାର ଆସନ୍ତା ବୋଲି ଦୃଢ ଭାବରେ କହି ପାରିବା । କିନ୍ତୁ କେତେଦୂର ସରକାର ଏଥିପ୍ରତି ଦୃଷ୍ଟି ଦେଉଛନ୍ତି ଓ ନିର୍ବାଚନର ସୁଧାର ଆଣୁଛନ୍ତି ଦେଖିବାକୁ ବାକି ରହିଲା ।

### ଫିଲ୍ମ 'ଟଷ' ର ସଫଳତା ପରେ

# ରଣବୀରଙ୍କ ଆଗରେ ଫିଲ୍ମର ଲମ୍ବା ଲାଇନ୍



୧୯୮୩ରେ ପ୍ରଥମଥର ପାଇଁ ଭାରତ ଜିତିଥିଲା ବିଶ୍ୱକପ୍। ସେତେବେଳର ସେଇ ଚିତ୍ରକୁ ନେଇ କବିର୍ ଖାନ୍‌ଙ୍କ ନିର୍ଦ୍ଦେଶନାରେ ରିଲିଜ୍ ହୋଇଥିଲା ଫିଲ୍ମ '୮୩'। ଅଲ୍‌ରାଉଣ୍ଡର କପିଲ୍ ଦେବଙ୍କ ବାୟୋପିକ୍ ୮୩ରେ ରଣବୀର ଅଭିନୟ କରି ସମସ୍ତଙ୍କ ହୃଦୟ ଜିତି ସାରିବା ପରେ ଏବେ ତାଙ୍କ ପାଖକୁ ଆଉ ୫ଟି ବାୟୋପିକ୍‌ର ଅଫର ମିଳିଥିବା ଶୁଣିବାକୁ ମିଳୁଛି। ୮୩ରେ ତାଙ୍କ ଲୁକ୍‌ଠାରୁ ଆରମ୍ଭ କରି ଆକ୍ସନ୍ ପର୍ଯ୍ୟନ୍ତ ସବୁକୁ ଦର୍ଶକ ପସନ୍ଦ କରିଛନ୍ତି। ଭାରତ କିଭଳି ପ୍ରଥମ ବିଶ୍ୱକପ୍ ଜିତିଥିଲା ତାହା ୮୩ ଫିଲ୍ମରେ ଦେଖିବାକୁ ମିଳିଛି। ଏହାର ସଫଳତା ପରେ ଏବେ ରଣବୀରଙ୍କ ପାଖକୁ ଅନେକ ଗୁଡ଼ିଏ ବାୟୋପିକ୍‌ର ଅଫର୍ ଆସିଥିବା ଚର୍ଚ୍ଚା ହେଉଛି। ଏହାକୁ ନେଇ ରଣବୀର ଏକ ସାକ୍ଷାତ୍‌କାରରେ କହିଛନ୍ତି, ତାଙ୍କ ପାଖକୁ ୫ଟି ଫିଲ୍ମ ଅଫର ଆସିଛି ଏବଂ ସେଥିରୁ ତିନୋଟି ଫିଲ୍ମ ସ୍ପୋର୍ଟପର୍ସନ୍‌ଙ୍କ ଉପରେ ଆଧାରିତ। ଖବର ଆସୁଛି କି, ରଣବୀର ପାରାପ୍ଲେଗିକ୍ ସ୍ୱିମରଙ୍କ ବାୟୋପିକ୍ କରିବେ। ରଣବୀର କହିଥିଲେ, ୫ଟି ବାୟୋପିକ୍ ମଧ୍ୟରୁ ଗୋଟିଏ ଦମଦାର ହେବ ଏବଂ ତାହା ଖୁବ୍‌ଶୀଘ୍ର ସମସ୍ତଙ୍କ ଆଗରେ ଘୋଷଣା କରାଯିବ। ରଣବୀର ବର୍ତ୍ତମାନ କରନ୍ ଜୋହରଙ୍କ ନିର୍ଦ୍ଦେଶିତ 'ରକି ଅର୍ ରାନୀ କି ପ୍ରେମ୍ କାହାନୀ'ରେ କାମ କରୁଛନ୍ତି, ଏଥିରେ ଆଲିଆ ଭଟ୍ ରଣବୀରଙ୍କ ହିରୋଇନ୍ ଭୂମିକାରେ ନଜର ଆସିବେ । ଏହାସହିତ ରଣବୀର ରୋହିତ୍ ସେଟ୍ଟିଙ୍କ ଫିଲ୍ମ 'ସର୍କସ୍' ଏବଂ 'ଜୈଶ୍ ଭାଇ ଜୋରଦାର୍' ଭଳି ଫିଲ୍ମରେ ନଜର୍ ଆସିବେ।

# ନାକ ସର୍ଜରୀ କରି ଗୋଡ଼ ହରାଇଲେ ଯୁବତୀ



ସୁନ୍ଦର ଚେହେରା ପାଇଁ ନାକର ସର୍ଜରୀ କରିବା ଜଣେ ଯୁବତୀଙ୍କୁ ମହଙ୍ଗା ପଡ଼ିଛି। ସେ କେବେ ଚିନ୍ତା କରି ନଥିଲେ ଯେ ଏଥିପାଇଁ ତାଙ୍କୁ ଦୁଇ ଗୋର ହରାଇବାକୁ ପଡ଼ିବ। ଶେଷରେ ଏପରି କିଛି ଘଟିଲା ଯେଉଁଥିପାଇଁ ଯୁବତୀଙ୍କ ଜୀବନ ବଞ୍ଚାଇବା ଲାଗି ଡାକ୍ତରଙ୍କୁ ଦୁଇ ଗୋଡ କାଟିବାକୁ ପଡ଼ିଲା। ଏଭଳି ଏକ ଘଟଣା ଘଟିଛି ଇସ୍ତାନବୁଲରେ। ସୂଚନା ଅନୁସାରେ ୨୫ ବର୍ଷୀୟ ସେଭିଙ୍କ ସେକ୍ଲିକ ନିଜ ନାକ ଛୋଟ କରିବା ଲାଗି ଇସ୍ତାନବୁଲ ଏକ ଘରୋଇ ହସ୍ପିଟାଲରେ ନୋଜ ରିଡକ୍ସନ ସର୍ଜରୀ କରିଥିଲେ। ଗଣମାଧ୍ୟମ ରିପୋର୍ଟ ଅନୁସାରେ ସର୍ଜରୀ ପରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ୍ ଥିବାରୁ ଡାକ୍ତର ତାଙ୍କ ଘରକୁ ପଠାଇ ଦେଇଥିଲେ। ଘରକୁ ଯିବା ପରେ ସେଭିଙ୍କଙ୍କୁ ଜ୍ୱର ହୋଇଥିଲା। ସେ ଏ ସମ୍ପର୍କରେ ଡାକ୍ତରଙ୍କୁ ଜଣାଇଥିଲେ। କିନ୍ତୁ କୌଣସି ଅସୁବିଧା ନାହିଁ ବୋଲି ଡାକ୍ତର କହିଥିଲେ। ସପ୍ତାହକ ପରେ ଜ୍ୱର ନ କମିବାରୁ ସେଭିଙ୍କ ହସ୍ପିଟାଲ ଯାଇଥିଲେ। ଏପରି ଲକ୍ଷଣ ସାଧାରଣ ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇ ତାଙ୍କୁ ଫେରାଇ ଦିଆଯାଇଥିଲା। କିନ୍ତୁ ସେଭିଙ୍କଙ୍କ ସ୍ୱାସ୍ଥ୍ୟବସ୍ଥା ଦିନକୁ ଦିନ ଖରାପ ହେବାକୁ ଲାଗିଲା। ଡାକ୍ତର କହୁଥିଲେ ସର୍ଜରୀ ପରେ ଏପରି ଲକ୍ଷଣ ଦେଖାଦେଇଥାଏ, ଚିନ୍ତା କରିବାର କୌଣସି କାରଣ ନାହିଁ। ଏହା ସତ୍ୱେ ସେଭିଙ୍କଙ୍କ ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ପରିଲକ୍ଷିତ ହୋଇ ନଥିଲା। ତାଙ୍କ ଭାଇ କୁହନ୍ତି, ଧୀରେ ଧୀରେ ସେଭିଙ୍କଙ୍କ ଦୁଇ ଗୋଡ଼ ରଙ୍ଗ କଳା ପଡ଼ିଯାଇଥିଲା। ଶରୀର ଅତ୍ୟନ୍ତ ଖରାପ ହେବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

# ବସ୍‌କୁ ଅଟକାଇ କଦଳୀ ଲୁଟିଲା ହାତୀ

ସୋଶିଆଲ ମିଡିଆରେ ପ୍ରାୟତଃ ମଜାଦାର ଭିଡିଓ ଭାଇରାଲ ହୋଇଥାଏ। ଆଉ ନିଜର ବ୍ୟସ୍ତବହୁଳ ଜୀବନ ଭିତରେ ଲୋକେ ଏଭଳି ଭିଡିଓ ଦେଖି ଖୁସି ମଧ୍ୟ ହୁଅନ୍ତି। ତେବେ ଆପଣ ଜୀବନରେ ଦିନ ଆଲୁଅରେ ବିଚ୍ ରାସ୍ତାରେ ଚୋରି କଥା ତ କେବେ ନା କେବେ ଶୁଣିଥିବ ବା ଦେଖିଥିବ। ଠିକ୍ ସେହିଭଳି ଏକ ଚୋରିର ଭିଡିଓ ଏବେ ସୋସିଆଲ ମିଡିଆରେ



ଭାଇରାଲ ହୋଇଛି। ହେଲେ ଏହି ଚୋରି ଟିକେ ନିଆରା। ଭିଡିଓରେ ଦିନ ଦ୍ୱିପ୍ରହରରେ ଗୋଟିଏ ହାତୀକୁ ଚୋରି କରୁଥିବାର ଦେଖିବାକୁ ମିଳିଛି। ଚଳନ୍ତା ବସ୍‌କୁ ଅଟକାଇ ଜବରଦସ୍ତ ନିଜ ସୁଣ୍ଢରେ କଦଳି ନେଇଯାଉଛି ହାତୀ। ଡ୍ରାଇଭରକୁ ସୁଣ୍ଢ ବଳରେ ଅକ୍ତିଆର କରି ହାତୀ କଦଳୀ ଲୁଟ୍ କରୁଥିବା ଭିଡିଓରେ ଦେଖିବାକୁ ମିଳିଛି। ହାତୀ କଦଳୀ ଲୁଟ୍ କରିସାରିବା ପରେ ଡ୍ରାଇଭର ପ୍ରାଣ ବିକଳରେ ବସ୍ ଷ୍ଟାର୍ଟ କରି ସେଠାରୁ ପଳାୟନ କରୁଛି। ତେବେ ଏହି ଭିଡିଓ ଶ୍ରୀଲଙ୍କାର କଣ୍ଟାରଗ୍ରାମର ବୋଲି ଜଣାପଡିଛି। ତେବେ ଆଇଏଫ୍‌ଏସ୍ ପ୍ରବୀଣ କାସୱାନ ଏହି ଭିଡିଓଟିକୁ ନିଜ ଅଫିସିଆଲ ଟ୍ୱିଟର ହ୍ୟାଣ୍ଡେଲରେ ଶେୟାର କରିଛନ୍ତି। ଏହାପରେ ଭଡିଓଟି ଖୁବ୍ ଭାଇରାଲ ହୋଇଛି।

# ଘୁଷୁରୀ ଛୁଆକୁ ମା'ର ସ୍ନେହ ଦେଲା ବାଘୁଣୀ

ମା'ର ମାତୃତ୍ୱ ଆଗରେ ଅନ୍ୟ ସବୁ ସମ୍ପର୍କ ଫିକା। ପିଲା ଦୂରେଇଗଲେ ମା' ଅସହାୟ ହୋଇପଡେ, ଯେଉଁଠି ଥିଲେ ମଧ୍ୟ ନିଜ ପିଲାଙ୍କ ପାଇଁ ସବୁବେଳେ ଶୁଭ ମନାସିବାରେ ସେ ଆଦୌ କାର୍ପଣ୍ୟତା କରିନଥାଏ। ଆମେ ମଣିଷମାନେ ଯେ ପିଲାଙ୍କ ଦୁଃଖକଷ୍ଟରେ ଭାଙ୍ଗିପଡୁ, ତା' ନୁହେଁ, ପଶୁ-ପକ୍ଷୀଙ୍କର ମଧ୍ୟ ହୃଦୟ ଅଛି ଓ ସେମାନେ ମଧ୍ୟ ତାଙ୍କ ସନ୍ତାନଙ୍କ ପାଇଁ ବିଳପି ଉଠନ୍ତି। ଏଭଳି ଏକ ଘଟଣା ଘଟିଛି ଥାଇଲାଣ୍ଡରେ। ଶ୍ରୀରଚା ବ୍ୟାଘ୍ର ସଂରକ୍ଷଣରେ ଏକ ବାଘୁଣୀ ୫ଟି ଶାବକଙ୍କୁ ଜନ୍ମ ଦେଲା। କିନ୍ତୁ ରୁଗ୍‌ଣ ସ୍ୱାସ୍ଥ୍ୟ କାରଣରୁ ୨ ଦିନ ମଧ୍ୟରେ ସମସ୍ତ ଶାବକ ପ୍ରାଣ ହରାଇଥିଲେ। ପିଲାଙ୍କୁ ନିଜ ଆଖିଆଗରେ ମରିବା ଦେଖିବା ପରେ ବାଘୁଣୀଟି ଛଟପଟ ହେଲା, କିଛି ଖାଇଲାନି କି ପିଇଲାନି। ନିସ୍ତେଜ ହୋଇ ଗୋଟିଏ ଜାଗାରେ ପଡ଼ିରହିଲା। ଚିଡିଆଖାନା କର୍ତ୍ତୃପକ୍ଷ ବିଶେଷଜ୍ଞ ଦଳଙ୍କୁ ଡକାଇ ବାଘୁଣୀର ସ୍ୱାସ୍ଥ୍ୟ ପରୀକ୍ଷା କଲେ। ଡାକ୍ତର ଦଳଙ୍କ ମତ ଥିଲା, ପିଲାଙ୍କ ମୃତ୍ୟୁ ଦେଖି ବାଘୁଣୀଟି ମାନସିକ ଅବସଦାଗ୍ରସ୍ତରେ ଆକ୍ରାନ୍ତ। ନବଜାତ ଶାବକ ଆଣି ବାଘୁଣୀ ମା' ପାଖେ କିଛିଦିନ ଛଡାଗଲେ ବାଘୁଣୀଟିର ସ୍ୱାସ୍ଥ୍ୟାବସ୍ଥାରେ ପରିବର୍ତ୍ତନ ହେବାର ସମ୍ଭାବନା ଥିବା ଡାକ୍ତର କହିଥିଲେ। ସଙ୍ଗେ ସଙ୍ଗେ ବାଘ ଛୁଆ କେଉଁଠାରୁ ଯୋଗାଡ଼ କରିବାରେ କର୍ତ୍ତୃପକ୍ଷ ଅସମର୍ଥ ହୋଇଥିଲେ, କିନ୍ତୁ ସେମାନେ ଏକ ଉପାୟ ପାଞ୍ଚି ଯୋଜନାରେ ସଫଳ ହେଲେ। ଅନ୍ୟ ଏକ ଚିଡିଆଖାନାରୁ ନବଜାତ ଘୁଷୁରି ଛୁଆଙ୍କୁ ଆଣି ସେମାନଙ୍କୁ ବାଘ ଛାଲର ପୋଷାକ ପିନ୍ଧାଇ ବାଘୁଣୀ ମା' ପାଖରେ ଛଡ଼ାଗଲା। ଘୁଷୁରି ଛୁଆକୁ ନିଜ ପିଲା ମନେ କରି ରୂପ ଦେଖି ବାଘୁଣୀଟି ସେମାନଙ୍କୁ ସ୍ନେହ ଆଦର କଲା, ଦିନ କେଇଟାରେ ପୁଣି ସୁସ୍ଥସବଳ ହୋଇ ଛିଡାହେଲା। ଖିଆପିଆ ଠିକ୍ କରିବା ପରେ କର୍ତ୍ତୃପକ୍ଷ ଘୁଷୁରି ଛୁଆଙ୍କୁ ସମୟକ୍ରମେ ବାଘ ଚିଡ଼ିଆଖାନାରୁ ବାହାର କରିଥିଲେ। ମା-ପିଲାର ସମ୍ପର୍କର ନିବିଡ଼ତା, ଏଇ ଘଟଣାଟି ସୁନ୍ଦର ଭାବେ ମାନବଜାତିକୁ ଶିକ୍ଷା ଦେଇଛି।



# ହଲିଉଡର 'ଗୋଲ୍ଡେନ୍ ଗର୍ଲ' ବେଟି ହ୍ୱାଇଟ୍‌ଙ୍କ ପରଲୋକ



ହଲିଉଡ୍‌ର ପ୍ରସିଦ୍ଧ ଅଭିନେତ୍ରୀ ବେଟି ହ୍ୱାଇଟ୍‌ଙ୍କର ୯୯ ବର୍ଷ ବୟସରେ ପରଲୋକ ଘଟିଛି। ବିଟି ହ୍ୱାଇଟ୍ ୩୧ ଡିସେମ୍ବରରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଞ୍ଚଷର ଏକ୍ଟଷୟରଭ ଏସକ୍ସକ୍ଷୟ ଓ ଞ୍ଚଷର ଗବକ୍ସଜ ଞ୍ଚଜକ୍ଷରକ୍ସ ଗକ୍ଟକ୍ଟକ୍ସର ଝଷକ୍ଟଙ୍ଗ ଭଳି ଶୋ'ରେ କାମ କରି ବେଟି ହ୍ୱାଇଟ୍ ଆମେରିକାର ଜନତାଙ୍କୁ ସାତ ଦଶକ ପର୍ଯ୍ୟନ୍ତ ହସାଇଛନ୍ତି। କିନ୍ତୁ ଏବେ ସେ ଦୁନିଆ ଛାଡି ଯାଇ ସାରିଛନ୍ତି। ବେଟି ହ୍ୱାଇଟ୍‌ଙ୍କ ପରଲୋକ ତାଙ୍କ ଘରେ ଶୋଇବା ଅବସ୍ଥାରେ ହୋଇଛି। ବେଟି ହ୍ୱାଇଟ୍ ହଲିଉଡ ଇଣ୍ଡଷ୍ଟ୍ରିରେ ସବୁଠାରୁ ଲମ୍ବା କ୍ୟାରିୟର ଏନଜୟ କରିଛନ୍ତି। ଏହା ସହିତ ତାଙ୍କ ନାମ ଶୋବିଜ୍ ଇତିହାସରେ ମଧ୍ୟ ରେକର୍ଡ ହୋଇ ରହିଯାଇଛି। ବେଟି ହ୍ୱାଇଟ୍ ୧୯୪୯ରେ ନିଜର ଟେଲିଭିଜନରୁ କ୍ୟାରିୟର ଆରମ୍ଭ କରିଥିଲେ। ତାଙ୍କର ଶେଷ ଫିଲ୍ମ 'ଟଏ ଷ୍ଟୋରୀ-୪'ରେ ଥିଲା। ବେଟି ହ୍ୱାଇଟ୍ ୨୦୧୯ରେ ଆସିଥିବା ଏହି ଆନିମେଟେଡ୍ ଫିଲ୍ମରେ ଏକ ଭୂମିକାରେ ନିଜର ଭଏସ୍ ଦେଇଥିଲେ। ତାଙ୍କ ପରଲୋକରେ ହଲିଉଡ ଇଣ୍ଡଷ୍ଟ୍ରିକୁ ବଡ ଝଟ୍‌କା ଲାଗିଛି।

# ତ୍ୱଚା ପାଇଁ ଉପକାରୀ ମସୁର ଡାଲି

ସୁନ୍ଦର ଦେଖାଯିବା ପାଇଁ କିଏ ବା ନ ଚାହେଁ। ସମସ୍ତେ ସୁନ୍ଦର ଦେଖାଯିବା ପାଇଁ ଅନେକ ଉପାୟ ଆପଣାଇଥାନ୍ତି। ତ୍ୱଚାର ଚମକ ବଢ଼ାଇବା ପାଇଁ କିଏ କସ୍‌ମେଟିକ୍‌ର ସହାୟତା ନିଅନ୍ତି ତ ଆଉ କିଏ ଘରୋଇ ଉପଚାର। ଏଭଳି ଏକ ଘରୋଇ ଉପଚାର ହେଉଛି ମସୁର ଡାଲି। ମସୁର ଡାଲିକୁ ମୁହଁରେ ଲଗାଇବା ଦ୍ୱାରା ତ୍ୱଚାର ଉଜ୍ଜ୍ୱଳତା ବଢ଼ିବା ସହ ସୁନ୍ଦରତା ଦ୍ୱିଗୁଣ ହୋଇଯିବ। ଏଥିସହ ତ୍ୱଚା ନରମ ମଧ୍ୟ କରିଥାଏ। ଏହାକୁ ବ୍ୟବହାର କରିବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବା ବି ଜରୁରୀ। କାରଣ ଆପଣଙ୍କ ତ୍ୱଚାରେ ଏହାର ସାଇଡ୍ ଇଫେକ୍ଟ ଯେପରି ନ ପଡେ।

- ମସୁରି ଡାଲିକୁ ବାଟି ଏଥିରେ ମହୁ ଏବଂ ଘିଅ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହି ମିଶ୍ରଣକୁ ୧୫ରୁ ୨୦ ମିନିଟ୍ ଯାଏଁ ମୁହଁରେ ଲଗାନ୍ତୁ। ପରେ ଧୀରେ ଧୀରେ ମସାଜ କରନ୍ତୁ। ଏହାପରେ ଉଷୁମ ପାଣିରେ ମୁହଁ ଧୋଇ ଦିଅନ୍ତୁ। ଆପଣ ଚାହିଁଲେ ଏଥିରେ କ୍ଷୀର ମିଶାଇ ମଧ୍ୟ ଲଗାଇପାରିବେ। ସପ୍ତାହରେ ୨ ଥର ଏହି ଫେସ୍ ପ୍ୟାକ୍‌କୁ ଲଗାଇଲେ ରିଙ୍କଲ୍ସ ଦୂର ହେବା ସହ ମୁହଁର ଉଜ୍ଜ୍ୱଳତା ବଢ଼ିଥାଏ।
- ଏକ ଚାମଚ ମସୁର ଡାଲି ଗୁଣ୍ଡରେ ଦୁଇ ଚାମଚ କ୍ଷୀର ମିଶାଇ ଏକ ମିଶ୍ରଣ ତିଆରି କରନ୍ତୁ। ଯଦି ଆପଣଙ୍କ ବ୍ରଣ ସମସ୍ୟା ଥାଏ ତେବେ ଏଥିରେ ଏକ ଚୁଟ୍‌କି ହଳଦୀ ମିଶାଇ ପାରିବ। ଏହି ମିଶ୍ରଣକୁ ମୁହଁରେ ୧୦ରୁ ୧୫ ମିନିଟ୍ ଯାଏ ଲଗାଇ ରଖନ୍ତୁ ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ।
- ଯଦି ମୁହଁରେ କିଛି କଳା ଦାଗ ଥାଏ ତେବେ ଏହାକୁ ଦୂର କରିବା ପାଇଁ ମସୁର ଡାଲିକୁ ବାଟି ସେଥିରେ ଦେଶୀ ଘିଅ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏଥିରେ ଆପଣ ଚାହିଁଲେ ମହୁ ମଧ୍ୟ ମିଶାଇ ପାରି। ଏହି ମିଶ୍ରଣକୁ ମୁହଁ, ବେକ, ହାତ ଓ ଗୋଡରେ ଥିବା କଳାଦାଗ ଦୂର କରିବା ପାଇଁ ବ୍ୟବହାର କରିପାରିବେ। ଏହି ପେଷ୍ଟକୁ ନିୟମିତ ବ୍ୟବହାର କଲେ ତ୍ୱଚାରେ ଥିବା ଦାଗ ଦୂର ହେବା ସହ ମୁହଁର ସୁନ୍ଦରତା ଧୀରେ ଧୀରେ ବଢ଼ିବ।
- ମସୁର ଡାଲିରେ ପ୍ରଚୁର ମାତ୍ରାରେ ପ୍ରୋଟିନ ରହିଛି। ଏହାକୁ ଫେସ୍ ପ୍ୟାକ୍ ଭଳି ବ୍ୟବହାର କଲେ ତ୍ୱଚା ସମ୍ବନ୍ଧୀୟ ଅନେକ ସମସ୍ୟା ଦୂରହୋଇଥାଏ। ତ୍ୱଚା ନରମ ହେବା ସହ ଚିକ୍କଣ ମଧ୍ୟ ହୋଇଥାଏ।

# ଏସିଡିଟି ଦୂର କରେ ମାଲ୍‌ବାର୍ ବାଦାମ ଔଷଧ ଗଛ



ମାଲବାର ବାଦାମ ଏକ ଔଷଧୀୟ ଗଛ। ଏହାର ଉପଯୋଗ ଆୟୁର୍ବେଦ, ହୋମିଓପାଥି, ୟୁନାନି ଚିକିତ୍ସା ପ୍ରଣାଳୀ ଦ୍ୱାରା କରାଯାଇଥାଏ। ସାଧାରଣତଃ ଏସିଆରେ ଏହି ଗଛ ଲଗାଯାଇଥାଏ। ଶୀତ ଋତୁରେ ଔଷଧ ତିଆରି କରିବାକୁ ଏହି ଗଛ ବ୍ୟବହାର କରାଯାଏ। ଏହାର ପତ୍ର ବହୁତ ଶକ୍ତିଶାଳୀ।ଏହାର ପତ୍ରରୁ ଆରମ୍ଭ କରି ଚେର ଯାଏଁ ସବୁ ବିଭିନ୍ନ ରୋଗର ଚିକିତ୍ସା ପାଇଁ ବ୍ୟବହାର କରାଯାଏ। ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ମାଲାବାର ବାଦାମ ଗଛର ପତ୍ର, ଫୁଲ, ଚେର, ଛାଲ ଆୟୁର୍ବେଦରେ ହଜାର ହଜାର ବର୍ଷ ହେଲା ବ୍ୟବହୃତ ହେଉଛି। ଏଥିରେ ଜୀବାଣୁରୋଧୀ ଗୁଣ ରହିଛି। ଛା' ଛଡା ସୁଜନ କାମ କରିବା ଏବଂ ରକ୍ତ ସଫା କରିବା ଗୁଣ ମଧ୍ୟ ଅଛି। ଏହା ସାଧାରଣତଃ ଶ୍ୱାସ ରୋଗ ଏବଂ ଥଣ୍ଡା-କାଶ ସମ୍ବନ୍ଧୀୟ ସମସ୍ୟା ଦୂର କରିବାକୁ ଉପଯୋଗ କରାଯାଇଥାଏ। ତା'ଛଡା ଆହୁରି ଅନେକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଦୂର କରିବାରେ ମଧ୍ୟ ଏହାକୁ ବ୍ୟବହାର କରାଯାଏ।

ଥଣ୍ଡା-କାଶ ପାଇଁ ଏହା ଅତ୍ୟନ୍ତ ଲାଭଦାୟକ। ଏହାର ୭-୮ଟି ପତ୍ରକୁ ପାଣିରେ ଫୁଟାଇ ସେହି ପାଣିକୁ ଛାଣି ସେଥିରେ ମହୁ ମିଶାଇ ସେବନ କରିପାରିବେ। ମାଲାବାର ବାଦାମ ବା ଅଡୁସାରେ ଆଂଟିଭାୟରାଲ ଗୁଣ ରହିଛି ଯାହା ଭାଇରାଲ ସଂକ୍ରମଣ ପାଇଁ ବହୁତ ପ୍ରଭାବଶାଳୀ। ଏହା ବନ୍ଦ ନାକ ଖୋଲିବାରେ ସାହାଯ୍ୟ କରିଥାଏ। ଆଜିକାଲି ଏସିଡିଟି ବା ପେଟରେ ଜ୍ୱଳନ ଏକ ସାଧାରଣ ସମସ୍ୟା ହୋଇଗଲାଣି। ପେଟରେ ଅମ୍ଳ ପଦାର୍ଥ ଖାଦ୍ୟନଳୀକୁ ଆସିବା ଏସିଡିଟି ମୁଖ୍ୟ କାରଣ। ଏହିଭଳି ସ୍ଥିତିରେ ଅଡୁଆ ଲାଭଦାୟକ ପ୍ରମାଣିତ ହୋଇଥାଏ। ଏହା ପେଟରେ ଜ୍ୱଳନ ବା ଏସିଡିଟି କାମ କରିଥାଏ। ଅଡୁସା ପାଉଡର, କଷ୍ଟିମଧୁ ପାଉଡର ଅଁଳା ପାଉଡରକୁ ସମାନ ପରିମାଣରେ ମିଶାଇ ପ୍ରତିଦିନ ଏହାର ସେବନ କଲେ ଏସିଡିଟି ଦୂର ହୋଇଥାଏ। ବ୍ରୋଙ୍କାଇଟିସରେ ବ୍ରୋଙ୍କିଆଲ୍ ଟ୍ୟୁବ୍‌ରେ ବା ଶ୍ୱାସନଳୀ, ନାକ, ପାଟି ଓ ଫୁସ୍‌ଫୁସରେ ବାୟୁନଳୀରେ ସୁଜନ ହୋଇଯାଇଥାଏ। ଯାହାଫଳରେ କାଶ ହୋଇଥାଏ। ଏଥିପାଇଁ ଛାତିରେ ଯନ୍ତ୍ରଣା ଅନୁଭୂତ ହେବାସହ ହାଲୁକା ଜ୍ୱର, ନିଶ୍ୱାସ ନେବାରେ ଅସୁବିଧା ହୋଇଥାଏ। ଅଡୁସା ସେବନ ଦ୍ୱାରା ବାୟୁ ମାର୍ଗ ଖୋଲିଯାଇଥାଏ ଏବଂ ନିଶ୍ୱାସ ନେବାରେ ଅସୁବିଧା ହୋଇନଥାଏ। ତା ସହ କାଶ ମଧ୍ୟ ଦୂର ହୋଇଥାଏ।

# ବଡ଼ବଡ଼ିଆଙ୍କ ପ୍ରଭାବରେ ପ୍ରଶାସନ ପ୍ରଭାବିତ

## 'ମୋ ଉପକାରୀ ବଗିଚ଼ା ଯୋଜନା'ରେ ମହାଦୁର୍ନୀତି ! ୪.୫୧ କୋଟି ଟଙ୍କାର ହିସାବ ମିଳୁନି

ମୟୂରଭଞ୍ଜ ୦୬/୭ (ନି.ପ୍ର) :ମୟୂରଭଞ୍ଜ ଜିଲ୍ଲାରେ 'ମୋ ଉପକାରୀ ବଗିଚ଼ା ଯୋଜନା'ରେ ମହାଦୁର୍ନୀତି। ଜିଲ୍ଲାର ଆର୍ଥିକ ଅନଗ୍ରସର ଆଦିବାସୀ ମହିଳା ଏହି ଯୋଜନାରୁ ବଞ୍ଚିତ ହୋଇଥିବା ବେଳେ କୋଠା ଘର ଥାଇ ସ୍ୱଚ୍ଛଳବର୍ଗର ମହିଳା ଏଥିରୁ ଫାଇଦା ଉଠାଇଛନ୍ତି। ଲୋକାଲ୍ ? ଫଣ୍ଡ ଅଡିଟ୍ ରିପୋର୍ଟ ଅନୁଯାୟୀ ଏହି ଯୋଜନାରେ ୪ କୋଟି ୫୧ ଲକ୍ଷ ଟଙ୍କାର ହିସାବ ମିଳୁନାହିଁ। ଏହି ଦୁର୍ନୀତିରେ କିଛି ରାଜନେତା, ପ୍ରଭାବଶାଳୀ ଲୋକଙ୍କ ସହ ସରକାରୀ ବାବୁ ସଂଶ୍ଳିଷ୍ଟ ଥିବାରୁ ପ୍ରାଶାସନିକସ୍ତରରେ ତଦନ୍ତ ପାଇଁ କେ ?ଣସି ତତ୍ପରତା ପ୍ରକାଶ ପାଉନାହିଁ।କରୋନା ମହାମାରୀ ସମୟରେ କାମଧନ୍ଦା ଅଭାବରୁ ଗରିବ ଶ୍ରେଣୀର ଲୋକେ ଆର୍ଥିକ ଅନଟନରେ ଦିନ କାଟୁଥିଲେ। ଏହିସମୟରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ରାଜ୍ୟ ସରକାର ଆରମ୍ଭ କରିଥିଲେ 'ମୋ ଉପକାରୀ ବଗିଚ଼ା ଯୋଜନା'। ମହିଳାମାନେ ନିଜ ବାଡିବଗିଚ଼ାରେ ପନିପରିବା, ଫୁଲ ଓ ଫଳ ଚ଼ାଷ କରିବାକୁ ମନରେଗା ଯୋଜନାରେ ପ୍ରତି ମହିଳାଙ୍କୁ ୧୦ ହଜାର ୪୭୯ ଟଙ୍କା ସହାୟତା ଯୋଗାଇ ଦେବାକୁ ବ୍ୟବସ୍ଥା ହୋଇଥିଲା। ଏହାବାଦ୍ ଜୀବିକା ମିସନ୍ ? ପକ୍ଷରୁ ପ୍ରତି ମହିଳା ହିତାଧିକାରୀଙ୍କୁ ବିହନ, ସାର ଓ କୀଟନାଶକ କିଣିବା ବାବଦରେ ୨୫୦ ଟଙ୍କା ଦେବାକୁ ବ୍ୟବସ୍ଥା ହୋଇଥିଲା। ଏହି ଯୋଜନାରେ କେଉଁ ବର୍ଗର ମହିଳାଙ୍କୁ ସାମିଲ କରାଯିବ, ସେ ସଂକ୍ରାନ୍ତରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସବୁ ବିଡିଓମାନଙ୍କୁ ଚ଼ିଠି କରିଥିଲେ। ଏହି ଯୋଜନାରେ ମୟୂରଭଞ୍ଜ ଜିଲ୍ଲାରୁ ୨୧ ହଜାର ୩୧୫ ମହିଳାଙ୍କୁ ସାମିଲ କରାଯାଇଥିବା ବେଳେ ସେଥିରୁ ୧୯ ହଜାର ୬୭୮ ଆଦିବାସୀ ମହିଳା ରହିଥିଲେ। ଏଥିପାଇଁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାକୁ ୨୧ କୋଟି ୮୭ ଲକ୍ଷ ୪୮ ହଜାର ଟଙ୍କାର ଅନୁଦାନ ଦିଆଯାଇଥିଲା। ତେବେ ପଞ୍ଚାୟତସ୍ତରରୁ ଆସିଥିବା ତାଲିକାକୁ କେହି ଗୁରୁତ୍ୱ ଦେଲେନି। ସହାୟତା ପ୍ରଦାନ ବେଳେ କେବଳ ଆର୍ଥିକ ଅନଗ୍ରସର ଶ୍ରେଣୀର ମହିଳା ହିଁ ବାଦ୍ ପଡିଲେ। ସେପଟେ କୋଠାଘର ଥାଇ ଚ଼ାଷବାସ କରୁନଥିବା ସ୍ୱଚ୍ଛଳବର୍ଗର ମହିଳାଙ୍କୁ ଅନୁଦାନ ମିଳିଲା। ଏ ବାବଦରେ ଗ୍ରାମାଞ୍ଚଳରୁ ଶହଶହ ଅଭିଯୋଗ ଆସିଥିଲେ ବି ପର୍ଯ୍ୟାୟକ୍ରମେ ସମସ୍ତଙ୍କୁ ଅନୁଦାନ ମିଳିବ ବୋଲି କହି ସମସ୍ତଙ୍କ ମୁହଁ ବନ୍ଦ କରିଦେଇଥିଲା ପ୍ରଶାସନ। ହେଲେ ଅନୁଦାନ ଦୂରେ ଥାଉ, ଘଟଣାର ଯାଞ୍ଚ ମଧ୍ୟ ହେଉନି ବୋଲି କହିଛନ୍ତି ଏହି ଯୋଜନାରୁ ବଞ୍ଚିତ ବିଶୋଇ ଅଞ୍ଚଳର ମମତା ମହାନ୍ତ ଓ ଦେବଯାନୀ ମୁର୍ମୁ। ତଥ୍ୟ ସମ୍ବଳିତ କାଗଜପତ୍ର ଓ ଫଟୋ ଦିଆଯାଇଥିଲେ ବି ସେମାନଙ୍କୁ ଯୋଜନାରେ ସାମିଲ କରାଗଲା ନାହିଁ ବୋଲି କହିଛନ୍ତି ଦେବଯାନୀ।ଏହି ଯୋଜନାରେ ଯଶିପୁର, ଉଦଳା, କପ୍ତିପଦା, ବାଙ୍ଗିରପୋଷି, ଶୁଳିଆପଦା, ରାସଗୋବିନ୍ଦପୁର, ବିଶୋଇ, ଜାମଦା, ତିରିଂ ପ୍ରଭୃତି ବ୍ଲକ୍‌ରେ ଆଖିବୁଜା ଦୁର୍ନୀତି ହୋଇଥିବା ଅଡିଟ୍ ରିପୋର୍ଟରୁ ଜଣାପଡିଛି। କିଛି ରାଜନେତା ଓ ପ୍ରଭାବଶାଳୀ ଲୋକଙ୍କ ଇଙ୍ଗିତରେ ନିର୍ଦ୍ଦିଷ୍ଟ ଲୋକମାନଙ୍କୁ ସହାୟତା ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ଆସିଥିବା ୨୧ କୋଟି ୮୭ ଲକ୍ଷ ୪୮ ହଜାର ଟଙ୍କାରୁ ୪ କୋଟି ୫୧ ଲକ୍ଷ ଟଙ୍କାର ହିସାବ ମିଳୁନଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ କିଛି ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ରରେ 'ମୋ ବଗିଚ଼ା' ନିମନ୍ତେ ଅନୁଦାନ ଆ ?ସିଥିବା ଜଣାପଡିଛି। ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ବଦଳି ପରେ ତାଙ୍କ ସ୍ଥାନରେ ଆଉ କେହି ଯୋଗ ଦେଇନଥିବାରୁ ଏ ବାବଦରେ କେହି ମୁହଁ ଖୋଲୁନାହାନ୍ତି।

## ସିନାପାଲିରେ ବ୍ଲକ ସ୍ତରୀୟ ପ୍ରତିଯୋଗିତା

ସିନାପାଲି ୦୬/୭ (ନି.ପ୍ର) :ଓଡିଶା ସାହିତ୍ୟ ଏକାଡମୀର ସ୍ୱନକ୍ଷତ୍ର ଦିବସ ଅବସରରେ ସିନାପାଲି ଗୋଷ୍ଠୀ ଶିକ୍ଷା ଅନ୍ତର୍ଗତ ଉଭୟ କନିଷ୍ଠ ଓ ବରିଷ୍ଠ ବର୍ଗର ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଛି। ନୋଡାଲ ଉ.ପ୍ରା.ବିଦ୍ୟାଳୟ ଗୋଡାଲ ଠାରେ କନିଷ୍ଠ ଓ ନୋଡାଲ ଉଚ୍ଚ ବିଦ୍ୟାଳୟ ସିନାପାଲି ଠାରେ ବରିଷ୍ଠ ବିଭାଗର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଇଓ ଚୈତନ୍ୟ ହୋତା ଓ ସମ୍ମାନିତ ଅତିଥି ଭାବରେ ଏବିଇଓ ରୁଦ୍ରେଶ୍ୱର ମେହେର ଯୋଗ ଦେଇଥିଲେ। ଉଭୟ ବିଭାଗର ପ୍ରତିଯୋଗିତାରେ ଯଥାକ୍ରମେ ପ୍ରବନ୍ଧରେ ଖଦ୍ୟୋତିକା ଗହିର ଓ ଶିଖା ମେହେର, ବକ୍ତୃତାରେ ନବିନ ନାଏକ ଓ ଗୀତା ମେହେର, କବିତା ଆବୃତ୍ତିରେ ପ୍ରବୀଣ ନାଏକ ଓ ଝରଣା କୈବର୍ତ୍ତ ଏବଂ ସାଧାରଣ ଜ୍ଞାନରେ ଭାରତୀ ପଟେଲ ଓ କୌଶଲ୍ୟା ମେହେର ପ୍ରଥମ ସ୍ଥାନ ଅଧିକାର କରି ନୂଆପଡା ଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟ ବିବେଚ଼ିତ ହୋଇଛନ୍ତି। କନିଷ୍ଠ ବିଭାଗର ବିଚ଼ାରକ ଭାବରେ ବୈଷ୍ଣବ ମେହେର, ଗୌତମ ମେହେର, ଅତୁଳ ପାତ୍ର ଓ ପ୍ରେମାନନ୍ଦ ମେହେର ଏବଂ ବରିଷ୍ଠ ବିଭାଗର ବିଚ଼ାରକ ଭାବରେ ଅନିଲ କୁମାର ସା, କମଳଜୀତ ବୈକାର, ଦୈତାରୀ ମେହେର, ରଶ୍ମୀ ମେହେର, ରାଜେନ୍ଦ୍ର ଖମାରୀ, ନୀହାର ରଂଜନ ଖମାରୀ, ମହେଶ ମେହେର, ପ୍ରଭାରୂପା ଜେନା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସଂପାଦନାରେ ଅରୁଣ କୁମାର ଯୋଷୀ, ଜ୍ଞାନରଂଜନ ସୁନାନୀ, ପ୍ରଦୀପ୍ତ ଯୋଷୀ, ବିଭୁତି ମେହେର ପ୍ରମୁଖ ସହଯୋଗ କରିଥିଲେ।

## ପଥର କ୍ରସର ଯୋଗୁଁ ଭୟଭୀତ ହଜାରିଡାଙ୍ଗ ଗ୍ରାମବାସୀ

### ଚ଼ାଷ ନଷ୍ଟ ସହ ଅନେକ ରୋଗାକ୍ରାନ୍ତ



ରାୟଗଡ଼ ୦୬/୭ (ନି.ପ୍ର) : ରାୟଗଡ଼ା ଜିଲ୍ଲା ଅନ୍ତର୍ଗତ କୋଲନରା ବ୍ଲକ ସୁରି ପଞ୍ଚାୟତ ର ହଜାରିଡାଙ୍ଗ ଗ୍ରାମବାସୀ ତାଙ୍କ ଗାଁ ନିକଟରେ ଥିବା ପି ଭି ଆର୍ ରାମୁ ଷ୍ଟୋନ କ୍ରସର ଓ ମା ମଝିଗୌରୀ ଷ୍ଟୋନ କ୍ରସର ଲାଗି ଭୟଭୀତ ଅବସ୍ଥାରେ ଜୀବନ ଯାପନ କରୁଥିବା ଗ୍ରାମ ବାସି କହିଛନ୍ତି । ଏହାର ମୁଖ୍ୟ କାରଣ ଯେତେବେଳେ ଏହି କ୍ରସର ଗୁଡିକ ପାଇଁ ଯେଉଁ କୁଆଁରୀ ବ୍ଲାଷ୍ଟିଂ କରାଯାଉଛି ଉକ୍ତ ଗ୍ରାମର ଘର ଗୁଡ଼ିକ ର କାନ୍ଥ ଫାଟ ଦେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ରାୟଗଡ ଜିଲ୍ଲା ଏକ ନକ୍ସଲ ପ୍ରବଣ ଜିଲ୍ଲା ହେଇଥିବା ବେଳେ ଏମାନେ କିପରି ଡିନାମାଇଟ ଦ୍ୱାରା ପଥର ପୁଟଉ ଛନ୍ତି ତାହା ତଦନ୍ତ ସାପେକ୍ଷ ଅଟେ। ସେହିଭଳି କ୍ରସର ଚ଼ାରି କଡରେ ପ୍ରଦୂଷଣ ରୋକିବାକୁ ଗଛ ଲଗାଇ ତାକୁ ଚ଼ାରି ଆଡୁ କଭର କରିବା କଥା ତାହା ସମ୍ପୁର୍ଣ୍ଣ ଭାବରେ ଉଲଂଘନ ହେଇଛି। ଏହି କ୍ରସର ର ଯେଉଁ ପଥର ଗୁଣ୍ଡ ଗୁଡ଼ିକ ବିଲ ଜମିରେ ପଡୁଚ଼ି ତାହା ଫଳରେ ଫସଲ ଗୁଡ଼ିକ ମଧ୍ୟ ନଷ୍ଟ ହେଉଥିବା କହିଛନ୍ତି । ଏ ବିଷୟରେ ଗ୍ରାମବାସୀ ମାନେ ଉକ୍ତ କ୍ରସର ମାଲିକ ମାନଙ୍କୁ ବାରମ୍ବାର ଅଭିଯୋଗ କରି ନୟାନ୍ତ ହୋଇ କିଛି ପ୍ରତିକାର ନକରିବା ଫଳରେ ସେମାନେ ଅତି ଦୁର୍ଦ୍ଦିନରେ ଜୀବନ ଯାପନ କରୁଥିବା ଉକ୍ତ ଗ୍ରାମର କୈଳାସ ସିରିକା କହିଛନ୍ତି । ଉକ୍ତ ଗ୍ରାମର ଜଣେ ଛାତ୍ରୀ ମିନତି ତାଡ଼ିଙ୍ଗି କହିଛନ୍ତି ଯେ ଏହି କ୍ରସର ଧୂଳି ଯୋଗୁଁ ଉକ୍ତ ଗ୍ରାମର ଲୋକମାନେ ବିଭିନ୍ନ ଶ୍ୱାସକ୍ରୀୟା ଜନିତ ରୋଗରେ ପୀଡ଼ିତ ହେଉଛନ୍ତି । ପ୍ରଶାସନ ଏହାର ଶୀଘ୍ର ସମାଧାନ କଲେ ଆମ ଜୀବନ ଯାପନ ଶାନ୍ତିରେ ରହିପାରିବୁ ବୋଲି କହିଛନ୍ତି ନଚେତ କେତେବେଳେ ସୋଇଥିବା ସମୟରେ ଘରର କାନ୍ଥ କୌଣସି ଗ୍ରାମବାସୀ ଉପରେ ପଡ଼ିବ ତାହା କହିହେବ ନାହିଁ ।ସୂଚ଼ନା ଅନୁଯାୟୀ ଷ୍ଟନ କ୍ରସର ର ନିୟମାନୁଯାୟୀ ଉକ୍ତ କ୍ରସର ଚ଼ାରିପଟେ ବଡବଡ ଘଞ୍ଚ ଗଛ ଲଗାଯିବ ସହ ପ୍ରତିକାର ପାଇଁ ଅନେକ ପନ୍ଥା ଅବଲମ୍ବନ କରିବା କଥା କିନ୍ତୁ ଏହାକୁ ବେଖାତିର କରି ଏଭଳି ବେଆଇନ ଭାବେ ଏହି କ୍ରସର ଗୁଡ଼ିକ ଚ଼ାଲିଛି । ପ୍ରଦୂଷଣ ବିଭାଗ ଏଥିପ୍ରତି କଠୋର ନୀତି ଅବଲମ୍ବନ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ଲୋକଙ୍କ ଧନ ଜୀବନ ପ୍ରତି ଦୃଷ୍ଟି ଦେବା ପାଇଁ ଗ୍ରାମବାସୀ ନିବେଦନ କରିଛନ୍ତି । ଏହାର ପ୍ରଶାସନିକ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ବଡଧରଣର ଅଶାନ୍ତି ଆଡକୁ ଗତି କରୁଛି ।

## ଫାଇନ ଅତ୍ୟଧିକ ଯୋଗୁଁ ଟ୍ରାକ୍ଟର ମାଲିକ ମାନେ ଜିଲ୍ଲାପାଳ ଙ୍କୁ ଦାବୀପତ୍ର ପ୍ରଦାନ

ଫୁଲବାଣୀ ୦୬/୭ (ନି.ପ୍ର) : ସମସ୍ତ ଟ୍ରାକ୍ଟର ମାଲିକ ମାନେ ମିଳିତ ହୋଇ ଅତ୍ୟଧିକ ପେନାଲ୍ଟି ଫୁଲବାଣୀ ତହସିଲଦାର ଆଦାୟ କରୁଥିବା ଅଭିଯୋଗ କରିବା ସହ ଏ ସଂକ୍ରାନ୍ତରେ ଏକ ଦାବିପତ୍ର କନ୍ଧମାଳ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପତ୍ର ରେ ଯାହା ଲିଖିତ ଅଛି ଯେ ଟ୍ରାକ୍ଟର ମାଲିକ ମାନେ ଦିର୍ଘଦିନ ହେବ ଫୁଲବାଣୀ ସହରର ସମସ୍ତ ସରକାରୀ ଓ ବେସରକାରୀ ନିର୍ମାଣ କାର୍ଯ୍ୟକୁ ଜିନିଷ ଯୋଗାଇ ଦେଇ ଆସୁଅଛନ୍ତି । ଉକ୍ତ ସାମଗ୍ରୀ ତଥା ବାଲି, ପଥର, ଗୁଡ଼ି,ମେଟାଲ ଗୁଡିକୁ ପରିବହନ କରିବା ସମୟରେ ତହସିଦାରଙ୍କ ଦ୍ୱାରା ଆର୍ଥିକ ପ୍ରତାରଣା ହେଉଅଛି । ଆମ ସହରର ନିକଟବର୍ତ୍ତୀରେ କୌଣସି ଲଘୁ ଖଣିଜ ଦ୍ରବ୍ୟର ଖାଦାନ ନାହିଁ । ତେଣୁ ତହସିଲଦାର ଦାବୀ କରୁଥିବା ଫାଇନ ଦେବା ପାଇଁ ଆମ୍ଭମାନଙ୍କ ପକ୍ଷେ ଦେବା ସମ୍ଭବପର ହେଉନାହିଁ । ପୂର୍ବରୁ ତହସିଲ୍ ?ଦାର ଯେତିକି ପରିମାଣ ପେନାଲ୍ ?ଟି ଆଦାୟ ପରାମର୍ଶକ୍ରମେ ପ୍ରତ୍ୟେକ ମାସରେ ପ୍ରତି ଟ୍ରାକ୍ଟର ପିଛା ଟ.୫୧୦୫/- (ପାଞ୍ଚ ହଜାର ଏକ ଶହ ପାଞ୍ଚ ଟଙ୍କା) ପ୍ରଦାନ କରିଆସୁଛନ୍ତି। କିନ୍ତୁ ବର୍ତ୍ତମାନ କିଛିଦିନ ହେବ ତହସିଲ୍‌ଦାର ଟ.୧୦,୦୦୦/- (ଦଶ ହଜାର ଟଙ୍କା) ମାତ୍ର ପେନାଲ୍ ?ଟି କାଟୁଛନ୍ତି । ଯାହା ଆମମାନଙ୍କର ଗାଡ଼ିର ଏକ ମାସର କିସ୍ତି ସହିତ ସମାନ ଅଟେ ବୋଲି ଦାବିପତ୍ର ରେ ଉଲ୍ହେଖ କରିଛନ୍ତି । ଯାହାକି ଆମ ସକ୍ଷମ ଠାରୁ ବହୁତ ଅଧିକ । ଏହାଦ୍ୱାରା ଆମ୍ଭ ?ମାନେ ଆମର ପରିବାର ପ୍ରତିପୋଷଣ କରିବା ପାଇଁ ଅକ୍ଷମ ଅଟୁ । ଏଣୁ ଆପଣ ଉକ୍ତ ବିଷୟ ପ୍ରତି ଅନୁଧ୍ୟାନ କରି ଆମ୍ଭମାନଙ୍କର କିଛି ରାୟ ପ୍ରଦାନ କଲେ ଆମ୍ଭସମସ୍ତଙ୍କୁ ସାମଗ୍ରୀ ଯୋଗାଇବା ସହ ପରିବାର ପ୍ରତିପୋଷଣ କରିବୁ ବୋଲି କହିଛନ୍ତି। ଯଦି ଆପଣ ଉକ୍ତ ବିଷୟ ପ୍ରତି ଦୃଷ୍ଟି ନ କରି ବିଚ଼ାର ନକଲେ ଆମ୍ଭ ?ମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସରକାରୀ ଓ ବେସରକାରୀ କାର୍ଯ୍ୟକୁ ଜିନିଷ ଯୋଗାଇବା ବନ୍ଦ କରିବୁ ବୋଲି ଦାବି ପତ୍ର ରେ ଉଲ୍ଲେଖ କରିଛନ୍ତି ।ଏହି ଘଟଣା କୁ ପ୍ରଶାସନ ଶୀଘ୍ର ସମାଧାନ କରାଯାଉ ବୋଲି କହୁଥିବା ଶୁଣିବାକୁ ମିଳୁଛି ।ଶଙ୍କର ପାଣିଗ୍ରାହୀ, ଗଣେଶ ବେହେରା, ପ୍ରଦୀପ ଦିଗାଲ ଙ୍କ ସମେତ ସମସ୍ତ ଟ୍ରାକ୍ଟର ମାଲିକ ମାନେ ଯଦି ଶୀଘ୍ର ସାମାଧନ ନକଲେ ସମଗ୍ର ଜିଲ୍ଲାର କାର୍ଯ୍ୟ ବନ୍ଦ କରିବୁ ବୋଲି ପ୍ରକାଶ କରିଛନ୍ତି।

## ତିନି କନ୍ୟା ସନ୍ତାନ ଗୋଟିଏ ଗର୍ଭରେ ଜନ୍ମ ହେବା ପରେ ମାଁ ର କ୍ଷୀର ଅଭାବ

### ପୁଷ୍ଟିକର ଖାଦ୍ୟ ପ୍ରଦାନରେ ବିଫଳ ପରିବାର , ସହାୟତା ପାଇଁ ଅନୁରୋଧ



ବୋଡ଼େନ ୦୬/୭ (ନି.ପ୍ର) :ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକ ଖଇରା ଗ୍ରାମପଞ୍ଚାୟତର ମସାନମୁଣ୍ଡା ଗ୍ରାମରେ ନିଃସହାୟ ଆଦିବାସୀ ପରିବାର ।ତିନି କନ୍ୟା ସନ୍ତାନ ଗୋଟିଏ ଗର୍ଭରେ ଜନ୍ମ ହେବା ପରେ ମାଁ ର କ୍ଷୀର ହେଉନାହିଁ, ପୁଷ୍ଟିକର ଖାଦ୍ୟ ପ୍ରଦାନ ରେ ବିଫଳ ପରିବାର କଣ କରିବ ନେଇ ଚ଼ିନ୍ତାରେ। ତିନି କନ୍ୟାର ଖାଦ୍ୟ ବ୍ୟବସ୍ଥା ପାଇଁ ପ୍ରଶାସନ ଙ୍କୁ ସହାୟତା ପାଇଁ ଅନୁରୋଧ କରିଛନ୍ତି। ପୂର୍ବରୁ ଦୁଇ ଗୋଟି ଝିଅ ରହିଛନ୍ତି। ଏବଂ ତୃତୀୟ ଗର୍ଭରେ ତିନି ଗୋଟି କନ୍ୟା ସନ୍ତାନ ଜନ୍ମ ହୋଇଥିଲେ। ସମସ୍ତ କନ୍ୟାବସୁସ୍ଥ ଥିବା ବେଳେ ତାଙ୍କୁ ଆବଶ୍ୟକ ପୁଷ୍ଟିକର ଖାଦ୍ୟ ଦେବା ପାଇଁ ସକ୍ଷମ ହୋଇ ପାରୁନାହାନ୍ତି। ମସାନମୁଣ୍ଡା ଗ୍ରାମର ଉଦ୍ଧବ ମାଝୀ ଙ୍କ ସ୍ତ୍ରୀ ବିଳାଶିନୀ ମାଝୀ। ଦୀର୍ଘ ୪ ମାସ ପୂର୍ବ ରେ ତୃତୀୟ ଗର୍ଭରୁ ତିନି କନ୍ୟା ସନ୍ତାନ ଜନ୍ମ କରିଥିଲେ। କିରଣ, ପ୍ରିୟଞ୍ଜଳୀ, ଏବଂ ଦିବ୍ୟଞ୍ଜଳୀ ଙ୍କ ବୟସ ମାତ୍ର ୫ ମାସ। ଏନେଇ ମାଁ ବ୍ଲକ ପ୍ରଶାସନ ଙ୍କୁ ସନ୍ତାନଙ୍କ ଖାଦ୍ୟ ପାଇଁ ଗୁହାରୀ କରିଥିଲେ। ସୁଫଳ ମିଳିପାରିନାହିଁ। ଜିଲ୍ଲାପାଳ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ତିନି କନ୍ୟା ସନ୍ତାନଙ୍କ ଭରଣ ପୋଷଣ କରି ବ୍ୟବସ୍ଥା କରିବା ପାଇଁ ଅନୁରୋଧ ।

## ଶିକ୍ଷାନୁଷ୍ଠାନ ନାଁ ରେ ଦିଆଯାଉଛି ଶାରୀରିକ ନିର୍ଯାତନା

### ସମ୍ପାଦକଙ୍କ ନାଁ ରେ ବହୁ ଅଭିଯୋଗ ଆଣିଲେ ବିଦ୍ୟାଳୟ କର୍ମଚ଼ାରୀ



ଛତ୍ରପୁର ୦୬/୭ (ନି.ପ୍ର) : ଗଞ୍ଜାମର ଦିବ୍ୟାଙ୍ଗ ଶିକ୍ଷାନୁଷ୍ଠାନ ସମର୍ଥର ସାଧାରଣ ସମ୍ପାଦକଙ୍କ ନାଁ ରେ ମାଳ ମାଳ ସଙ୍ଗୀନ ଅଭିଯୋଗ । ଶିକ୍ଷାନୁଷ୍ଠାନରେ ପଢୁଥିବା ଛାତ୍ରୀ ଏବଂ କର୍ମଚ଼ାରୀଙ୍କୁ ଶାରିରୀକ ନିର୍ଯାତନା ଦେଉଥିବାର ଅଭିଯୋଗ ଆଣିଲେ ବିଦ୍ୟାଳୟ କର୍ତ୍ତୃପକ୍ଷ । ଫୋନ ଯୋଗେ ସ୍କୁଲ ଆଟେଡାଂଟ ସହ ଶାରୀରିକ ସମ୍ପର୍କ ରଖିବାକୁ କହୁଥିବା ଅଡିଓ ହେଲା ଭାଇରଲ । ସୂଚ଼ନା ମୁତାବକ ଛତ୍ରପୁର ଠାରେ ଥିବା ସମର୍ଥ ଶିକ୍ଷାନୁଷ୍ଠାନ ର ସାଧାରଣ ସମ୍ପାଦକ କେ ଆନନ୍ଦ ରାଓ ବିଦ୍ୟାଳୟ ଛାତ୍ରୀ ଏବଂ କର୍ମଚ଼ାରୀଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରିବା ସହ ସ୍କୁଲ ପିଲାଙ୍କ ପାଇଁ ଆସୁଥିବା ଟଙ୍କା ଆତ୍ମସାତ କରୁଛନ୍ତି । ୧୧୪ଜଣ ଦିବ୍ୟଙ୍ଗ ପିଲାଙ୍କ ନାମରେ ୧୭୬୦ ଟଙ୍କା ମାସିକ ଆସୁଥିବା ବେଳେ କମ ପିଲା ରଖି ତାଙ୍କ ନାମରେ ଆସୁଥିବା ଅନୁଦାନ କୁ ହରିଲୁଟ କରିଥିବା ଅଭିଯୋଗ କରିଛନ୍ତି ବିଦ୍ୟାଳୟର ଅନ୍ୟ ଶିକ୍ଷକ ମାନେ । ଖାଲି ସେତିକି ନୁହଁ କୋରନା ସମୟରେ ପିଲାଙ୍କ ପାଇଁ ଆସିଥିବା ଟଙ୍କା ,ବିଦ୍ୟାଳୟ ଶିକ୍ଷକଙ୍କ ମନ ଇଛା ଦରମା ବନ୍ଦ କରିବା ସହ ,ଶିକ୍ଷକଙ୍କୁ ଘର ତିଆରି କାମରେ ଲଗାଇବା ,ଶିକ୍ଷକ ମାନଙ୍କୁ ଶାରୀରିକ ମାନସିକ ନିର୍ଯାତନା ବେଆଇନ ଭାବରେ ପିଲାଙ୍କ ଠୁ ୧୭୦୦ ଟଙ୍କା ଆଡ଼ମିଶନ ଫି ବାବଦ କୁ ନେବା ନେଇ ଆଜି ଜନ ଶୁଣାଣି ରେ ଅଭିଯୋଗ କରିଛନ୍ତି ବିଦ୍ୟାଳୟ ର କର୍ମଚ଼ାରୀ ମାନେ । ତେବେ ପୂର୍ବରୁ ଜଣେ ୧୯ବର୍ଷର ଛାତ୍ରୀ ଙ୍କୁ ଶାରିରିକ ନିର୍ଯାତନା ଦେଇଥିବା ବେଳେ ଉକ୍ତ ଛାତ୍ରୀ ଜଣଂକ ଲଜ୍ୟାରେ ବିଦ୍ୟାଳୟ ଛାଡି ଦେଇଥିଲେ ଆଜି ପୁଣିଥରେ ବିଦ୍ୟାଳୟ କିରାଣିଙ୍କୁ ଶାରୀରିକ ନିର୍ଯାତନା ଦେଇଥିବା ଅଭିଯୋଗ କରିଛନ୍ତି । ଏ ନେଇ ଛତ୍ରପୁର ଥାନାରେ ଏତେଲା ଦେଇଛନ୍ତି ବିଦ୍ୟାଳୟ ଆଟେଡାଣ୍ଡ ଜଣଂକ ଅନ୍ୟପକ୍ଷରେ ମୋ ପାଖକୁ ଏ ପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ ଖବର ଆସିନୀ ଯିଏ ବି ଅଭିଯୋଗ କରିଛି ସବୁ ଭିତିହୀନ ବୋଲି କହିଛନ୍ତି ସମ୍ପାଦକ ।

## ସାହାପୁରକୁ ଆଦର୍ଶ ପଞ୍ଚାୟତ ଭାବେ ଗ୍ରହଣ କଲା ବିଦ୍ୟୁତ ବିଭାଗ



ହିଞ୍ଜିଳିକାଟୁ୬/୭ (ନି.ପ୍ର) : ବିଦ୍ୟୁତ ବିତରଣ କମ୍ପାନୀ ଟାଟା ପାୱାର ପକ୍ଷରୁ ମଙ୍ଗଳବାର ହିଞ୍ଜିଳିକାଟୁ ବ୍ଲକର ସାହାପୁରକୁ ଆଦର୍ଶ ପଞ୍ଚାୟତ ଭାବେ ଗ୍ରହଣ କରିଛି । ଏହି ଅବସରରେ କଞ୍ଚୁରୁ ସେକ୍ସନ ପକ୍ଷରୁ ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏକ ଉଦଘାଟନି ଉତ୍ସବ ଅନୁଷ୍ଠିତ ହୋଇଥିଲା । ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଡିଓ ସୁବ୍ରତ କୁମାର ଜେନା, ସମ୍ମାନିତ ଅତିଥି ଭାବେ ସଂପୃକ୍ତ ପଞ୍ଚାୟତର ସରପଞ୍ଚ ବନ୍ଦନା ପ୍ରଧାନ ଓ ଅଧିକ୍ଷଣ ଯନ୍ତ୍ରୀ ଇଂ. ନରୋତ୍ତମ ପଟ୍ଟନାୟକ ମଞ୍ଚାସିନ ଥିଲେ । ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ସତ୍ୟ ନାରାୟଣ ଦାଶ ଟିପିଏସଡିଏଲ ବିଦ୍ୟୁତ ବିତରଣ କମ୍ପାନୀର ଆଭିମୁଖ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ବିଦ୍ୟୁତ ଯୋଗାଣ ବିଶ୍ୱସନୀୟତାରେ ଉନ୍ନତି, ଶୂନ୍ୟ ଅସୁରକ୍ଷିତ ସ୍ଥାନ, ବିଦ୍ୟୁତ ସମାଧାନ କେନ୍ଦ୍ର, ଶୂନ୍ୟ ବିଲ୍ ବିବାଦ ମାମଲା, ଶୂନ୍ୟ ଅସ୍ଥାୟୀ ବିଲିଂ ଏବଂ ବିଲ୍ ଆଦାୟ, ଶୂନ୍ୟ ବକେୟା ଓ ସର୍ବାଧିକ ଡିଜିଟାଲ ପେମେଣ୍ଟ, ଶକ୍ତି ସରଂକ୍ଷଣ ଅଭିଯାନ, ଡିଜିଟାଲ ସ୍ୱାକ୍ଷରତା ଓ ଜୀବିକା ସୁଯୋଗ ବୃଦ୍ଧି ସମ୍ପର୍କରେ ଅଧିକ୍ଷଣ ଯନ୍ତ୍ରୀ ଇଂ. ପଟ୍ଟନାୟକ ଉପସ୍ଥିତ ଲୋକଙ୍କୁ କହିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଗୃପ ମୁଖ୍ୟ ଏନ. କିରଣ କୁମାର, ଆରସିଏମ ରାମକୃଷ୍ଣ ସାହୁ, ଏମଏମଜି ସୁଭ୍ରଜିତ ବାରିକଏମଟିଆର କୁମାର ଆଦିତ୍ୟ, ଡିଓଏସ ସାଗର, ଏମ. ଉପେନ୍ଦ୍ର, ଲାଇନମ୍ୟାନ କେ. କୋଦଣ୍ଡା ରାଓ, ଗୋପି ପଣ୍ଡା, ଶିବ ଶଙ୍କର ପାତ୍ରଙ୍କ ସମେତ ମହିଳା ସ୍ୱଂୟ ସହାୟିକା ଗୋଷ୍ଠୀ ସଦସ୍ୟା ମାନେ ଉପସ୍ଥିତ ଥିଲେ ।

## ବରିଷ୍ଠ ଆଚ଼ାର୍ଯ୍ୟାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଛତ୍ରପୁର ୦୬/୭ (ନି.ପ୍ର) :ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବିଦ୍ୟାଳୟର ବରିଷ୍ଠ ଆଚ଼ାର୍ଯ୍ୟା ସୁଶ୍ରୀ ସୁସ୍ମିତା ଚୌଧୁରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ବିଦ୍ୟାଳୟର ସଭାପତି ଉପେନ୍ଦ୍ର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଦୀର୍ଘ ୨୭ ବର୍ଷ ସେବା କରି ସ୍ଥାନୀୟ ଅଞ୍ଚଳରେ ଅନେକ ମେଧାବୀ ଛାତ୍ର ଛାତ୍ରୀ ସୃଷ୍ଟି କରିଥିବା ସୁସ୍ମିତା ଗୁରୁମାଙ୍କୁ ଉପଢୌକନ ଓ ମାନପତ୍ର ସହିତ ସମ୍ବର୍ଦ୍ଧନା କରାଯାଇଥିଲା । ପ୍ରଧାନାଚ଼ାର୍ଯ୍ୟ ରବୀନ୍ଦ୍ରନାଥ ଦାଶ ସ୍ୱାଗତ ଭାଷଣ ଦେଇଥିଲେ । ଉକ୍ତ ସମ୍ବର୍ଦ୍ଧନା ସଭାରେ ସଂକୁଳ ପ୍ରମୁଖ ଡ଼ ଜେ.କୁର୍ମା ରାଓଙ୍କ ସହିତ ସଂପାଦକ ପଦ୍ମ ଚ଼ରଣ ସାହୁ,ସହସଂପାଦକ ଦିଲ୍ଲୀପ କୁମାର ବେହେରା, ସଦସ୍ୟ ରାମ ପ୍ରସାଦ ପଟ୍ଟନାୟକ ଓ ସଦସ୍ୟା ସୁନୀତା ସେଠୀ ଉପସ୍ଥିତ ଥିଲେ । କୋଷାଧ୍ୟକ୍ଷ ଏ ରାବଣା ରାଓ ଗୁରୁମାଙ୍କ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିବା ସହିତ ସେବା, ସଂକଳ୍ପ ଓ ତ୍ୟାଗ ଦ୍ୱାରା ପ୍ରତିଷ୍ଠିତ ହେବାକୁ ଆହ୍ୱାନ ଦେଇଥିଲେ । ଶେଷରେ ଆଚ଼ାର୍ଯ୍ୟ ନିହାର ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ସମସ୍ତ ଆଚ଼ାର୍ଯ୍ୟ ଆଚ଼ାର୍ଯ୍ୟା ଉପସ୍ଥିତ ଥିଲେ।

## ଛତ୍ରପୁର ରୋଟାରି କ୍ଲବର ଅଧିଷ୍ଠାନ ଦିବସ ପାଳିତ

ଛତ୍ରପୁର ୦୬/୭ (ନି.ପ୍ର) : ସ୍ଥାନୀୟ ରୋଟାରି କ୍ଲବ ପରିସରରେ ରୋଟାରି କ୍ଲବର ଅଧିଷ୍ଠାନ ଦିବସ ପାଳିତ ହୋଇଛି । ଏହି ଅବସରରେ କ୍ଲବର ନୂତନ କର୍ମକର୍ତ୍ତା ଚ଼ୟନ ହୋଇଥିଲା । ଏଥିରେ ସଭାପତି ଭାବେ ୨୦ନଂ ଜୋନ ଜିଲ୍ଲାପରିଷଦ ସଭ୍ୟ ଏମ୍ ?. ଧନଞ୍ଜୟ ରେଡ୍ଡୀ ଓ ସମ୍ପାଦକ ଭାବେ ଇ. ନାଗେଶ୍ୱର ରାଓ ମନୋନୀତ ହୋଇଛନ୍ତି । ସେହିପରି ଉପସଭାପତି ଭାବେ ଡାକ୍ତର ବିମଳ ପ୍ରସାଦ ସାହୁ, କୋଷାଧ୍ୟକ୍ଷ ଭାବେ ନିରୋଦ ଚ଼ନ୍ଦ୍ର ନାୟକ, କାର୍ଯ୍ୟ ନିର୍ବାହୀ ସମ୍ପାଦକ ଭାବେ ସୁଜିତ୍ କୁମାର ପଟ୍ଟନାୟକ ନୂତନ ଭାବେ ଶପଥ ଗ୍ରହଣ କରିଛନ୍ତି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଶଙ୍କର ଚ଼କ୍ଷୁ ଚ଼ିକିତ୍ସାଳୟର ଟ୍ରଷ୍ଟି ତଥା ସମ୍ପାଦକ ରୋଟାରିଆନ ଏସ. ବିଶ୍ୱନାଥମ୍ ଯୋଗ ଦେଇ ରୋଟାରି କ୍ଲବର ଜନସେବା କାର୍ଯ୍ୟକୁ ପ୍ରଶଂସା କରିଥିଲେ । କ୍ଲବର ଉଲ୍ଲେଖନୀୟ ଅବଦାନ ଯୋଗୁଁ ସେ ଖୁସି ପ୍ରକଟ କରିଥିଲେ । ଏହା ସହ ଛତ୍ରପୁର ଓ ଆଖପାଖ ଅଂଚ଼ଳର ସାମଗ୍ରିକ ବିକାଶ ପାଇଁ ରୋଟାରିଆନ୍ ମାନେ ମିଳିତ ଭାବେ ପ୍ରୟାସ କରିବାକୁ ସେ ଆହ୍ୱାନ ଦେଇଥିଲେ । ପୂର୍ବତନ ସମ୍ପାଦିକା ସ୍ୱାଗତିକା ସାମନ୍ତରାୟ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ପୂର୍ବତନ ସଭାପତି ଏସ୍ ?. ରେଖା ମହାନ୍ତି ସମସ୍ତ କାର୍ଯ୍ୟକ୍ରମକୁ ପରିଚ଼ାଳନା କରିଥିଲେ । ଶେଷରେ ସମ୍ପାଦକ ଇ. ନାଗେଶ୍ୱର ରାଓ ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଲଟି ପଡ଼ିଲା ଯାତ୍ରୀବାହୀବାସ : ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ବୁଗୁଡା୦୬/୭ (ନି.ପ୍ର) : ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ବୁଗୁଡା ଥାନା ଅନ୍ତର୍ଗତ ପାଙ୍ଗିଡି ଗ୍ରାମ ନିକଟରେ ଏକ ଯାତ୍ରୀବାହୀ ବସ ଦୁର୍ଘଟଣା ଘଟାଇ ଥିବାବେଳେ ଯାତ୍ରୀମାନେ ମରଣ ମୁଖରୁ ବର୍ତ୍ତିଯାଇଥିବା ଜଣାପଡିଛି। ସୂଚ଼ନା ପ୍ରକାରେ ବୁଗୁଡା ରୁ ଭଞ୍ଜନଗର ଅଭିମୁଖେ ବାପାଙ୍ଗି ନାମକ ଏକ ଘରୋଇ ଯାତ୍ରୀବାହୀ ବସ ପାଙ୍ଗିଡି ନିକଟରେ ଭାରସାମ୍ୟ ହରାଇ ଏକ ଗଛକୁ ଧକ୍କା ଦେଇ ରାସ୍ତା କଡ଼ କ୍ଷେତରେ ଓଲଟି ପଡିଥିଲା। ସୌଭାଗ୍ୟ ବଶତଃ ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ବେଳେ କେହି ମଧ୍ୟ ବଡ ଧରଣର ଆହତ ହୋଇନାହାଁନ୍ତି। ଦୁର୍ଘଟଣା ଘଟାଇ ଥିବା ବସ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇ ଚ଼ାଲିଯାଇଛି। ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ବୁଗୁଡା ପୋଲିସ ଏବଂ ଅଗ୍ନିଶମ ବିଭାଗ କର୍ମଚ଼ାରୀ ବୃନ୍ଦ ଘଟଣା ସ୍ଥଳରେ ପହଞ୍ଚି ଆହାତ ବ୍ୟକ୍ତିଙ୍କୁ ଦମକଳ ଗାଡିରେ ବୁଗୁଡା ମେଡିକାଲକୁ ଚ଼ିକିତ୍ସା ପାଇଁ ପଠାଇଥିଲେ। ଅଭିଜ୍ଞତା ନଥିବା କେତେକ ଡ୍ରାଇଭରମାନଙ୍କ ବେପରୁଆ ଗାଡିଚ଼ାଳନା ଯୋଗୁଁ ସଡକ ଦୁର୍ଘଟଣା ଘଟୁଥିବା ବେଳେ ଏଥିପ୍ରତି ପ୍ରଶାସନ ପକ୍ଷରୁ ଦୃଢ଼ ଭାବେ ଯାଞ୍ଚ କରିବା ନିହାତି ଆବଶ୍ୟକ ହୋଇପଡିଛି।

# ଦିବ୍ୟାଙ୍ଗ ଚିହ୍ନଟ ଶିବିର ଆୟୋଜନ ଅନୁଷ୍ଠିତ



ନବରଙ୍ଗପୁର, ତା.୦୬/୭(ନି.ପ୍ର)ପ୍ରତିମାସ ପାଞ୍ଚ ତାରିଖରେ ନବରଙ୍ଗପୁର ଜିଲ୍ଲା ଭିନ୍ନକ୍ଷମ ପୁନଃରୁଥାନ କେନ୍ଦ୍ର ନବରଙ୍ଗପୁର ଠାରେ ଦିବ୍ୟାଙ୍ଗ ଚିହ୍ନଟ ଶିବିର ଆୟୋଜନ କରାଯାଇଥାଏ। ଆଜିର କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲାପାଳ ଡଃ କମଳ ଲୋଚନ ମିଶ୍ର ଯୋଗଦେଇ ତିନୋଟି କୃତ୍ରିମ ଅଙ୍ଗ ପ୍ରତିରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡଃ ମିଶ୍ର ଦିବ୍ୟାଙ୍ଗ ଙ୍କ ନିମନ୍ତେ ପାଞ୍ଚଟି ତିନି ଚକିଆ ସାଇକେଲ,ଦିବ୍ୟାଙ୍ଗ ଙ୍କ ନିମନ୍ତେ ଗୋଟିଏ ଚକ ଲଗା ଚୌକି , ଅଠର ଟି ଶ୍ରବଣ ଯନ୍ତ୍ର , ଷାଠିଏ ଟି ସ୍ୱଚ୍ଛତା କିଟ୍ ଏବଂ ପଇଁଚାଳିସି ଦିବ୍ୟାଙ୍ଗ ଙ୍କୁ ଚିହ୍ନଟ କରି ପ୍ରମାଣପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଦୁଇଟି ବାମନ ବ୍ୟକ୍ତି ଙ୍କୁ ଚିହ୍ନଟ କରି ଦିବ୍ୟାଙ୍ଗ ପ୍ରମାଣ ପତ୍ର ପ୍ରଦାନ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଙ୍କୁ ନିର୍ଦ୍ଦେଶ ଦେଇଥିଲେ।ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ କାଳିପ୍ରସାଦ ବେହେରା, ଜିଲ୍ଲା ସମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଉପ ଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଜୋଛନା ରାଣୀ ପାତ୍ର, ଅସ୍ଥିସଲ୍ୟ ଚିକିତ୍ସକ ଡଃ ଅଶୋକ କୁମାର ମହାପାତ୍ର, ଚକ୍ଷୁ ବିଶେଷଜ୍ଞ ଡାକ୍ତର ହରେ କୃଷ୍ଣ, ଜିଲ୍ଲା ଜରୁରୀକାଳୀନ ବିଭାଗ ର ଜିଲ୍ଲା ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟନାୟକ, ବରିଷ୍ଠ ରାଜସ୍ୱ ସହାୟକ ତ୍ରିପତି ବାଲାଜୀ ସାହୁ, ନବଘନ ସେଠି, ବିଭୁଦତ୍ତ ସେଠି, ଶିବ ପ୍ରସାଦ ସାହୁ, ଘନଶ୍ୟାମ ବେହେରା, ମିଥୁନ ତ୍ରିପାଠୀ, ତପନ ବେହେରା, ମହେନ୍ଦ୍ର ବିଶୋଇ, ବରିଷ୍ଠ ନାଗରିକ ନଗେନ୍ଦ୍ର ପ୍ରସାଦ ପଟ୍ଟନାୟକ,ନୀଳିମା ସେନାପତି ପ୍ରମୁଖ ଯୋଗ ଦେଇଥିଲେ।

## ନବ ନିଯୁକ୍ତ ଡାକ୍ତରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ନିଶ୍ଚିନ୍ତକୋଇଲି, ୦୬/୭ (ନି.ପ୍ର) :ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଥିବା ଅସୁରେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନବନିଯୁକ୍ତ ଡାକ୍ତରଙ୍କୁ ସ୍ଥାନୀୟ ଅଂଚଳବାସୀ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି । ଦୀର୍ଘ ୭ ମାସ ହେଲା ଅସୁରେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପଦବୀ ଖାଲି ପଡିଥିଲା । ତେବେ ଦୀର୍ଘଦୀନ ପରେ ଡାକ୍ତର ପ୍ରଜ୍ଞାପରମିତା ଦାସ ଆୟୁଷ ଡାକ୍ତର ରୂପେ ସସ୍ମିତା ବେହେରା ଓ ଫାର୍ମାସିଷ୍ଟ ଭାବେ ଶୁଭଶ୍ରୀ ପ୍ରିୟଦର୍ଶିନୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି ।

## ବାଇକ ଭିତରୁ ୮ ଫୁଟର ଅଜଗର ସାପ ଉଦ୍ଧାର

ପାଟଣା ୦୬/୭ (ନି.ପ୍ର) :କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ଅନ୍ତର୍ଗତ ମିରିଗିଖୋଜି ଗ୍ରାମର ରାସ୍ତା କଡ଼ରୁ ଆଜି ଏକ ୮ ଫୁଟର ଅଜଗର ସାପ ଉଦ୍ଧାର ହୋଇଛି। ସାପଟି ଖରାଟିଆ ଧାନ ଚାଷ ହୋଇଥିବା ଏକ ଧାନ କିଆରିରୁ ବାହାରି ପଡିଆ ନିକଟରେ ଥିବା ଏକ ବାଇକରେ ପଶି ଯାଇଥିବା ବେଳେ ଗ୍ରାମର କିଛି ଲୋକ ସାପ ଦେଖି ପାଟଣା ବନ ବିଭାଗକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ସାହାରପଡ଼ା ବନପାଳ ମୋହିନୀ ମହାନ୍ତ ଓ କର୍ମଚାରୀ ପହଞ୍ଚି ସାପଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲ ଛାଡିଥିବା ଜଣାପଡିଛି ।

## ଓଡିଶା ଆଦର୍ଶ ବିଦ୍ୟାଳୟରେ ବନ ମହୋତ୍ସବ

ପାଟଣା ୦୬/୭ (ନି.ପ୍ର) :ଘଟଗାଁ ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଟିକିରା ଠାରେ ଆଜି ବିଦ୍ୟାଳୟ ଓ ବନବିଭାଗ ସହଯୋଗରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଭକ୍ଷରପାପ୍ତ ପ୍ରଧାନ ଶିକ୍ଷକ ଶୁଭେନ୍ଦୁ କୁମାର ମହାରାଜଙ୍କ ସହ ଘଟଗାଁ ବନାଞ୍ଚଳ ଅଧିକାରି ପ୍ରଭାତ କୁମାର କୁଁଅର , ବନରକ୍ଷୀ ଯୋଗେଶ୍ୱର ମାଝୀ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ମଧ୍ୟରେ ମୋନିକା ଦାସ, ରମାକାନ୍ତ ସେଠୀ, ଅମନ୍ ରାଥୋଡ , ବ୍ରହ୍ମାନନ୍ଦ ଶତପଥୀ, ଶଶିରେଖା ନାୟକ, ପୁଷ୍ପାଞ୍ଜଳି ସିଂହ, ବିଶ୍ୱରଂଜନ ସାହୁ, ସମୀର କୁମାର ନାୟକ,ନୀଳକଣ୍ଠେଶ୍ୱରୀ ସାହୁ, ଅମିତ୍ କୁମାର ଦେହୁରୀ ଓ ଦେବାଶିଷ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ବିଦ୍ୟାଳୟ ପରିସରରେ ବଉଳ, ଆମ୍ୱ, ସାହାଡ଼ା, ଲିଚୁ, ପଣସ, ଓ ପିଜୁଳି ଚାରା ଆଦି ରୋପଣ କରିଥିଲେ।

## ଶ୍ରୀ ଶ୍ରୀ ସର୍ବେଶ୍ୱର ମହାରୁଦ୍ରଙ୍କ ମନ୍ଦିର ପ୍ରତିଷ୍ଠା ଓ ଯଜ୍ଞ ଅନୁଷ୍ଠିତ




ନିଶ୍ଚିନ୍ତକୋଇଲି, ୦୬/୭ (ନି.ପ୍ର) :ନିଶ୍ଚିନ୍ତକୋଇଲି ବ୍ଲକ୍ କାର୍ଯ୍ୟାଳୟ ରାସ୍ତା ପାର୍ଶ୍ୱରେ ନୂତନଭାବେ ଶ୍ରୀ ଶ୍ରୀ ସର୍ବେଶ୍ୱର ମହାରୁଦ୍ରଙ୍କ ଏକ ମନ୍ଦିର ପ୍ରତିଷ୍ଠା କରାଯାଇଛି । ଏହି ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ପାଇଁ ରବିବାରଠାରୁ ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଅନୁଷ୍ଠିତ ହେବାକୁ ଥିବା ଏହି ଯଜ୍ଞର କଳସ ଶୋଭାଯାତ୍ରାରେ ୨୭ ଜଣ ମହିଳା ଭକ୍ତ ପବିତ୍ର ଚିତ୍ରୋତ୍ପଳା ନଦୀ ହରିବୋଲିଆ ଘାଟରୁ ଜଳ ଉତ୍ତୋଳନ କରି ଏକ ପଦ ଯାତ୍ରାରେ ଆସି ଯଜ୍ଞ ବେଦିରେ ସ୍ଥାପନ କରିଥିଲେ । ପରେ ସୂର୍ଯ୍ୟ ପୂଜା, ଗୋ ପୂଜା କରାଯାଇ ଅଗ୍ନୀ ସ୍ଥାପନ କରାଯାଇଥିଲା । ମୁଖ୍ୟ ପୂଜକ ନିରଞ୍ଜନ ଶତପଥି ଏବଂ ତାଙ୍କ ସହଯୋଗୀଙ୍କ ଦ୍ୱାରା ବିଭିନ୍ନ ପୂଜା କର୍ମ କରାଯାଉଛି । କର୍ତ୍ତାଭାବେ ଶରତ ଚନ୍ଦ୍ର ରାଉତ ଏବଂ କର୍ତ୍ତୀଭାବେ ତାଙ୍କ ଧର୍ମପତ୍ନୀ ମଞ୍ଜୁଲତା ରାଉତ କାର୍ଯ୍ୟ ତୁଲାଉଛନ୍ତି । ନିଶ୍ଚିନ୍ତକୋଇଲି ପଂଚାୟତର ସରପଂଚ ମଧୁସ୍ମିତା ରାଉତ, ହରେକୃଷ୍ଣ ରାଉତ, ନିରଞ୍ଜନ ରାଉତ, ବିଜୟ ରାଉତ, ରଞ୍ଜନ ରାଉତ, ଗୋବିନ୍ଦ ରାଉତ, ପତିତପାବନ ରାଉତ, ଗିରିଧାରୀ ସାହୁ, ହେମନ୍ତ ରାଉତଙ୍କ ସମେତ ସ୍ଥାନୀୟ ଅଂଚଳବାସୀ ଯଜ୍ଞ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଛନ୍ତି । ତା.୦୩.୦୬.୨୦୨୨ରିଖ ରବିବାର ଠାରୁ ଆରମ୍ଭ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ କଳସ ଯାତ୍ରା, ଅଗ୍ନୀ ସ୍ଥାପନ, ଯଜ୍ଞ ଆରମ୍ଭ, ନୂତନ ବିଗ୍ରହ ପ୍ରତିଷ୍ଠା, ବିଗ୍ରହଙ୍କ ମନ୍ଦିର ପ୍ରବେଶ ହେବାସହ ତା.୦୬.୦୭.୨୦୨୨ରିଖ ବୁଧବାର ଦିନ ଯଜ୍ଞ ପୂର୍ଣ୍ଣାହୂତି ସମ୍ପନ୍ନ ହୋଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଯଜ୍ଞ ଚରୁଅନ୍ନ ବଣ୍ଟନ ଓ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିବା ଯଜ୍ଞ ପିଚାଳନା କମିଟି ତରଫରୁ ସୂଚନା ଦିଆଯାଇଛି ।

## ଗାଁ ରାସ୍ତାକୁ ଉଜ୍ଜ୍ୱଳ ଆଲୋକୀକରଣ ପାଇଁ ବିଧାୟକଙ୍କୁ ନିବେଦନ

ନିଶ୍ଚିନ୍ତକୋଇଲି, ୦୬/୭ (ନି.ପ୍ର) :- ନିଶ୍ଚିନ୍ତକୋଇଲି ବ୍ଲକ୍ ଅଧିନସ୍ଥ କଟକ ସଦର ବିଧାନ ସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନେମାଳ ପଂଚାୟତର ମହାପୁରୁଷ ଅଚ୍ୟୁତାନନ୍ଦମହାବିଦ୍ୟାଳୟ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, କାଳନ୍ଦୀ ଭବନ, ମା' ଜାଗୁଳାଇ ମନ୍ଦିର ପାଖ ରାସ୍ତା କଡରେ ଉଜ୍ଜ୍ୱଳ ଆଲୋକୀକରଣ (ଷ୍ଟ୍ରିଟ୍ ଲାଇଟ୍) ଲଗାଇବା ପାଇଁ ନେମାଳ ପଂଚାୟତର ଯୁବ ସାମାଜିକ କର୍ମୀ ତାପସ ରଞ୍ଜନ ଭୋଳ ଗତ ତା. ୦୯.୧୨.୨୦୨୧ରିଖରେ କଟକ ସଦର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଚନ୍ଦ୍ରସାରଥୀ ବେହେରାଙ୍କୁ ନିବେଦନ କରିଥିଲେ । ଏଠାରେ ସୂଚନା ଯୋଗ୍ୟ କି, ଏହି ସବୁ ସ୍ଥାନମାନଙ୍କରେ ଉଜ୍ଜ୍ୱଳ ଆଲୋକୀକରଣ କରାଯାଉନଥିବାରୁ ରାତ୍ରିର ଅନ୍ଧକାରରେ ସାଧାରଣ ଲୋକେ ଯିବା ଆସିବାରେ ବହୁ ଅସୁବିଧା ଭୋଗ କରୁଛନ୍ତି । ଶ୍ରୀ ଭୋଳ ମାନ୍ୟବର ବିଧାୟକଙ୍କୁ ନିବେଦନ କରିବାର ଦୀର୍ଘଦିନ ବିତିଯାଇଥିଲେ ମଧ ବିଧାୟକ ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟ ନକରିବାରୁ ପୁନଃର୍ବାର ଶ୍ରୀ ଭୋଳ ବିଧାୟକଙ୍କ ଠାରେ ନିବେଦନ କରିଛନ୍ତି ।

## ଗ୍ରାମଦେବତୀ ମନ୍ଦିରରୁ ଚୋରୀ : ଥାନାରେ ଅଭିଯୋଗ କଲେ ଗ୍ରାମବାସୀ

ନିଶ୍ଚିନ୍ତକୋଇଲି ୦୬/୭ (ନି.ପ୍ର) :ସାଲେପୁର ଥାନା ଅନ୍ତର୍ଗତ ଜିଗ୍ନିପୁର ପଂଚାୟତ ମାତକତପୁର ଗ୍ରାମ ୧୨ ନଂ ୱାର୍ଡରେ ଅବସ୍ଥିତ ଗ୍ରାମଦେବତୀ ଆରାଧାଦେବୀ ଶ୍ରୀ ଶ୍ରୀ ବଣିଆଶୁଣୀଙ୍କ ମନ୍ଦିରରୁ ଗତ ତା. ୩.୭.୨୦୨୨ ରିଖରେ ଚୋରୀ ହୋଇଥିବା ନେଇ ଗ୍ରାମବାସୀଙ୍କ ତରଫରୁ ସାଲେପୁର ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି । ଚୋରୀ ସାମଗ୍ରୀ ମଧ୍ୟରେ ଡାକବାଜି ଯନ୍ତ୍ରର ଯନ୍ତାଂଶ, ଦଶହଳ କଂସାଳ , ୫ ହଳ କୁବୁଜି, ପିତ୍ତଳ ହଣ୍ଡା ସମେତ ପ୍ରାୟ ଆନୁମାନିକ ୩୦ ହଜାର ଟଙ୍କା ମୂଲ୍ୟର ସାମଗ୍ରୀ ଚୋରୀ ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ପାଇବା ପରେ ପୋଲିସ୍ ଘଟଣା ସ୍ଥଳରେ ତଦନ୍ତ କରି ଏକ ମାମଲା ରୁଜ୍ଜୁ କରିଥିବା ଜଣାପଡିଛି ।

## ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

### ୫୦ ଅଭିଯୋଗ ମଧ୍ୟରୁ ୭ ଅଭିଯୋଗ ଗୋଷ୍ଠୀ ଗତ ସମସ୍ୟା

ନବରଙ୍ଗପୁର୦୬/୭ (ନି.ପ୍ର) : ନବରଙ୍ଗପୁର ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟର ସଭା ଗୃହରେ ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।ଏଥିରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସି ୫୦ ଜଣଙ୍କର ଅଭିଯୋଗ ପତ୍ର ପଞ୍ଜିକୃତ ହୋଇଥିଲା, ସେଠି ମଧ୍ୟରୁ ସାତ ଗୋଟି ଗୋଷ୍ଠୀ ଗତ ହୋଇଥିବା ବେଳେ ବଳକା ୪୩ ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ସେଥିମଧ୍ୟରୁ ଜମିଜମା, ବାର୍ଦ୍ଧକ୍ୟ ଭତ୍ତା, ପଡି କାର୍ଡ, ଛାତ୍ର ଛାତ୍ରୀ ଙ୍କୁ ବିଦ୍ୟାଳୟ ଓ ହଷ୍ଟେଲ ରେ ନାମ ଲେଖା , ନିଯୁକ୍ତି ଏବଂ ଉଚ୍ଚ୍ଚ ଚିକିତ୍ସା ଏବଂ ଉଚ୍ଚ୍ଚ ଶିକ୍ଷା ପାଇଁ ସରକାରୀ ଆର୍ଥିକ ସହାୟତା ପ୍ରଦାନ ଇତ୍ୟାଦି ସଂକ୍ରାନ୍ତୀୟ ଅଭିଯୋଗ ର ଶୁଣାଣି ହୋଇଥିଲା। ଭାରତ ମାଳା ପ୍ରକଳ୍ପ ରେ ହରାଇଥିବା ଜମିର ପ୍ରାପ୍ୟ ପ୍ରଦାନ ଏବଂ ବିଛିନ୍ନାଞ୍ଚଳ ରେ ମୋବାଇଲ ଟାୱାର ନିର୍ମାଣ ଇତ୍ୟାଦି ଆପତ୍ତି ଅଭିଯୋଗ ଜିଲ୍ଲାପାଳ ଡ଼ଃ କମଳ ଲୋଚ୍ଚନ ମିଶ୍ର ଶୁଣିବା ସହିତ ଏହାର ତୁରନ୍ତ ଆଶୁ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ଏଥିରେ ଜିଲ୍ଲାପାଳ ଙ୍କ ବ୍ୟତୀତ ଆରକ୍ଷୀ ଅଧୀକ୍ଷକ ଏସ୍ ସୁଶ୍ରୀ, ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ, ପ୍ରକଳ୍ପ ନିର୍ଦ୍ଦେଶକ, ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ରତ୍ନାକର ସାହୁ, ଜିଲ୍ଲା ମୁଖ୍ୟ ଚ଼ିକିତ୍ସା ଅଧିକାରୀ ଡ଼ଃ କାଳି ପ୍ରସାଦ ବେହେରା,ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା ଅଭିମନ୍ୟୁ ମାଝୀ, ଜିଲ୍ଲା ସୂଚ୍ଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିହାଲ ଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟ ଠାରେ ବନ ମହୋତ୍ସବ ପାଳିତ

ବୋଡ଼େନ ୦୦୬/୭ (ନି.ପ୍ର) :ନୂଆପଡା ଜିଲ୍ଲା ବିଜୁ ସ୍ନାତକ ମହାବିଦ୍ୟାଳୟ ଓ ଖଡ଼ିଆଳ ବନାଞ୍ଚଳ ଖଡ଼ିଆଳର ମିଳିତ ଅନୁକୂଲ୍ୟ ରେ ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟ ବୋଡ଼େନ ଠାରେ ବନ ମହୋତ୍ସବ ସପ୍ତାହ ୨୦୨୨ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଧକ୍ଷ ଅବନୀ କୁମାର ଖମାରି ଅଧକ୍ଷତା କରିଥିବା ବେଳେ ସମ୍ମାନୀତ ଅତିଥି ଭାବରେ ଦୁର୍ଯ୍ୟୋଧନ ପ୍ରସାଦ ତ୍ରିପାଠୀ,ବନପାଳ ବୋଡ଼େନ,ଖଡ଼ିଆଳ ବନାଞ୍ଚଳ ରମାରଞ୍ଜନ ରାଉତ,ବନରକ୍ଷୀ ଉପରପିଟା,ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀମାନ ସନ୍ତୋଷ କୁମାର ମୁଣ୍ଡ ଯୋଗ ଦେଇଥିଲେ । ଜାତୀୟ ସେବା ସଂସ୍ଥା ର କାର୍ଯ୍ୟକ୍ରମ ଅଧିକାରୀ ଡଃ କିଶୋର କୁମାର କର୍ଣ୍ଣ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ କାର୍ଯ୍ୟକ୍ରମ ଅଧିକାରୀ ମହିଳା ରୁଟିନ ଖୁସୁବୁ ମେହେର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ସମସ୍ତ କର୍ମଚାରୀ ଓ ଜାତୀୟ ସେବା ସଂସ୍ଥା ର ସ୍ୱେଚ୍ଛାସେବୀ ମାନେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

## କେଣ୍ଟାଳରେ ଦାତବ୍ୟ ଚକ୍ଷୁ ଚିକିତ୍ସା



ନିଶ୍ଚିନ୍ତକୋଇଲି୦୬/୭ (ନି.ପ୍ର) : ନିଶ୍ଚିନ୍ତକୋଇଲି ବ୍ଲକ କେଣ୍ଟାଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଦାତବ୍ୟ ଚକ୍ଷୁ ଚିକିତ୍ସା ଶିବିର ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଛି । କେନ୍ଦ୍ରାପଡାର ଭୂମିକା ଚକ୍ଷୁ ଚିକିତ୍ସାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ଚିକିତ୍ସା ଶିବିରରେ ମୋଟ ୩୫ ଜଣ ବୃଦ୍ଧ ବୃଦ୍ଧା ଯୋଗଦେଇ ସେମାନଙ୍କର ଚକ୍ଷୁ ପରୀକ୍ଷା କରିଥିଲେ । ସେଥି ମଧ୍ୟରୁ ୧୩ ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଭୂମିକା ଚିକିତ୍ସାଳୟକୁ ପଠାଯାଇଛି । ଏହି ଶିବିରକୁ ରଘୁନାଥ ଜୀଉ ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟୀ ପ୍ରକାଶ ଚନ୍ଦ୍ର ସାହୁ ଉଦ୍‌ଘାଟନ କରିଥିଲେ । ଏଥିରେ ମୁଖ୍ୟ ଅତିଥିଭାବେ ସରପଞ୍ଚ ତୃପ୍ତିମୟୀ ନାୟକ, ସମିତିସଭ୍ୟ ଇମ୍ରାନ୍ ଖାଁ, ନାଏବ ସରପଞ୍ଚ ଇତିଶ୍ରୀ ନାୟକ, ସାମ୍ବାଦିକ ସୁରେନ୍ଦ୍ରନାଥ ରାଉତ,ୱାର୍ଡସଭ୍ୟ ରଣଜିତ୍ କୁମାର ମଲ୍ଲିକ, କାଞ୍ଚନଲତା ସାମଲ, ପୂର୍ବତନ ସରପଞ୍ଚ ଅନ୍ନଦା ପ୍ରସାଦ ନାୟକ ପ୍ରମୁଖ ଯୋଗଦେଇ ଶିବିରାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ । ଡାକ୍ତର ଅମୀୟ କୁମାର ପାତ୍ର, ଟେକ୍ନିସିଆନ୍ ବିଷ୍ଣୁପ୍ରିୟା ମିଶ୍ର, ମାମାଶ୍ରୀ ରାଉତ, ଶିବିର ପରିଚାଳକ ସନ୍ତୋଷ କୁମାର ସାହୁ, ବ୍ଲକ ସଂଯୋଜକ ନିରଞ୍ଜନ ବସ୍ତିଆ ପ୍ରମୁଖ ଚିକିତ୍ସା ସେବାରେ ସହଯୋଗ କରିଥିଲେ ।

## ବିଜେପିର ବୁଥ୍ ସ୍ତରୀୟ କର୍ମକର୍ତ୍ତା ବୈଠକ

ନିଶ୍ଚିନ୍ତକୋଇଲି ୦୬/୭ (ନି.ପ୍ର) : ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ରଘୁନାଥପୁର ବ୍ଲକ ଭାରତୀୟ ଜନତାପାର୍ଟି ପକ୍ଷରୁ ରବିବାର ଚାନ୍ଦପୁରସ୍ଥିତ ଆମ ଘର ମଣ୍ଡପରେ ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ଶକ୍ତିକେନ୍ଦ୍ର ବୁଥ୍ ସ୍ତରରେ କିପରି ସଂଗଠନକୁ ମଜଭୂତ କରାଯାଇପାରିବ ସେ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ବୈଠକରେ ବ୍ଲକର ୧୯ ପଂଚାୟତର ଶକ୍ତିକେନ୍ଦ୍ରର ପ୍ରମୁଖ ଓ ବୁଥ୍ ସ୍ତରର କର୍ମକର୍ତ୍ତା ମାନେ ଯୋଗଦେଇ ସଂଗଠନର ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଜେପି ନେତା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଜଗତ୍‌ସିଂହପୁର ଜିଲ୍ଲା ପ୍ରଭାରୀ ଶାରଦା ପ୍ରଧାନ, ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ବିଜେପି ନେତା ରାଜକିଶୋର ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଅଶୋକ ମହାରଣା, ନିର୍ମଳ ମହାପାତ୍ର, ସୁକାନ୍ତ ସ୍ୱାଇଁ, ସୁବୋଧ ବାରିକ, ବିଜୟ ଦାସ, ଦିପ୍ତିରଂଜନ ସାହୁ, ସୁକାନ୍ତ ଦାସ, ସୁବାଷ ମହାରଣା, ଅଶୋକ ନାୟକ, ନବ କିଶୋର ମଲ୍‌କ ପମୁଖ ୨୦୦ ରୁ ଉର୍ଦ୍ଧ କର୍ମୀ ଯୋଗଦେଇଥିଲେ ।

## ପାଟଣା ବ୍ଲକ ରେ ଉନ୍ନୟନ ସମୀକ୍ଷା ବୈଠକ ଅନୁଷ୍ଠିତ

ପାଟଣା ୦୬/୭ (ନି.ପ୍ର) : କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ପରିସରରେ ବିଡ଼ିଓ ଇଶ୍ୱର ଚ଼ନ୍ଦ୍ର ନାଏକଙ୍କ ଅଧକ୍ଷତାରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକ ରେ ବ୍ଲକ ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଇଂ ପୁରୁଷୋତ୍ତମ ସାହୁ, କନିଷ୍ଠ ଯନ୍ତ୍ରୀ ସର୍ବଶ୍ରି ଅଜୟ କୁମାର ବେହେରା ,ମନୋଜ କୁମାର ପଣ୍ଡା,ଅଜୟ କୁମାର,ପ୍ରମୁଖ ଅନ୍ୟ ଯନ୍ତ୍ରୀ ଓ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଗ୍ରାମ ରୋଜଗାର ସେବକ ମାନଙ୍କ ଉପସ୍ଥିତି ରେ ବ୍ଲକ ଅଞ୍ଚଳର ମନରେଗା କାର୍ଯ୍ୟ, କେନ୍ଦ୍ରୀୟ ଅର୍ଥ ଅନୁଦାନ, ରାଜ୍ୟ ଅର୍ଥ ଅନୁଦାନ ଅର୍ଥ ସହ ବିଭିନ୍ନ ବିଭାଗର ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସଂପର୍କରେ ସମୀକ୍ଷା କରାଯାଇଥିଲା ।

## ଭାରସାମ୍ୟ ହରାଇ ଓଲଟିଲା କାର, ଅଳ୍ପକେ ବର୍ତ୍ତିଲେ ଡାକ୍ତର

ପାଟଣା ୦୬/୭ (ନି.ପ୍ର) :: କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ୨୦ ନମ୍ବର ଜାତୀୟ ରାଜପଥ ର ଢେଙ୍କିକୋଟ ଭାରତ ପେଟ୍ରୋଲ ପମ୍ପ ନିକଟରେ ଭୁବନେଶ୍ୱରର ରୁ କେନ୍ଦୁଝର ଅଭିମୁଖେ ଯାଉଥିବା ଏକ କାର ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଛି । କାର ଟି ବୁଲା ଗୋରୁ ଙ୍କୁ ରକ୍ଷା କରିବାକୁ ଯାଇ ୪ ଲେନ ରାସ୍ତା ର ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱରେ ଯାଇ ଦୁର୍ଘଟଣା ଗ୍ରସ୍ତ ହୋଇଛି। ତେବେ କାରରେ ଥିବା କେନ୍ଦୁଝର ଜିଲ୍ଲା ମୁଖ୍ୟ ଚ଼ିକିତ୍ସାଳୟର ଅସ୍ଥିଶଲ୍ୟ ବିଶେଷଜ୍ଞ ଡ଼ାକ୍ତର ତନ୍ମୟ ମଲିକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ କାର କୁ ଜବତ କରିଛି। ଅନ୍ୟ ଏକ କାର ଯୋଗେ ଡାକ୍ତର ଗନ୍ତବ୍ୟ ସ୍ଥଳ କେନ୍ଦୁଝର ଯାଇଥିବା ଜଣାପଡିଛି।

## ଦୁଇଦିନିଆ କେନ୍ଦ୍ରଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଙ୍କ ଅନୁଗୁଳ, କଣିହାଁ ଓ ତାଳଚେର ଗସ୍ତ

ଅନୁଗୁଳ/ତାଳଚେର୦୬/୭ (ନି.ପ୍ର) :ଭାରତ ସରକାର ଙ୍କର ଗୃହ ବିଭାଗର ରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ ଆସନ୍ତା ଜୁଲାଇ ୭ ଓ ୮ ଦୁଇ ଦିନ ଧରି ଅନୁଗୁଳ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ରହିଛି । ଜୁଲାଇ ୭ ତାରିଖ ଅପରାହ୍ନ ଅନୁଗୁଳରେ ପହଂଚ଼ି ମାଳତୀ ଚୌଧୁରୀ ଆଶ୍ରମ ପରିଦର୍ଶନ କରିବା ସହ ଗୁଣ୍ଡିଚ଼ା ମନ୍ଦିର ରେ ପୂଜାର୍ଚ଼ନା କରିବେ, ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ଢେଙ୍କାନାଳ ଲୋକସଭା କ୍ଷେତ୍ର ଏବଂ ଅନୁଗୁଳ ବିଧାନସଭା କ୍ଷେତ୍ରର ବିଭିନ୍ନ ବର୍ଗର ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେବେ ଏବଂ ମୋଦୀ ଙ୍କ ଗରିବ କଲ୍ୟାଣ ଯୋଜନା ର ଲାଭର୍ଥୀ ଙ୍କୁ ଭେଟିବା ସହ ସମାଜର ଗରିବ ଶ୍ରେଣୀ ର ବ୍ୟକ୍ତି ଙ୍କ ଘରେ ରାତ୍ରୀ ଭୋଜନ କରିବା ସହ କଣିହାଁ ଏନଟିପିସି ରେ ରାତ୍ରୀ ଯାପନ କରିବା ର କାର୍ଯ୍ୟକ୍ରମ ରହିଛି । ଆଠ ତାରିଖ ଦିନ କଣିହାଁ ରେ ଅନନ୍ତ ଶୟନ ଦର୍ଶନ କରିବା ସହ, ତାଳଚେର ବିଧାନସଭା କ୍ଷେତ୍ରର ପ୍ରମୁଖ କାର୍ଯ୍ୟକର୍ତା ଙ୍କ ବୈଠକ ରେ ଯୋଗ ଦେବେ, ସହିଦ ସ୍ମୃତି ସ୍ତମ୍ଭ, ମହାତ୍ମା ଗାନ୍ଧୀ ଏବଂ ପବିତ୍ର ପ୍ରଧାନ ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିବା ସହ ସ୍ୱାଧୀନତା ସଂଗ୍ରାମୀ ବିଛନ୍ଦ ଚ଼ରଣ ପ୍ରଧାନ ଙ୍କ ପରିବାର ଙ୍କୁ ଭେଟିବେ, ଗୋପାଳ ପ୍ରସାଦ ରେ ମା ହିଙ୍ଗୁଳା ଙ୍କ ମନ୍ଦିର ରେ ଦର୍ଶନ ଓ ପୂଜାର୍ଚ଼ନା କରିବା ସହ ଭରତପୁର ଠାରେ ଜିଲ୍ଲା କାର୍ଯ୍ୟକାରିଣୀ ରେ ଯୋଗ ଦେବା ସହ ସାମ୍ବାଦିକ ମାନଙ୍କ ସହ ଆଲୋଚ଼ନା କରିବେ ଏବଂ ଅପରାହ୍ନ ରେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନ ଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି ବୋଲି ଜିଲ୍ଲା ସଭାପତି ଡିଲେଶ୍ୱର ପ୍ରଧାନ ପ୍ରକାଶ କରିଛନ୍ତି । ସ୍ୱାଧୀନତା ର ୭୫ ବର୍ଷ ଉପଲକ୍ଷେ ଆଜାଦି କି ଅମୃତ ମହୋତ୍ସବ କାର୍ଯ୍ୟକ୍ରମ ରେ କେନ୍ଦ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଙ୍କ ଏହି ଗସ୍ତ ରହିଛି ବୋଲି ଜିଲ୍ଲା ସଭାପତି ଶ୍ରୀ ପ୍ରଧାନ କହିଛନ୍ତି ।

## ଭାରତୀୟ ଷ୍ଟେଟବ୍ୟାଙ୍କ ତରଫରୁ ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ମନ୍ୱୟ ମେଳା ଅନୁଷ୍ଠିତ

### ରାୟଗଡ ଜିଲ୍ଲାର ୨୧୬ଗୋଟି ଏସଏଚଜି ଗୋଷ୍ଠୀକୁ ସର୍ବମୋଟ ଟ.୫.୩୯ କୋଟିର ଋଣ ପ୍ରଦାନ



ରାୟଗଡ- ତା. ୬/୭(ନି.ପ୍ର)ଭାରତୀୟ ଷ୍ଟେଟବ୍ୟାଙ୍କ ରାୟଗଡ ତରଫରୁ ଆଜି ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ମେଳାରେ ରାୟଗଡ ଜିଲ୍ଲାର ୨୧୬ଗୋଟି ଏସଏଚଜି ଗୋଷ୍ଠୀକୁ ସର୍ବମୋଟ ଟ.୫.୩୯ କୋଟିର ଋଣ ପ୍ରଦାନ କରାଯାଇଛି । କୃଷ୍ଣଚନ୍ଦ୍ର ନଗର ଭବନ ଠାରେ ଏହି ସମମନ୍ୱୟ ମେଳା ଅନୁଷ୍ଠିତ ହୋଇଥିଲା । ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଅଗ୍ରଣୀ ଶାଖା ପକ୍ଷରୁ ହୋଇଥିବା ଏହି ସମମନ୍ୱୟ ମେଳାରେ ମୁଖ୍ୟ ଅତିଥି ଭାବେ ଶ୍ରୀମତି ସ୍ୱଧା ଦ୍ୱେସିଂ , ଜିଲ୍ଲାପାଳ ରାୟଗଡ ଯୋଗଦାନ କରି ହିତାଧିକାରୀ ଗୋଷ୍ଠୀକୁ ମଞ୍ଜୁର ଅର୍ଥର ସଠିକ ଯୋଜନା କରି ତାହାର ବିନିଯୋଗ ଉପରେ ଅନୁରୋଧ କରିଥିଲେ । ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଅଗ୍ରଣୀ ଶାଖା ପକ୍ଷରୁ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଏଲ୍.ଡି.ଏମ୍ ଶ୍ରୀ ଧୀରେନ୍ଦ୍ର ବିହାରୀ ପରିଚାଳନା କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ପିଡି.ଡି.ଆର୍.ଡି.ଏ ରାୟଗଡ ରବିନାରାୟଣ ତ୍ରିପାଠୀ, ଏସବିଆଇର ଆଞ୍ଚଳିକ ପ୍ରବନ୍ଧକ ରାଜେନ୍ଦ୍ର ନାରାୟଣ ସାହୁ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଜାଜ୍ଞସେନି ବେହେରା, ପୌର ନିର୍ବାହୀ ଅଧିକାରୀ ୟାସ୍ୱିର ବିଲକ୍ଷଲ ଅହମଦ,ଡ଼ିପିସି ମିଶନ ଶକ୍ତି ନିରଞ୍ଜନ ମଲ୍ଲିକ, ଡିପିଏମ ଓଡ଼ିଶା ଜୀବିକା ମିଶନ ହେମନ୍ତ କୁମାର ବାଘ,ଡିପିଏମ ଓରମାସ ମନୋଜ କୁମାର ପାତ୍ର ଓ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଉପସ୍ଥିତ ଅତିଥି ମାନଙ୍କ ହସ୍ତରେ ୫.୩୯ କୋଟିର ଚେକ ସହିତ ହିତାଧିକାରୀଙ୍କ ଋଣପତ୍ର ପ୍ରଦାନ କରାଯାଇଥିଲା କ୍ଷ ସର୍ବଶେଷରେ ଆଞ୍ଚଳିକ ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ତୁଳସୀଦାସ ପାଢ଼ୀ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ସମର୍ଥ ଆବାସିକ ସମ୍ପାଦକ ନା'ରେ ପୁଣି ମାଳ ମାଳ ଅଭିଯୋଗ ଆଣିଲେ ଅଭିଭାବକ ଓ ପୂର୍ବତନ କର୍ମଚାରୀମାନେ

ଛତ୍ରପୁର ୦୬/୭ (ନି.ପ୍ର) : ଆଜି ମଧ୍ୟ ପୁଣି ସମର୍ଥ ଆବାସିକ ସ୍ୱତନ୍ତ୍ର ବିଦ୍ୟାଳୟର ସମ୍ପାଦକ କେ.ଆନନ୍ଦ ରାଓଙ୍କ ନାମରେ ମାଳ ମାଳ ଅଭିଯୋଗ ଆଣିଛନ୍ତି ଅଭିଭାବକ ଓ ବିଦ୍ୟାଳୟର ପୂର୍ବତନ କର୍ମଚାରୀ ମାନେ । ଏପରକି ବିଦ୍ୟାଳୟରେ ରମ୍ଭା ଅଂଚଳର ସପ୍ତମ ଶ୍ରେଣୀ ଅଧ୍ୟୟନ କରୁଥିବା ଜଣେ ଦିବ୍ୟାଙ୍ଗ ଛାତ୍ରୀଙ୍କୁ ଏଠାରେ ସୁରକ୍ଷିତ ମନ ନକରି ପରିବାର ଲୋକ ନିଜ ଘରକୁ ନେଇଯାଇଥିବା ଦେଖିବାକୁ ମିଳିଛି । ଏହାସହିତ ଆଡମିଶନ ବେଳେ ସମ୍ପାଦକ ତାଙ୍କ ଠାରୁ ୫ହଜାର ନେଇଥିବା ସପ୍ତମ ଶ୍ରେଣୀ ଅଧ୍ୟୟନ ଥିବା ଛାତ୍ରୀଙ୍କ ମାଆ ନର୍ମଦା ନାହାକ ଅଭିଯୋଗ କରିଛନ୍ତି । ମାସକୁ ମାସ ତାଙ୍କ ଠାରୁ ୩ଶହ ଟଙ୍କା ଦେୟ ନେଇଥିବା ମଧ୍ୟ ସେ କହିଛନ୍ତି । ସେମାନଙ୍କ ପିଲାଙ୍କ ବ୍ୟାଙ୍କ ପାସବୁକ୍ ଅନ୍ୟନ୍ୟା କାଗଜ ପତ୍ର ସମ୍ପାଦକ ନିଜ ପାଖରେ ରଖିଛନ୍ତି । ଏହାକୁ ମାଗିଲେ ମଧ୍ୟ ସେମାନଙ୍କୁ ଦିଆଯାଉନାହିଁ ବୋଲି ପୋଲସରା ଅଂଚଳର ସନ୍ତୋଷ କୁମାର ଷଡଙ୍ଗୀ , ଧରାକୋଟ ଅଂଚଳର ସନ୍ତୋଷ କୁମାର ପରିଡା ଅଭିଯୋଗ କରିଛନ୍ତି । ସେମାନଙ୍କ ପିଲାମାନଙ୍କୁ ଏଠାରୁ କାଢି ଦେଇଥିଲେ ମଧ୍ୟ ଏଯାବତ ଅନୁଷ୍ଠାନ ପକ୍ଷରୁ ଟିସି ଦିଆଯାଇନାହିଁ । ଏନେଇ ବାରମ୍ବାର ମାଗିଲେ ସେମାନଙ୍କୁ ଧମକ ଦିଆଯାଉଛି ବୋଲି ଦୁହେଁ କହିଛନ୍ତି । ଅନୁଷ୍ଠାନ ସମ୍ପାଦକଙ୍କ ଦ୍ୱାରା ନିର୍ଯ୍ୟାତନାର ଶୀକାର ହୋଇଥିବା ପୂର୍ବତନ କର୍ମଚାରୀ ସତ୍ୟନାରାୟଣ ଦାଶ କହିଛନ୍ତି ଯେ ଗତ କିଛି ବର୍ଷ ତଳେ ସମର୍ଥ ଅନୁଷ୍ଠାନରେ ବିଭିନ୍ନ ଯୌନ କେଳଙ୍କାରୀ ହେଉଥିବା ଜାଣିବା ପରେ ସେ ଏସମ୍ପର୍କରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଯାହାଫଳରେ ଅନୁଷ୍ଠାନ ସମ୍ପାଦକ ତାଙ୍କୁ ବିତାଡିତ କରିଦେଇଥିଲେ । ସ୍କୁଲ କୁ ପିଲାଙ୍କ ସଂଖ୍ୟା କେତେ ଅଛନ୍ତି ବୋଲି ପ୍ରଶାସନିକ ଅଧିକାରୀ ମାନେ ପରିଦର୍ଶନ ଆସିଲା ବେଳେ ଅନ୍ୟ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ସମର୍ଥ ଅନୁଷ୍ଠାନ ଅଣାଯାଇ ଦେଖାଯାଉଥିଲା । ଏହାସହିତ ପିଲାମାନଙ୍କ ନିମ୍ନମାନର ଖାଦ୍ୟ ଯୋଗାଦିଆଯାଉଥିଲା। ଏହାକୁ ଆମେ ବିରୋଧ କଲେ ଆମକୁ ବିଭିନ୍ନ ଧମକ ଦିଆଯାଉଥିଲା। ଯେହେତୁ ସେ ଜଣେ ଦିବ୍ୟାଙ୍ଗ ସେଥିପାଇଁ ଆମେ ମଧ୍ୟ ଭୟଭୀତ



ରହୁଥିଲୁ । ଏବେ ଆମ ସମସ୍ତେ ଏକାଠି ନ୍ୟାୟ ନିମନ୍ତେ ଆଗକୁ ଆସିଛୁ ବୋଲି ସତ୍ୟ ନାରାୟଣ ଦାଶ ନିଜ ପ୍ରତିକ୍ରିୟାରେ କହିଛନ୍ତି । ସବୁବେଳେ ବିଦ୍ୟାଳୟରେ କମ୍ ସଂଖ୍ୟକ ପିଲା ରହୁଥିଲେ ମଧ୍ୟ ଅନୁଷ୍ଠାନର ସମ୍ପାଦକ ଅଧିକ ପିଲା ଦର୍ଶାଇ ଅର୍ଥ ଲୁଟିଆସୁଛନ୍ତି ବୋଲି ମଧ୍ୟ ବହୁ ଅଭିଭାବକ ଓ ପୂର୍ବତନ କର୍ମଚାରୀ ମାନେ କହିଛନ୍ତି । ଏଭଳି କରୋନା ମହାମାରୀ ସମୟରେ ପିଲାଙ୍କ ନିମନ୍ତେ ଆସିଥିବା ଟଙ୍କା ମଧ୍ୟ ହରିଲୁଟ କରିଛନ୍ତି ବୋଲି ସେମାନେ କହିଛନ୍ତି । ଯେହେତୁ ସମସ୍ତ ପିଲା ବ୍ୟାଙ୍କ ପାସବୁକ ଓ ଚେକ୍ ତାଙ୍କ ପାଖରେ ରହୁଛି । ସୂଚନା ମୁତାବକ ସମର୍ଥ ଆବାସିକ ସ୍ୱତନ୍ତ୍ର ବିଦ୍ୟାଳୟ ର ଶିକ୍ଷୟତ୍ରୀ ଏବଂ କର୍ମଚାରୀଙ୍କ ସହ ଶାରିରୀକ ସମ୍ପର୍କ ରଖିବାକୁ ବାଧ କରିବା ସହ ପିଲାଙ୍କ ପାଇଁ ଆସୁଥିବା ଟଙ୍କା ଆତ୍ମସାତ୍ କରୁଛନ୍ତି । ୧୧୪ ଜଣ ଦିବ୍ୟାଙ୍ଗ ପିଲାଙ୍କ ନାମରେ ୧୭୬୦ ଟଙ୍କା ମାସିକ ଆସୁଥିବା ବେଳେ କମ ପିଲା ରଖି ତାଙ୍କ ନାମରେ ଆସୁଥିବା ଅନୁଦାନ କୁ ହରିଲୁଟ କରୁଥିବା ଅଭିଯୋଗ ନେଇ ସୋମବାର ବିଦ୍ୟାଳୟର ଅନ୍ୟ ଶିକ୍ଷକ ଓ କର୍ମଚାରୀ ମାନେ ଗଂଜାମ ଜିଲ୍ଲାପାଳ ଓ ଏସପି ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ରେ ଜିଲ୍ଲାପାଳ ଭେଟି ଅନୁଷ୍ଠାନର ସମ୍ପାଦକ କେ .ଆନନ୍ଦ ରାଓଙ୍କ ନାମରେ ଅଭିଯୋଗ କରିଛନ୍ତି । ଖାଲି ସେତିକି ନୁହେଁ, କରୋନା ସମୟରେ ପିଲାଙ୍କ ପାଇଁ ଆସିଥିବା ଟଙ୍କା, ବିଦ୍ୟାଳୟ ଶିକ୍ଷକଙ୍କ ମନ ଇଚ୍ଛା ଦରମା ବନ୍ଦ କରିବା, ଶିକ୍ଷକଙ୍କୁ ଘର ତିଆରି କାମରେ ଲଗାଇବା, ଶିକ୍ଷକ ମାନଙ୍କୁ ଶାରିରୀକ, ମାନସିକ ନିର୍ଯ୍ୟାତନା ବେଆଇନ ଭାବେ ପିଲାଙ୍କ ଠାରୁ ୧୭୦୦ ଟଙ୍କା ଆଡମିସନ ଫି ବାବଦକୁ ନେଉଥିବା ନେଇ ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି । ଏହା ସହିତ ବିଦ୍ୟାଳୟର ମହିଳା କେରଟେକର ଓ କର୍ମଚାରୀମାନଙ୍କୁ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦିଆଯାଉଥିବା ନେଇ ଛତ୍ରପୁର ଥାନା ରେ ମଧ୍ୟ ଜଣେ ମହିଳା ସମ୍ପାଦକ ଶ୍ରୀ ରାଓଙ୍କ ନାମରେ ଏତଲା ପ୍ରଦାନ କରିଥିଲେ । ଅନ୍ୟ ପକ୍ଷରେ ସମସ୍ତ ଅଭିଯୋଗ ଗୁଡିକ ସମ୍ପର୍ଣ୍ଣ ମିଥ୍ୟା ବୋଲି ସମର୍ଥ ଆବାସିକ ସ୍ୱତନ୍ତ୍ର ବିଦ୍ୟାଳୟର ସମ୍ପାଦକ କେ. ଆନନ୍ଦ ରାଓ କହିଛନ୍ତି ।

## ଭତ୍ତା ମିଳିବ କେବେ ଓ କେଉଁଠି ?

ନିମାପଡ଼ା ୦୬/୭ (ନି.ପ୍ର) : ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ରେ ଭତ୍ତା ବଣ୍ଟନରେ ବହୁ ସମସ୍ୟା ଦେଖା ଦେଇଛି ।ପ୍ରାୟ ତିନି ମାସରୁ ଉର୍ଦ୍ଧ୍ୱ ହେବ ବହୁ ହିତାଧିକାରି ଭତ୍ତା ନପାଇ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ପୂର୍ବରୁ ପ୍ରତି ମାସ ୧୫ ତାରିଖରେ ପଞ୍ଚାୟତ କାର୍ଯ୍ୟଳୟ ମାନଙ୍କରେ ଭତ୍ତା ଦିଆଯାଉଥିଲା ।ମାତ୍ର ଗତ ପଞ୍ଚାୟତ ନିର୍ବାଚନ ପର ଠାରୁ କେତେକ ଭତ୍ତା ହିତାଧିକାରୀ ପଞ୍ଚାୟତରେ ଭତ୍ତା ପାଉଥିବା ବେଳେ ଆଉ କେତେକଙ୍କୁ ବ୍ୟାଙ୍କକୁ ଭତ୍ତା ଯାଇଛି ବୋଲି କୁହା ଯାଉଛି ।ମାତ୍ର ତିନି ମାସରୁ ଉର୍ଦ୍ଧ୍ୱ ହେବ ବହୁ ହିତାଧିକା ରି ବ୍ୟାଙ୍କ କୁ ଗୈଡ଼ି ଗୈଡ଼ି ନିରାଶ ହୋଇ ଫେରୁଛନ୍ତି ।ଯଦି ସରକାର ବ୍ୟାଙ୍କ ମାଧ୍ୟମରେ ଭତ୍ତା ଦେବେ ତେବେ କେତେ ତାରିଖରେ ଭତ୍ତା ହିତାଧିକାରିମାନେ ବ୍ୟାଙ୍କରୁ ପାଇବେ ସେ ସଂପର୍କରେ ସୂଚନା ମିଳୁନି । ଏ ସମ୍ପର୍କରେ ସରପଂଚ୍ ଙ୍କୁ ପଚାରି ବାରେ ସେ ମଧ୍ୟ ସଠିକ୍ ତଥ୍ୟ ଦେଇ ପାରୁନାହାନ୍ତି ।ମୃତ ଲୋକ ଙ୍କ ନାମରେ ଭତ୍ତା ହଡ଼ପ ହେଉଥିଲା ବୋଲି ସରକାର ବ୍ୟାଙ୍କ ମାଧ୍ୟମରେ ଭତ୍ତା ପ୍ରଦାନ ଲାଗି ପଦକ୍ଷେପ ନେଇଛନ୍ତି ।ଏହା ସ୍ୱାଗତ ଯୋଗ୍ୟ, ମାତ୍ର ପ୍ରତି ମାସରେ ଭତ୍ତା ବ୍ୟାଙ୍କ ମାଧ୍ୟମରେ ହେଉ କି ପଞ୍ଚାୟତ କାର୍ଯ୍ୟାଳୟରେ ହେଉ ଭତ୍ତା ଦିଆଯାଉ ।ତିନି ମାସ ଧରି ବହୁ ଅସହାୟ, ବିଧବା ,ସ୍ୱାମୀ ପରିତ୍ୟକ୍ତା ଓ ୭୦ ରୁ ଉର୍ଦ୍ଧ ବୟସ୍କ ଭତ୍ତାଧିକାରୀ ଭତ୍ତା ନପାଇ ବହୁ ହଇରାଣ ହେଉ ଛନ୍ତି ।ରାଜ୍ୟ ସରକାର ଏଥି ପ୍ରତି ଦୃଷ୍ଟି ଦେବାକୁ ହିତାଧିକାରୀମାନେ ଦାବି କରିଛନ୍ତି ।

## ଗାନ୍ଧୀ ଗୋପବନ୍ଧୁଙ୍କ ପାଇଁ ପଇସା ନାହିଁ



ପାଟଣା ୦୬/୭ (ନି.ପ୍ର) : ପାଟଣା ବ୍ଲକ ମୁଖ୍ୟାଳୟର ଗୋପୀନାଥ ନାରାୟଣ ଉଚ୍ଚ ବିଦ୍ୟାଳୟର ସ୍ୱତନ୍ତ୍ର ଗାରିମା ରହିଛି । ଆଦିବାସୀ ଅଧ୍ୟୁଷିତ ଏହି ବ୍ଲକ ଅଞ୍ଚଳରେ ଶିକ୍ଷାର ଆଲୋକ ବର୍ତ୍ତିକା ପାଲଟିଥିବା ଏହି ସରକାରୀ ଉଚ୍ଚ ବିଦ୍ୟାଳୟଟି ସର୍ବଦା ସରକାରୀ ଅବହେଳାର ଶିକାର ହୋଇଆସିଛି । ବିଦ୍ୟାଳୟଟି ସମ୍ପର୍କରେ ଖବର ପ୍ରକାଶନ ପରେ ଏହାକୁ ୫-ଟିରେ ସାମିଲ କରାଗଲା ସତ ଏଠାରେ ୫-ଟିର ମୂଳ ଲକ୍ଷ ସାଧିତ ହୋଇନାହିଁ ବୋଲି ସ୍ଥାନୀୟ ବୁଦ୍ଧିଜୀବି ମାନେ ଅସନ୍ତୁଷ୍ଟ ଅଛନ୍ତି । ଆଶ୍ଚର୍ଯ୍ୟର କଥା ଏହି ଯେ ବିଦ୍ୟାଳୟର ପ୍ରବେଶ ପଥ ତଥା ମଧ୍ୟଭାଗରେ ଅତୀତରେ କିଛି ଦେଶପ୍ରେମୀଙ୍କ ଉଦ୍ୟମରେ ଏଠାରେ ଜାତିର ପିତା ମହାତ୍ମାଗାନ୍ଧୀ ଓ ଉତ୍କଳମଣି ଗୋପବନ୍ଧୁଙ୍କ ଆବକ୍ଷ ପ୍ରତିମୂର୍ତ୍ତି ସହ ଅଶୋକସ୍ତମ୍ଭ ସ୍ଥାପିତ ହୋଇଥିଲା । ଏହା ବିଦ୍ୟାଳୟର ଗାରିମା ବୃଦ୍ଧି କରୁଥିଲା । ମାସ ମାସ ଧରି ଏହି ବିଦ୍ୟାଳୟର ୫-ଟି ଉନ୍ନତିକରଣ ବା ରୂପାନ୍ତରିକରଣ ସମୟରେ କେବଳ ଫୁଲ ଗଛ ଲଗାଇବାପାଇଁ ଗାନ୍ଧୀ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିକୁ ଉଠାଇ ଦିଆଗଲା । ଏ ସମ୍ପର୍କରେ କୁହାଗଲା ଯେ ଏହାକୁ ଉଦଘାଟନ ପୂର୍ବରୁ ସ୍ଥାପନ ହୋଇଯିବ । ଇତି ମଧ୍ୟରେ ଜୁନ ୪ ରୁ ଉଦଘାଟନ ପର୍ବ ମଧ୍ୟ ଧୁମଧାମରେ ସରିଗଲାଣି କ୍ଷ ଏବେ ମଧ୍ୟ ଗାନ୍ଧୀ ଗୋପବନ୍ଧୁଙ୍କ ଆବକ୍ଷ ପ୍ରତିମୂର୍ତ୍ତିକୁ ସ୍ଥାପନ କରାଯାଇନାହିଁ । ଏ ସମ୍ପର୍କରେ ତଦନ୍ତ କରାଯିବା ପରେ କୁଆଡେ ଠିକାଦାରଙ୍କ ବିଲ ପାସ ହୋଇନଥିବାରୁ ଠିକାଦାର ଏହି କାମକୁ ପକାଇ ରଖିଛନ୍ତି । ନଗଦ ଅର୍ଥରେ ଏଠାରେ ବହୁବିଧ ଉପଯୋଗୀ ମଣ୍ଡପ, ସାଇକେଲ ଷ୍ଟାଣ୍ଡ ନିର୍ମାଣ ଓ ରଙ୍ଗୀନ ଇଟା ପକାଯାଇ ଫୁଲଗଛ ଲଗାଇବା ବ୍ୟବସ୍ଥା ପାଇଁ ଅର୍ଥ ଥିବାବେଳେ ଗାନ୍ଧୀ ଗୋପବନ୍ଧୁଙ୍କ ବେଳକୁ ପଇସା ନାହିଁ କହି ଆବକ୍ଷ ପ୍ରତିମୂର୍ତ୍ତିକୁ କୋଠରୀରେ ପକାଇ ରଖାଯିବ କେତେଦୂର ଯୁକ୍ତିଯୁକ୍ତ ଏ ନେଇ ଭିନ୍ନ ଚର୍ଚ୍ଚା ହୋଉଛି । ଏନେଇ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ପୁରୁଷୋତ୍ତମ ସାହୁଙ୍କୁ ଯୋଗାଯୋଗ କରାଯିବା ପରେ ସମୟ ଦେଖି ଏହି କାମ ଶୀଘ୍ର କରାଯିବ ବୋଲି ପ୍ରକାଶ କରିଛନ୍ତି ।

## ସାଇବର ବୀମା କଭର୍

ମୁମ୍ବଇ,୬/୭ : ଭାରତର ଅନ୍ୟତମ ଅଗ୍ରଣୀ ସାଧାରଣ ବୀମା କମ୍ପାନୀ ଏସବିଆଇ ଜେନେରାଲ ଇନସ୍ୟୁରାନ୍ସ ବ୍ୟକ୍ତିବିଶେଷଙ୍କ ପାଇଁ ଏକ ପୂର୍ଣ୍ଣାଙ୍ଗ ସାଇବର ବୀମା କଭର୍ ଯୋଗାଇ ଦେଉଥବା ସାଇବର ଭଲ୍‌ଟଏଜ ବୀମା ଯୋଜନା ପ୍ରଚଳନ କରିଛି, ଯାହା ସାଇବର ଆପଦ ଏବଂ ଆକ୍ରମଣ କାରଣରୁ ହେଉଥିବା ଆର୍ଥିକ କ୍ଷତି ବିରୋଧରେ ସୁରକ୍ଷା ପ୍ରଦାନ କରୁଛି । ମହାମାରୀ ସମସ୍ତ ସେବା କ୍ଷେତ୍ରରେ ଡିଜିଟାଲ ଭିତ୍ତିଭୂମି ଲାଗୁରେ ଉଲ୍ଲେଖନୀୟ ବୃଦ୍ଧି ଘଟାଇଛି । ବ୍ୟକ୍ତିବିଶେଷମାନେ ଅର୍ଥ ପୈଠ ସମେତ ଅଧିକାଂଶ ସେବା ପରିଚାଳନା ନିମନ୍ତେ ଘରେ ରହି କାର୍ଯ୍ୟକରିବା ପଦ୍ଧତି ସହିତ ବହୁବିଧ ଡିଜିଟାଲ ପଦ୍ଧତି ଆପଣେଇବାକୁ ବାଧ୍ୟ ହୋଇଥିଲେ । ଏହା ଏକ ସ୍ୱାଗତଯୋଗ୍ୟ ଘଟଣାକ୍ରମ ହୋଇଥିବାବେଳେ ବ୍ୟାପକ ଡିଜିଟାଇଜେସନ ଏବଂ ଇଣ୍ଟରନେଟ ବ୍ୟବହାରିତା ବୃଦ୍ଧି ଦ୍ୱାରା ସାଇବର ଆକ୍ରମଣ ଆଶଙ୍କା ମଧ୍ୟ ବୃଦ୍ଧିପାଉଛି । ସାଇବର ଅପରାଧ ଯୋଗୁ ବ୍ୟକ୍ତିବିଶେଷ ସମ୍ମୁଖୀନ ହେଉଥିବା ବର୍ଦ୍ଧିତ ଆପଦ ଏବଂ ଖ୍ୟାତିରେ ଆଞ୍ଚ ଆସିବା ଭଳି ପରିସ୍ଥିତି, କ୍ରେଡିଟ କାର୍ଡ, ଡେବିଟ କାର୍ଡ କାରବାରରେ ଜାଲିଆତି, ବ୍ୟକ୍ତିଗତ ସୂଚନା ଚୋରି ଆଦିର ସମାଧାନ ସକାଶେ ଏସ୍‌ବିଆଇ ଜେନେରାଲ ପକ୍ଷରୁ ଏସବିଆଇଜେନେରାଲ ସାଇବର ଭଲ୍‌ଟଏଜ ଡିଜାଇନ କରାଯାଇଛି ଯାହା ବହୁବିଧ ଫାଇଦା ପ୍ରଦାନ କରିବା ସହିତ ବ୍ୟକ୍ତିବିଶେଷଙ୍କୁ ସାଇବର ଆପଦ ବିରୋଧରେ ସୁରକ୍ଷା ପ୍ରଦାନ କରୁଛି ଏବଂ ସେମାନଙ୍କୁ ଇଣ୍ଟରନେଟରେ କାର୍ଯ୍ୟ କରିବା ଅଥବା ଡିଜିଟାଲ ଦେଣନେଣ କରିବା ସମୟରେ ଏହିଭଳି ଘଟଣା ବିରୋଧରେ ସୁରକ୍ଷିତ ରଖିବାକୁ ସୁଯୋଗ ପ୍ରଦାନ କରୁଛି । ଅଣସ୍ୱୀକୃତ ଇ-କାରବାର, ପରିଚୟ ଚୋରି କାରଣରୁ ବେତନ ହରାଇବା, ସାମାଜିକ ଗଣମାଧ୍ୟମରେ ତାଚ୍ଛଲ୍ୟ କରିବା, ବଦମାସି କରିବା ଏବଂ ସେମାନଙ୍କର ପିଛା କରିବା ସମେତ ଅନ୍‌ଲାଇନରେ ଖ୍ୟାତିରେ ଆଞ୍ଚ ଆଣିବା ଭଳି ବିଷୟକୁ ମଧ୍ୟ ଏହା କଭର୍ କରୁଛି । ଆନନ୍ଦ ପେଜାଓ୍ୱାର, ଡେପୁଟି ମ୍ୟାନେଜିଂ ଡାଇରେକ୍ଟର, ଏସବିଆଇ ଜେନେରାଲ ଇନସ୍ୟୁରାନ୍ସ କହିଛନ୍ତି, "ଇଣ୍ଟରନେଟ ଆମ ଜୀବନକୁ ସହଜ କରିଦେଇଥିବାବେଳେ ଏହା ମଧ୍ୟ ଏଭଳି ଏକ ବିଶ୍ୱ ସୃଷ୍ଟିକରିଛି ଯାହା ଅତ୍ୟନ୍ତ ବିପଜ୍ଜନକ ହୋଇପଡିଛି, ଯାହା ପୂର୍ବରୁ କେବେ ଦେଖାଯାଇନଥିଲା । ଡିଜିଟାଲ ରୂପାନ୍ତରଣ କେନ୍ଦ୍ରୀୟ ସ୍ଥାନ ନେଉଥିବାବେଳେ ବ୍ୟକ୍ତିବିଶେଷ ନୂଆ ଯୁଗର ଆପଦ ଅଧିକରୁ ଅଧିକ ସମ୍ମୁଖୀନ ହେବା ଆଶଙ୍କା ବୃଦ୍ଧିପାଉଛି । ଏସବିଆଇ ଜେନେରାଲରେ ଆମେ ଆବଶ୍ୟକତା ଭିତ୍ତିକ ଉତ୍ପାଦ ଡିଜାଇନ ନିମନ୍ତେ ପ୍ରୟାସ କରୁଛୁ ଯାହା ଗ୍ରାହକମାନଙ୍କର ପରିବର୍ତ୍ତିତ ଆବଶ୍ୟକତା ପ୍ରତି ଦୃଷ୍ଟି ଦେଇପାରିବ ।

## ଲକ୍ଷ୍ମଣପଲ୍ଲୀ ଗ୍ରାମରେ ମାଗଣା ପରଳ ଚକ୍ଷୁ ଚିକିତ୍ସା ଶିବିର

ପୋଲସରା ୦୬/୭ (ନି.ପ୍ର) :ପୋଲସରା ବ୍ଲକ ଅନ୍ତର୍ଗତ ଲକ୍ଷ୍ମଣପଲ୍ଲୀ ଗ୍ରାମରେ ଇକୋସ୍ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଏକ ମାଗଣା ପରଳ ଚକ୍ଷୁ ଚିକିତ୍ସା ଶିବିର ଜୁଲାଇ ୦୪ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଓମ୍ ଚାରିଟେବୁଲ ଟ୍ରଷ୍ଟର ନିର୍ଦ୍ଦେଶକ ଦେବେଶ କୁମାର ପ୍ରଧାନ, ଯୁବନେତା ଦିଲ୍ଲୀପ କୁମାର ପ୍ରଧାନ ଓ ଜନକଲ୍ୟାଣ ଯୁବକ ସଂଘର କର୍ମକର୍ତ୍ତା ମାନେ ଆୟୋଜନ କରିଥିଲେ । ଚକ୍ଷୁ ଚିକିତ୍ସା ଶିବିରରେ ୧୧୦ ଜଣ ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା ହୋଇଥିଲା । ସେମାନଙ୍କ ମଧ୍ୟରୁ ୪୫ ଜଣ ରୋଗୀଙ୍କୁ ମାଗଣା ପରଳ ଅସ୍ତ୍ରୋପଚାର ପାଇଁ ଇକୋସ୍ ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଥିଲା । ଇକୋସ୍ ଚକ୍ଷୁ ଚିକିତ୍ସାଳୟର କ୍ୟାମ୍ପ୍ ମ୍ୟାନେଜର ନଳିନୀକାନ୍ତ ରାଉତ, ଚିଫ ଅପଥୋମିଷ୍ଟ ହରିଶ୍ କୁମାର ସାହୁ, କାଲେବ ଜେନା, ଶ୍ରୀକାନ୍ତ ଦାସ, ପ୍ରଭାକର ଦାସ, ନରେଶ ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବନ୍ଧକ ପଡିଛନ୍ତି କଳାହାଣ୍ଡିର ଦାଦନ ଶ୍ରମିକ ଉଦ୍ଧାର ପାଇଁ ଆକୁତି ବିନତି ଭିଡିଓ ଜାରି

ଗୋଲାମୁଣ୍ଡା ୦୬/୭ (ନି.ପ୍ର) :ଥମୁନି ଦାଦନ ସମସ୍ୟା ପେଟ ପାଟଣା ପାଇଁ ଘର ଛାଡି ଯାଇଥିବା ଶ୍ରମିକ କେତେବେଳେ ଶବ ହୋଇ ଗାଁ କୁ ଫେରୁଛି ତ ପୁଣି କେତେବେଳେ ବନ୍ଧାପଡି ନିର୍ଯ୍ୟାତନା ର ଶିକାର ହୋଉଛି । ଏଭଳି ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ ସରକାରଙ୍କ ଚେତା ପସୁନାହିଁ ବିଭାଗର ନିଘା ନାହିଁ କ୍ଷ ଅନ୍ୟପଟେ ବୁଦ୍ଧିଜୀବୀମାନେ ଏଭଳି ଦାଦନ ସମସ୍ୟା ପାଇଁ ଶ୍ରମ ବିଭାଗକୁ ଦାୟୀ କରିଛନ୍ତି । ଶ୍ରମିକଙ୍କ ପାଇଁ ମନରେଗା ଭଳି ଯୋଜନା ହୋଇଥିଲେ ମଧ୍ୟ ଠିକ୍ ଭାବେ କାମ ଓ ପାଉଣା ମିଳି ପାରୁନାହିଁ । ଶ୍ରମିକଙ୍କ ସୁରକ୍ଷା ଓ ନାମ ପଞ୍ଜିକରଣ ଶ୍ରମ ବିଭାଗର ମୁଖ୍ୟ କାମ ହୋଇଥିବା ବେଳେ ସେମାନେ ଏଦିଗରେ କୌଣସି କାର୍ଯ୍ୟ



କରୁନଥିବାରୁ ବୁଦ୍ଧିଜୀବୀ ମହଲରେ ଶ୍ରମ ବିଭାଗକୁ ସମାଲୋଚନା କରାଯାଇଛି । ଅନ୍ୟପଟେ ଅଧିକ ରୋଜଗାର ଲୋଭ ରଖି ମଧ୍ୟ ବାହାର ଦେଶକୁ ଯାଉଛନ୍ତି ଶ୍ରମିକ । ତେବେ ଏଠୁ ଶ୍ରମିକଙ୍କୁ ବିଭିନ୍ନ ଲୋଭ ଦେଖାଇ ଦଲାଲ ମାନେ ନେଉଥିବା ବେଳେ ବାହାର ଦେଶରେ ଛାଡିବା ପରେ ସେସବୁ ଭୁଲି ଯାଆନ୍ତି । ଉଚିତ ପାଉଣା ନଦେଇ ଦଲାଲମାନେ ସେମାନଙ୍କୁ ନିର୍ଯାତନା ଦେଉଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ବର୍ତମାନ ସୁଚନା ମତେ କଳାହାଣ୍ଡି,ବଲାଙ୍ଗିର ଓ ସମ୍ବଲପୁର ଜିଲ୍ଲାର ସମୁଦାୟ ୧୪ଟି ପରିବାର ର ୨୦ ଜଣ ଦାଦନ ଶ୍ରମିକ ଠିକାଦାର ଙ୍କ ନିର୍ଯ୍ୟାତନା ର ଶିକାର ହୋଉଥିବା ଜଣାପଡିଛି । ଗତ ସାତ ମାସ ତଳେ ବଲଙ୍ଗିର ଜିଲ୍ଲା ର ବେଣୁଦାସ ନାମକ ଜଣେ ଦଲାଲ ଦାଦନ ମାନଙ୍କୁ ପ୍ରଲୋଭନ ଦେଖାଇ ଅଗ୍ରିମ କିଛି ଟଙ୍କା ଦେଇ ତେଲେଙ୍ଗାନା ରାଜ୍ୟର ରଙ୍ଗାରେଡି ଜିଲ୍ଲା ର କବାଡିପଲ୍ଲି ଗାଁ ର କେ-ଭେନକେଟେଶ୍ୱରୀ ନାମକ ଇଟାଭାଟି ଠିକାଦାର ପାଖରେ ବନ୍ଧା ପକାଇ ପଳେଇ ଆସିଥିଲା । ଠିକାଦାର ଜଣକ ଦାଦନ ଶ୍ରମିକ ମାନଙ୍କୁ ଦିନରାତି ଖଟାଇ ନିର୍ଯ୍ୟାତନା ଦେଉଥିବାର ଜଣାପଡିଛି । ଏପରି କି ପାରିଶ୍ରମିକ ମାଗିଲେ ବାଡିଆ ପିଟା କରିବା ସହ ଘରକୁ ଆସିବାକୁ ଦେଉନାହିଁ । ଏଭଳି ନିର୍ଯ୍ୟାତିତ ହୋଇ ନଖାଇ ନପିଇ ବିକଳ ଅବସ୍ଥା ରେ ପଡ଼ି ରହିବା ସହ ଉଦ୍ଧାର ପାଇଁ ଦାଦନ ଶ୍ରମିକ ମାନେ ଭିଡିଓ ଜାରି କରିଛନ୍ତି । ଯାହା ଏବେ ସୋସିଆଲ ମେଡ଼ିଆ ରେ ଭାଇରାଲ ହେବାରେ ଲାଗିଛି । ଭାଇରାଲ ପରେ ବିଭିନ୍ନ ମହଲରୁ ଦାଦନ ଶ୍ରମିକ ଙ୍କୁ ଉଦ୍ଧାର ପାଇଁ ଦାବି ହେଉଛି ।

## ଗୁଣିଗାରୁଡି ଅନ୍ଧବିଶ୍ୱାସ : ମହିଳାମାନେ ମାନିବାକୁ ନାରାଜ



ପୋଲସରା ୦୬/୭ (ନି.ପ୍ର) : ବିଜ୍ଞାନ ବହୁତ ଆଗେଇ ଏକବିଂଶ ଶତାବ୍ଦୀରେ ପଦାର୍ପଣ କରିସାରିଥିବା ବେଳେ ଗୁଣିଗାରୁଡି ଭଳି ଏକ ଅନ୍ଧବିଶ୍ୱାସ ଉପରେ ମହିଳା ମାନଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ ରହିଥିବା ପୋଲସରା ବ୍ଲକ ଅନ୍ତର୍ଗତ ଭାବରଡା ଗ୍ରାମ ଘଟଣାରୁ ଜଣାପଡ଼ିଛି । ଭାବରଡ଼ା ଗ୍ରାମ ବାସୀଙ୍କ ଅଭିଯୋଗ ଏହିଯେ କିଛିଦିନ ହେଲା ମହିଳାମାନଙ୍କ ପିନ୍ଧିବା ବସ୍ତ୍ରରୁ କେହି କାଟି ଗୁଣିଆ କରିବା ପାଇଁ ନେଉଅଛି । ଏହି ଖବର ଜାଣିବା ପରେ ପୋଲସରା ଥାନା ପୋଲିସ ଏବଂ ବ୍ଲକ ଓ ତହସିଲ ପ୍ରଶାସନ ପକ୍ଷରୁ ଜୁଲାଇ ୦୪ ତାରିଖ ଦିନ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଭାବରଡ଼ା ଗ୍ରାମର ବଡ଼ସାହିର ମା ଗ୍ରାମଦେବୀ ମଣ୍ଡପରେ ଅନୁଷ୍ଠିତ ସଚେତନତା ସଭାରେ ପୋଲସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧର୍ମରାଜ ପରିଡା , ଅତିରିକ୍ତ ତହସିଲଦାର ଶୋଭନ କୁମାର ବେହେରା ଓ ପୋଲସରା ଥାନା ଆଇଆଇସି ଜିତେନ୍ଦ୍ର କୁମାର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଶାସକ ବୃନ୍ଦ ଗ୍ରାମବାସୀ ଙ୍କୁ ଗୁଣିଗାରୁଡି ବିରୁଦ୍ଧରେ ସଚେତନ କରାଇଥିଲେ ମଧ୍ୟ ମହିଳା ମାନେ ବୁଝିବାକୁ ନାରାଜ । ଅନ୍ଧବିଶ୍ୱାସକୁ ନେଇ ପୁନର୍ବାର ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଆଇଆଇସି ପ୍ରକାଶ କରିଥିଲେ । ଗୁଣିଗାରୁଡିକୁ ବିଶ୍ୱାସ କରି ଯଦି କାହାକୁ ସନ୍ଦେହ କରି ଆଇନକୁ ହାତକୁ ନିଅନ୍ତି ତାହାହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ଆଇଆଇସି ଶ୍ରୀ ମଲ୍ଲିକ ଗ୍ରାମବାସୀଙ୍କୁ ସତର୍କ ବାଣୀ ଶୁଣାଇ ଥିଲେ ।

## ଗମ୍ଭାରୀମୁଣ୍ଡାରୁ ମଦ ବୋଝେଇ କାର ଜବତ

ବାଣପୁର ୦୬/୭ (ନି.ପ୍ର) :: ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅନ୍ତର୍ଗତ ଘାଷେଡିହ ଅଞ୍ଚଳରେ ପୋଲିସ ଚଢ଼ାଉ କରି ଏକ ମଦ ବୋଝେଇ କାରକୁ ଜବତ କରିଛି । ଖବର ମୁତାବକ ସୋମବାର ରାତିରେ ଘାଷେଡିହ ଅଞ୍ଚଳରୁ ଏକ ମଦ ବୋଝେଇ କାର ଆସୁଥିବାର ଗମ୍ଭାରୀମୁଣ୍ଡା ବିଟ ହାଉସ ଅଧିକାରୀ ହାଡିବନ୍ଧୁ ନାୟକ ଏକ ବିଶେଷ ସୂତ୍ରରୁ ଖବର ପାଇଥିଲେ । ସଙ୍ଗେସଙ୍ଗେ ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ପରେ ବାଲୁଗାଁ ଏସଡିପିଓଙ୍କ ନିର୍ଦ୍ଦେଶକ୍ରମେ ଏବଂ ବାଣପୁର ଆଇଆଇସିଙ୍କ ତତ୍ତ୍ୱାବଧାନରେ ଶ୍ରୀ ନାୟକ ଏକ ଟିମ ଗଠନ କରି ଉକ୍ତ ଅଞ୍ଚଳରେ ଚଢ଼ାଉ କରିଥିଲେ । ଚଢ଼ାଉ ବେଳେ ଏକ ବାଇଗଣୀ ରଙ୍ଗର କାରରେ (ଓଆର-୦୫-ଏଆର-୭୦୫୫) ମଦ ବୋଝେଇ ହୋଇ ଯାଉଥିବାର ଦେଖିବାକୁ ପାଇଥିଲା ପୋଲିସ ।

Printed, Published & Owned by Ramdas Lima, Published from Neheru Nagar 2nd Lane, Po/Dist.Rayagada(Odisha)765001, Printed at-Aditya Graphics, Hotel Kapilash Lane, New Colony, Po/Dist.Rayagada(Odisha). Mob:09438610559, Email: prajabartanews@gmail.com
Editor : Ramdas Lima, All legal matters subject to Rayagada Jurisdiction only ସମ୍ପାଦକ: ରାମଦାସ ଲିମା